

# 1

# ଅର୍ଥବ୍ୟବସ୍ଥା ଏବଂ ଏହାର ପ୍ରକ୍ରିୟା

# ECONOMY AND ITS PROCESSES

ସାଧାରଣ ମଣିଷ ହିସାବରେ ଆମେ ସମସ୍ତେ ବିଭିନ୍ନ କାର୍ଯ୍ୟରେ ନିଜକୁ ସମ୍ପୃକ୍ତ କରିଥାଉ । ଶିକ୍ଷାର୍ଥୀଟିଏ ସାଧାରଣତଃ ପଢିବା କାର୍ଯ୍ୟରେ ନିଜକୁ ନିଯୁକ୍ତ କରିଥାଏ । ବହୁତ ଲୋକ ଅର୍ଥ ଉପାର୍ଜନ କରିବା ପାଇଁ କାର୍ଯ୍ୟ କରିଥାନ୍ତି । ଆଉ ଯେଉଁମାନେ ଅର୍ଥ ଉପାର୍ଜନରେ ବ୍ୟସ୍ତ ନଥାନ୍ତି ସେମାନେ ନିଜେ କିଛି ନା କିଛି ସହ ଜଡିତ ହେବା ପାଇଁ ଚେଷ୍ଟା କରନ୍ତି, ଯାହାଦ୍ୱାରା କି ଆୟ କରାଯାଇପାରିବ । ଆମେ ସାଧାରଣତଃ ସଞ୍ଚୟ ଏବଂ ଖର୍ଚ୍ଚ କରିବା ପାଇଁ ଆୟ କରନ୍ତି । ତେଣୁ ଆୟ କରିବା, ଖର୍ଚ୍ଚ କରିବା ଏବଂ ସଞ୍ଚୟ କରିବା ଗୋଟିଏ ଗୋଟିଏ କାର୍ଯ୍ୟ । ଏହି କାର୍ଯ୍ୟଗୁଡିକ ହିଁ ଅର୍ଥନୈତିକ କାର୍ଯ୍ୟ ସମୂହ । (Economic Activities)

ଆୟରୁ ହିଁ ଖର୍ଚ୍ଚ ଏବଂ ସଞ୍ଚୟର ଉତ୍ପତ୍ତି । ଖର୍ଚ୍ଚ କରିବା ଏବଂ ସଞ୍ଚୟ କରିବାର ଆବଶ୍ୟକତା ହିଁ ମଣିଷକୁ ଆୟ କରିବା ପାଇଁ ଉତ୍ସାହିତ କରିଥାଏ । ଯଦି ଖର୍ଚ୍ଚ କରିବାର ଆବଶ୍ୟକତା ନଥାନ୍ତା, ତେବେ ଆୟ କରିବାର ପ୍ରଶ୍ନ ମଧ ଉଠୁନଥାନ୍ତା । ଅର୍ଥନୈତିକ ସମସ୍ତ କାର୍ଯ୍ୟ ନିଜ ନିଜ ମଧ୍ୟରେ ଜଡିତ- ଅର୍ଥାତ୍ ଗୋଟିଏ ଅନ୍ୟଟିର ପରିପୂରକ, ଠିକ୍ ମୁଦ୍ରାର ଦୁଇପାର୍ଶ୍ୱ ପରି ଗୋଟିଏ ଅନ୍ୟଟି ବିନା ଅସମ୍ଭବ ।

## ଉଦ୍ଦେଶ୍ୟ

ଏହି ପ୍ରସଙ୍ଗଟି ପଢିପାରିବା ପରେ ନିମ୍ନ ବିଷୟବସ୍ତୁ ଜାଣି ହେବ ।

- 'ଅର୍ଥ ବ୍ୟବସ୍ଥା'ଶବ୍ଦଟିର ଅର୍ଥ;
- 'ଅର୍ଥ ବ୍ୟବସ୍ଥା' ଶବ୍ଦଟି କେଉଁସବୁ ଦ୍ରବ୍ୟ ଏବଂ ସେବାକୁ ବୁଝାଏ;
- ଉତ୍ପାଦନ, ଉପଭୋଗ ଏବଂ ବିନିଯୋଗର ଅର୍ଥ;





- ମୋଟ ବିନିଯୋଗ ଏବଂ ପ୍ରକୃତ ବିନିଯୋଗ ମଧ୍ୟରେ ପ୍ରଭେଦ;
- 'ସଞ୍ଚୟ' ଶବ୍ଦଟିର ଅର୍ଥ;
- ବିଭିନ୍ନ ଅର୍ଥନୈତିକ ପ୍ରକ୍ରିୟା ମଧ୍ୟରେ ଥିବା ସମ୍ପର୍କ ।

## ୧.୧ ଅର୍ଥ ବ୍ୟବସ୍ଥା (Meaning of Economy)

ସାଧାରଣତଃ ଦେଖାଯାଏ, ଲୋକମାନେ ବିଭିନ୍ନ ଫାର୍ମ (କୃଷିକ୍ଷେତ୍ର, ଉତ୍ପାଦନ ଅନୁଷ୍ଠାନ) ସରକାରୀ କାର୍ଯ୍ୟାଳୟ, ଦୋକାନ, କାରଖାନା, ବିଦ୍ୟାଳୟ, ମହାବିଦ୍ୟାଳୟ, ଡାକ୍ତରଖାନା ଆଦି ଅନୁଷ୍ଠାନମାନଙ୍କରେ ଅର୍ଥ ରୋଜଗାର କରିବା ପାଇଁ କାର୍ଯ୍ୟ କରିଥାନ୍ତି । ଲୋକମାନେ ନିଜ କାର୍ଯ୍ୟ ବଦଳରେ ଅର୍ଥ ରୋଜଗାର କରିଥାନ୍ତି । ଏହି ଅର୍ଥ ବଦଳରେ ବିଭିନ୍ନ ଦ୍ରବ୍ୟ ଓ ସେବା ନିଜ ପାଇଁ ଉପଲବ୍ଧ କରିଥାନ୍ତି । ଆମେ ଆମର ବିଭିନ୍ନ ଆବଶ୍ୟକତାକୁ ପୂରଣ କରିବା ପାଇଁ ଏହି ଦ୍ରବ୍ୟଗୁଡିକ କିଣିଥାଉ । ବ୍ୟବସାୟୀମାନେ ମଧ୍ୟ ବ୍ୟବସାୟରେ ଲଗାଇବା ନିମନ୍ତେ ଦ୍ରବ୍ୟ ଓ ସେବା କିଣିଥାନ୍ତି ।

କାର୍ଯ୍ୟକ୍ଷେତ୍ର (Production Units):- ଯେଉଁଠାରେ ଲୋକମାନେ କାର୍ଯ୍ୟ କରି ରୋଜଗାର କରନ୍ତି, ତାହାହିଁ ଉତ୍ପାଦନ ଏକକ । ଯେଉଁସବୁ ଲୋକମାନେ ଏହି କାର୍ଯ୍ୟକ୍ଷେତ୍ରରେ ନିୟୋଜିତ ହୋଇଥାନ୍ତି, ସେମାନଙ୍କ ଜୀବିକା ଉପାର୍ଜନର ଏହା ଏକ ପନ୍ଥା । ନିୟୋଜିତ ହୋଇଥିବା ଲୋକମାନଙ୍କ ମଧ୍ୟରୁ କେତେଜଣ ପାରିଶ୍ରମିକ ତଥା ଦରମା, କେତେଜଣ ଭଡା ଦେଇ ଭଡା ଅର୍ଥ, ଆଉ କେତେଜଣ ଅର୍ଥ ଲଗାଇ ସୁଧ ପାଇଥାନ୍ତି । ପ୍ରଯୋଜକ ବା ମାଲିକ ଉତ୍ପାଦନର ଲାଭାଂଶ ପାଇଥାନ୍ତି । ଏହି ସମସ୍ତ ଉତ୍ପାଦନର ଏକକଗୁଡିକ (ଦରମା, ଭଡା, ଲାଭ ତଥା ସୁଧ) ସଂଗଠିତ ହୋଇ 'ଅର୍ଥବ୍ୟବସ୍ଥା'କୁ ବୁଝାଇଥାଏ । (All these production units together makes an economy)

ସାଧାରଣତଃ 'ଅର୍ଥବ୍ୟବସ୍ଥା' ଶବ୍ଦଟି ସହିଦ ଦେଶ ସହିତ ଜଡିତ ହୋଇଥାଏ । କିନ୍ତୁ ସବୁବେଳେ ଏପରି ହୋଇନଥାଏ । ସମୟ ସମୟରେ ଏହା ବଡ ସହର, ଛୋଟ ସହର ଏବଂ ଗ୍ରାମ ସହ ଜଡିତ ହୋଇଥାଏ । ଏକ 'ସହରର ଅର୍ଥ ବ୍ୟବସ୍ଥା' କହିଲେ ସାଧାରଣତଃ ସରକାରୀ ଓ ବେସରକାରୀ କାର୍ଯ୍ୟାଳୟ, କାରଖାନା, ଦୋକାନ, ବିଦ୍ୟାଳୟ, ମହାବିଦ୍ୟାଳୟ, ବ୍ୟାଙ୍କସେବା ଏବଂ ଅନ୍ୟ ସମସ୍ତ କାର୍ଯ୍ୟସ୍ଥଳୀକୁ ବୁଝାଇଥାଏ । ସେହିପରି 'ଗ୍ରାମ୍ୟ ଅର୍ଥ ବ୍ୟବସ୍ଥା' କହିଲେ କୃଷିକ୍ଷେତ୍ର (Farm) ଦୋକାନ ଏବଂ ଅନ୍ୟାନ୍ୟ ପ୍ରତିଷ୍ଠାନ ଯେଉଁଠାରେ ଲୋକମାନେ କାମ କରନ୍ତି, ତାହାକୁ ବୁଝାଇଥାଏ । ଏହା 'ବିଶ୍ୱର ଅର୍ଥ ବ୍ୟବସ୍ଥା'କୁ ମଧ୍ୟ ବୁଝାଇଥାଏ । ତେଣୁ 'ଭାରତୀୟ ଅର୍ଥ ବ୍ୟବସ୍ଥା' କହିଲେ, ଭାରତର ସମସ୍ତ ଉତ୍ପାଦନ ଏକକର କାର୍ଯ୍ୟସ୍ଥଳୀକୁ ବୁଝାଇଥାଏ । ଏହି 'ଅର୍ଥ ବ୍ୟବସ୍ଥା' ହିଁ ଲୋକମାନଙ୍କୁ ଆୟ କରିବା ପାଇଁ ସକ୍ଷମ କରାଇଥାଏ ।



## ୧.୨ ଅର୍ଥ ବ୍ୟବସ୍ଥା କେଉଁସବୁ ସୁବିଧା ଯୋଗାଇଥାଏ ? (What does an Economy provide) ?

ସାଧାରଣତଃ ଅର୍ଥ ବ୍ୟବସ୍ଥା ଦ୍ରବ୍ୟ ଏବଂ ସେବା ଯୋଗାଇଥାଏ । ଏହି ଦ୍ରବ୍ୟ ଏବଂ ସେବାଗୁଡିକ ପ୍ରତ୍ୟକ୍ଷ କିମ୍ବା ପରୋକ୍ଷ ଭାବରେ ଲୋକମାନଙ୍କର ଚାହିଦା ପୂରଣ କରିଥାଏ । ଉପଭୋକ୍ତାମାନେ ଦ୍ରବ୍ୟ ଏବଂ ସେବା କ୍ରୟ କରି ପ୍ରତ୍ୟକ୍ଷ ଭାବେ ସେମାନଙ୍କର ଚାହିଦା ପୂରଣ କରିଥାନ୍ତି । ଏହି ଦ୍ରବ୍ୟ ସେବାଗୁଡିକ ଖାଉଟି ଦ୍ରବ୍ୟ ଓ ସେବା କୁହାଯାଏ । ଅନ୍ୟପକ୍ଷରେ ଉତ୍ପାଦନକାରୀ କ୍ରୟ କରୁଥିବା ଦ୍ରବ୍ୟ ଏବଂ ସେବାଗୁଡିକ, ଅନ୍ୟାନ୍ୟ ଖାଉଟି ଦ୍ରବ୍ୟ ଏବଂ ସେବା ଉତ୍ପାଦନ କରିବାରେ ବ୍ୟବହାର ହୋଇଥାଏ । ଏଗୁଡିକୁ ଉତ୍ପାଦନ ଦ୍ରବ୍ୟ ଏବଂ ସେବା କୁହାଯାଇଥାଏ । ଅର୍ଥାତ୍ ଦ୍ରବ୍ୟ ଓ ସେବା ଦୁଇଭାଗରେ ବିଭକ୍ତ ଯଥା : (କ) ଖାଉଟି ଦ୍ରବ୍ୟ ଏବଂ ସେବା (ଖ) ଉତ୍ପାଦକ ଦ୍ରବ୍ୟ ଏବଂ ସେବା ।

### (କ) ଖାଉଟି ଦ୍ରବ୍ୟ ଏବଂ ସେବା (Consumer Goods & Consumer Services)

#### (କ.୧) ଖାଉଟି ଦ୍ରବ୍ୟ (Consumer Goods) :

ଯେଉଁ ଦ୍ରବ୍ୟ ପ୍ରତ୍ୟକ୍ଷ ଭାବେ ଲୋକମାନଙ୍କର ଅଭାବ ପୂରଣ କରିଥାଏ ଏବଂ ପ୍ରତ୍ୟକ୍ଷ ଉପଭୋଗ ସମୟରେ ଉପଭୋକ୍ତାମାନଙ୍କୁ ସନ୍ତୋଷ ବା ଆନନ୍ଦ ପ୍ରଦାନ କରିଥାଏ, ଯଥା : ଖାଦ୍ୟ ସାମଗ୍ରୀ, ପୋଷାକପତ୍ର, ଜୋତା, ବହି, ଆସବାବପତ୍ର, ଯାନବାହନ ଆଦି । ଆମେ ଏସବୁକୁ ଆମ ପାଇଁ ତଥା ଆମ ପରିବାରବର୍ଗଙ୍କ ପାଇଁ କିଣିଥାଉ ।

ଖାଉଟି ଦ୍ରବ୍ୟଗୁଡିକୁ ଦୁଇଭାଗରେ ବିଭକ୍ତ କରାଯାଇଛି : (କ) ଥରେ ମାତ୍ର ବ୍ୟବହାର ଉପଯୋଗୀ ଖାଉଟି ଦ୍ରବ୍ୟ (ଖ) ଦୀର୍ଘସ୍ଥାୟୀ ଖାଉଟି ଦ୍ରବ୍ୟ । ଥରେ ମାତ୍ର ବ୍ୟବହାର ଉପଯୋଗୀ ଖାଉଟି ଦ୍ରବ୍ୟ ନିଜ ନାମ ପରି ଥରେ ମାତ୍ର ବ୍ୟବହାର କରାଯାଇପାରେ, ଯେପରି-ଦୁଗ୍ଧଜାତୀୟ ଦ୍ରବ୍ୟ, ଚିନି, ପନିପରିବା ଇତ୍ୟାଦି । ଅନ୍ୟପକ୍ଷରେ ଦୀର୍ଘସ୍ଥାୟୀ ଖାଉଟି ଦ୍ରବ୍ୟଗୁଡିକୁ ପୁନଃ ପୁନଃ ବ୍ୟବହାର କରାଯାଇପାରେ, ଯେପରି ଆସବାବପତ୍ର, ପୋଷାକପତ୍ର, ଟେଲିଭିଜନ, ରେଡିଓ, ବୈଦ୍ୟୁତିକ ଯନ୍ତ୍ରପାତି ଇତ୍ୟାଦି ।

#### (କ-୨) ଖାଉଟି ସେବା (Consumer Services)

ଉପଭୋକ୍ତାମାନେ ଦ୍ରବ୍ୟ ସହ ସେବା କାର୍ଯ୍ୟକୁ ମଧ୍ୟ ଆବଶ୍ୟକ କରିଥାନ୍ତି । ଉଦାହରଣ ସ୍ୱରୂପ : ବାଳକାଟିବା ପାଇଁ ବାରିକର ସେବା, ପୋଷାକ ସିଲେଇ ନିମନ୍ତେ ଦର୍ଜୀର ସେବା, ଶିକ୍ଷା ଅନୁଷ୍ଠାନଗୁଡିକରେ ଉପଲବ୍ଧ ସେବା, ବ୍ୟାଙ୍କ ସେବା, ପରିବହନ ଓ ଯୋଗାଯୋଗ ସେବା ଇତ୍ୟାଦି । ଏହି ସେବାଗୁଡିକୁ ଉପଭୋକ୍ତାମାନେ ପ୍ରତ୍ୟକ୍ଷ ଭାବରେ ଉପଭୋଗ କରିଥାନ୍ତି । କିନ୍ତୁ ସେଗୁଡିକ କେବଳ ଥରେ ମାତ୍ର ବ୍ୟବହାର ହୋଇପାରେ । ସେବା କାର୍ଯ୍ୟରେ, ଉତ୍ପାଦନ ଓ ଉପଭୋଗ ଏକା ସମୟରେ ହୋଇଥାଏ । ତେଣୁ ସେବା ପୁନଃପୁନଃ ବ୍ୟବହାର ହୋଇପାରେ ନାହିଁ ।





### (ଖ) ଉତ୍ପାଦକ ଦ୍ରବ୍ୟ ଏବଂ ସେବା (Producer Goods & Services)

**(ଖ-୧) ଉତ୍ପାଦକ ଦ୍ରବ୍ୟ :**

ଯେଉଁ ଦ୍ରବ୍ୟଗୁଡ଼ିକ ଅନ୍ୟାନ୍ୟ ଦ୍ରବ୍ୟ ଓ ସେବା ଉତ୍ପାଦନରେ ବ୍ୟବହାର କରାଯାଏ, ତାହାକୁ ଉତ୍ପାଦକ ଦ୍ରବ୍ୟ କୁହାଯାଏ । ଉଦହରଣ ସ୍ୱରୂପ : ଡାକ୍ତରଖାନାର ଏକ୍ସରେ ମେସିନ । ଅନ୍ୟ ଅର୍ଥରେ ଗୋଟିଏ ଆଇସ୍‌କ୍ରିମ୍‌କୁ ଖାଉଟି ଦ୍ରବ୍ୟ ହୋଇଥିବା ବେଳେ ଆଇସ୍‌କ୍ରିମ ଉତ୍ପାଦନ କରୁଥିବା ଯନ୍ତ୍ରକୁ ଉତ୍ପାଦକ ଦ୍ରବ୍ୟ ବୋଲି କୁହାଯାଏ ।

ଉତ୍ପାଦକ ଦ୍ରବ୍ୟ ପୁଣି ଦୁଇଭାଗରେ ବିଭକ୍ତ କରାଯାଏ : (କ) ଥରେ ମାତ୍ର ବ୍ୟବହାର ଉପଯୋଗୀ ଦ୍ରବ୍ୟ (ଖ) ଦୀର୍ଘସ୍ଥାୟୀ ଉତ୍ପାଦକ ଦ୍ରବ୍ୟ । ଉତ୍ପାଦନରେ ବ୍ୟବହୃତ ହେଉଥିବା କଞ୍ଚାମାଲକୁ ଥରେ ମାତ୍ର ବ୍ୟବହାର ଉପଯୋଗୀ ଉତ୍ପାଦକ ଦ୍ରବ୍ୟ କୁହାଯାଏ । ଏହି ଦ୍ରବ୍ୟ ଉତ୍ପାଦନରେ ବ୍ୟବହୃତ ହେଲାବେଳେ ନିଜର ସ୍ୱତନ୍ତ୍ରତା ହରାଇ ବସନ୍ତି । ଯଥା : ଆଇସ୍‌କ୍ରିମ୍‌ରେ ବ୍ୟବହାର ହେଉଥିବା ଚିନି, କ୍ଷୀର । ଦୀର୍ଘସ୍ଥାୟୀ ଉତ୍ପାଦକ ଦ୍ରବ୍ୟଗୁଡ଼ିକ ଉତ୍ପାଦନ ପ୍ରକ୍ରିୟାରେ ବାରମ୍ବାର ବ୍ୟବହୃତ ହୋଇପାରେ । ଯଥା : ଯନ୍ତ୍ରପାତି, ଯାନବାହାନ, କାରଖାନା ଘର ଇତ୍ୟାଦି ।

**(ଖ-୨) ଉତ୍ପାଦକ ସେବା :**

ଉତ୍ପାଦନ ସମୟରେ କେବଳ ଦ୍ରବ୍ୟ ନୁହେଁ, ସେବାର ମଧ୍ୟ ଆବଶ୍ୟକତା ରହିଛି । ଉଦାହରଣ ସ୍ୱରୂପ ବ୍ୟାଙ୍କ ସେବା, ପରିବହନ ସେବା, ବୀମା ସେବା ଇତ୍ୟାଦି । ଏହି ସେବାଗୁଡ଼ିକ ଦ୍ରବ୍ୟ ଏବଂ ସେବା ଉତ୍ପାଦନରେ ବ୍ୟବହାର ହୋଇଥାଏ । ଉତ୍ପାଦକ ସେବାଗୁଡ଼ିକ ମଧ୍ୟ ଥରେ ମାତ୍ର ବ୍ୟବହାର ଉପଯୋଗୀ ସେବା । ପ୍ରକୃତରେ ଦେଖିବାକୁ ଗଲେ, ଖାଉଟି ସେବା କିମ୍ବା ଉତ୍ପାଦକ ସେବା, ଏକାସାଙ୍ଗରେ ଉତ୍ପାଦନ ଓ ଉପଭୋଗ ହୋଇଥାନ୍ତି ।

ଦ୍ରବ୍ୟକୁ ଖାଉଟି ଦ୍ରବ୍ୟ ବା ଉତ୍ପାଦକ ଦ୍ରବ୍ୟ ବୋଲି କିପରି ଜାଣିବା ? (What makes a good a consumer or a producer good/service ?) ଗୋଟିଏ ଦ୍ରବ୍ୟ ଖାଉଟି ଦ୍ରବ୍ୟ ବା ଉତ୍ପାଦକ ଦ୍ରବ୍ୟ ଏହା ତାହାର ବ୍ୟବହାର ଉପରେ ନିର୍ଭର କରେ । ଉଦାହରଣ ସ୍ୱରୂପ : ପନିପରିବା ଯେତେବେଳେ ଏକ ପରିବାର ଦ୍ୱାରା କ୍ରୟ କରାଯାଏ, ତାହାକୁ ଖାଉଟି ଦ୍ରବ୍ୟ ବୋଲି କୁହାଯାଏ । କିନ୍ତୁ ଏହା ଯେତେବେଳେ ଏକ ହୋଟେଲରେ ବ୍ୟବହାର କରାଯାଏ, ତାହାକୁ ଆମେ ଉତ୍ପାଦକ ଦ୍ରବ୍ୟ ବୋଲି କହିଥାଉ । ଉଦାହରଣ-୨: ଗୋଟିଏ କାର୍ ନିଜର ବ୍ୟବହାର ପାଇଁ ବ୍ୟବହୃତ ହେଲେ ତାହା ଖାଉଟି ଦ୍ରବ୍ୟ । ଯେତେବେଳେ ଭଡ଼ାଗାଡି ରୂପେ ବ୍ୟବହୃତ ହୁଏ, ତାହା ଉତ୍ପାଦକ ଦ୍ରବ୍ୟ ବୋଲି କହିଥାଉ । ସେହିପରି ବ୍ୟାଙ୍କସେବା, ଡାକ୍ତରଖାନାର ସେବା ମଧ୍ୟ ଏକା ସାଙ୍ଗରେ ଖାଉଟି ଓ ଉତ୍ପାଦକ ସେବା ଭାବରେ ବ୍ୟବହାର କରାଯାଇଥାଏ । ଖାଉଟି ଦ୍ରବ୍ୟ ଖାଉଟିମାନଙ୍କ ଦ୍ୱାରା ବ୍ୟବହାର ହେଲେ ଏହାକୁ ଖାଉଟି ସେବା, ଉତ୍ପାଦନକାରୀଙ୍କ ଦ୍ୱାରା ବ୍ୟବହାର ହେଲେ, ତାହା ଉତ୍ପାଦକ ସେବା କୁହାଯାଏ ।



- ଦ୍ରବ୍ୟ ସମୂହ
  - ଦ୍ରବ୍ୟ
    - ଖାଉଟି
      - ଥରେ ମାତ୍ର ବ୍ୟବହାର ଉପଯୋଗୀ ଦ୍ରବ୍ୟ
      - ଦୀର୍ଘସ୍ଥାୟୀ ବ୍ୟବହାର ଉପଯୋଗୀ ଦ୍ରବ୍ୟ
    - ଉତ୍ପାଦକ
      - ଥରେ ମାତ୍ର ବ୍ୟବହାର ଉପଯୋଗୀ ଦ୍ରବ୍ୟ
      - ଦୀର୍ଘସ୍ଥାୟୀ
  - ସେବା
    - ଖାଉଟି
      - ଥରେ ମାତ୍ର ବ୍ୟବହାର ଉପଯୋଗୀ ଦ୍ରବ୍ୟ
      - ଦୀର୍ଘସ୍ଥାୟୀ ବ୍ୟବହାର ଉପଯୋଗୀ ଦ୍ରବ୍ୟ
    - ଉତ୍ପାଦକ ସେବା

## ଏପର୍ଯ୍ୟନ୍ତ କ'ଣ ଶିଖିଲ

- ଅର୍ଥ ବ୍ୟବସ୍ଥା ଏକ ଅବସ୍ଥା ଯାହା ମାଧ୍ୟମରେ ଲୋକମାନେ ରୋଜଗାରକ୍ଷମ ହୁଅନ୍ତି ।
- ଏହି ଅର୍ଥ ବ୍ୟବସ୍ଥା ସହର, ଗ୍ରାମ ବା ଏକ ଅଞ୍ଚଳର କୃଷିକ୍ଷେତ୍ର, କାରଖାନା, ଦୋକାନ ବଜାର ବ୍ୟାଙ୍କ ଇତ୍ୟାଦିକୁ ନେଇ ଗଠିତ ଏବଂ ସବୁ ମିଳିତ ଭାବରେ ଏକ ଦେଶ ବା ବିଶ୍ୱର ଅର୍ଥ ବ୍ୟବସ୍ଥାକୁ ବୁଝାଇଥାଏ ।
- ଅର୍ଥ ବ୍ୟବସ୍ଥା ଖାଉଟି ଓ ଉତ୍ପାଦନକାରୀଙ୍କୁ ଦ୍ରବ୍ୟ ଓ ସେବା ଯୋଗାଇଥାଏ । ଯେଉଁ ଦ୍ରବ୍ୟ ଓ ସେବା ପ୍ରତ୍ୟକ୍ଷ ଭାବରେ ଲୋକମାନଙ୍କର ଚାହିଦା ପୂରଣ କରିଥାଏ । ସେଗୁଡ଼ିକୁ ଖାଉଟି ଦ୍ରବ୍ୟ ଓ ସେବାକୁ ବୁଝାଇଥାଏ ।
- ଯେଉଁ ଦ୍ରବ୍ୟ ଓ ସେବା ପୁନର୍ବାର ଦ୍ରବ୍ୟ ଓ ସେବା ଉତ୍ପାଦନ କରିବାରେ ସାହାଯ୍ୟ କରନ୍ତି, ସେଗୁଡ଼ିକୁ ଉତ୍ପାଦକ ଦ୍ରବ୍ୟ ଓ ସେବା କୁହାଯାଏ ।
- ଦୀର୍ଘସ୍ଥାୟୀ ଦ୍ରବ୍ୟକୁ ବାରମ୍ବାର ବ୍ୟବହାର କରାଯାଇପାରେ ।
- ସବୁ ସେବାଗୁଡ଼ିକ କେବଳ ଥରେ ମାତ୍ର (ନଷ୍ଟଶୀଳ) ବ୍ୟବହାର କରାଯାଇଥାଏ ।
- ଦ୍ରବ୍ୟର ବ୍ୟବହାରକୁ ଏହା ଖାଉଟି କି ଉତ୍ପାଦକ ଦ୍ରବ୍ୟ ତାହା ଜାଣିହୁଏ ।





## ପ୍ରଶ୍ନ : ୧.୧

୧. ଉକ୍ତିମାନଙ୍କ ମଧ୍ୟରୁ କେଉଁଟି ଠିକ୍ ଓ କେଉଁଠି ଭୁଲ ସୂଚାଅ ।

(କ) ଗୋଟିଏ ଦେଶର ଭୌଗୋଳିକ ଅବସ୍ଥିତିକୁ ନେଇ ଅର୍ଥ ବ୍ୟବସ୍ଥା ସଂଗଠିତ ହୋଇଥାଏ ( )

(ଖ) ଅର୍ଥ ବ୍ୟବସ୍ଥା ଏକ ବ୍ୟବସ୍ଥା ଯାହାଦ୍ୱାରା କି ଲୋକମାନେ ରୋଜଗାରକ୍ଷମ ହୋଇଥାନ୍ତି ( )

(ଗ) ଅର୍ଥ ବ୍ୟବସ୍ଥା ଏକ ଅଞ୍ଚଳର ଉତ୍ପାଦନ ଏକକକୁ ବୁଝାଏ । ( )

(ଘ) ଅର୍ଥ ବ୍ୟବସ୍ଥା କେବଳ ଖାଉଟି ଦ୍ରବ୍ୟ ଓ ସେବା ଯୋଗାଇଥାଏ । ( )

(ଙ) ଅର୍ଥ ବ୍ୟବସ୍ଥା କେବଳ ଉତ୍ପାଦକ ଦ୍ରବ୍ୟ ଖାଉଟି ସେବା ଯୋଗାଇଥାଏ । ( )

(ଚ) ଦ୍ରବ୍ୟ ଓ ସେବା ଦ୍ୱାରା ପ୍ରତ୍ୟକ୍ଷ ଓ ପରୋକ୍ଷ ଭାବରେ ଲୋକମାନଙ୍କ ଆବଶ୍ୟକତା ପୂରଣ ହୋଇଥାଏ । ( )

(ଛ) ନଷ୍ଟଶୀଳ ଦ୍ରବ୍ୟକୁ ଖାଉଟି ଦ୍ରବ୍ୟ କୁହାଯାଏ । ( )

(ଜ) ସବୁ ସେବାଗୁଡ଼ିକ ନଷ୍ଟଶୀଳ । ( )

୨. ନିମ୍ନ ଦ୍ରବ୍ୟଗୁଡ଼ିକ ମଧ୍ୟରୁ କେଉଁଗୁଡ଼ିକ ଖାଉଟି ଦ୍ରବ୍ୟ କେଉଁଗୁଡ଼ିକ ଉତ୍ପାଦକ ଦ୍ରବ୍ୟ ଅଲଗା କର ।

(କ) କୃଷି କ୍ଷେତ୍ରରେ ବ୍ୟବହାର ହେଉଥିବା ସାର ( )

(ଖ) ଦର୍ଜୀ ବ୍ୟବହାର କରୁଥିବା ସିଲେଇ ମେସିନ ( )

(ଗ) ଗୃହରେ ବ୍ୟବହାର ହେଉଥିବା ସିଲେଇ ମେସିନ ( )

(ଘ) ଭାରତୀୟ ବିମାନ ସେବାର ବିମାନ ( )

(ଙ) ହୋଟେଲରେ ବ୍ୟବହାର ହେଉଥିବା ପନିପରିବା ( )

(ଚ) ଶିକ୍ଷା ଅନୁଷ୍ଠାନର କଳାପଟା ( )

(ଛ) ଦୋକାନରେ ଥିବା ପୋଷାକ ପତ୍ର ( )



(ଜ) ପାଉଁରୁଟି କାରଖାନାରେ ଗଚ୍ଛିତ ଥିବା ଚିନି (        )

୩. କେଉଁ ଦ୍ରବ୍ୟଗୁଡିକ ନଷ୍ଟଶୀଳ ଦ୍ରବ୍ୟ (Single use) କେଉଁଗୁଡିକ ଦୀର୍ଘସ୍ଥାୟୀ (Durable use) ଚିହ୍ନାଅ

(କ) କ୍ଷୀର (ଖ) ବିହନ

(ଗ) ଘିଅ (ଘ) ରନ୍ଧନ ଗ୍ୟାସ୍

(ଙ) ଜୋତା (ଚ) କାଗଜ

(ଛ) ଘଣ୍ଟା (ଜ) ପଙ୍ଖା

(ଝ) ବାସନକୁସନ (ଞ) ଫୁଲକୁଣ୍ଡ

---

## ୧.୩- ଅର୍ଥନୈତିକ କାର୍ଯ୍ୟକଳାପ (ECONOMIC ACTIVITIES)

ପ୍ରତ୍ୟେକ ଅର୍ଥ ବ୍ୟବସ୍ଥାରେ ମୁଖ୍ୟତଃ କେତେଗୁଡିଏ ଅର୍ଥନୈତିକ କାର୍ଯ୍ୟକଳାପ ରହିଥାଏ । ସେଗୁଡିକ ହେଲା : ଉତ୍ପାଦନ, ଉପଭୋଗ ଓ ବିନିଯୋଗ ବା ନିବେଶ ।

### (କ) ଉତ୍ପାଦନ (Production) :

ଉତ୍ପାଦନ କହିଲେ ଉପଯୋଗିତାର ସୃଷ୍ଟିକୁ (creation of utility) ହୋଇଥାଏ । ଉତ୍ପାଦନ ଏକ ପ୍ରକ୍ରିୟା ଯାହା ଉତ୍ପାଦନ ପାଇଁ ବ୍ୟବହାର ହେଉଥିବା ସାଧନକୁ (input) ଉତ୍ପନ୍ନ ସାମଗ୍ରୀରେ ପରିଣତ କରିଥାଏ । ଏହି ଉତ୍ପନ୍ନ ସାମଗ୍ରୀ ଦ୍ରବ୍ୟ ବା ସେବା ହୋଇପାରେ । ଉଦାହରଣ ସ୍ୱରୂପ : ସୂତାରୁ କପଡା ବୁଣା ହେବା (ଏଠାରେ ସୂତା ହେଲା ବ୍ୟବହାର ହେଉଥିବା ସାଧନ ଏବଂ କପଡ଼ା ହେଲା ଉତ୍ପାଦିତ ଦ୍ରବ୍ୟ) । ସେହିପରି ଭାବରେ ସେବା ମଧ୍ୟ ଉତ୍ପାଦିତ ହୋଇଥାଏ, ଉଦାହରଣ : ଏକ ଶିକ୍ଷକଙ୍କର ଶିକ୍ଷାଦାନକୁ ଉତ୍ପାଦିତ ଶିକ୍ଷା ସେବା ବୋଲି କୁହାଯାଇପାରିବ । ତେଣୁ ଉତ୍ପାଦନ ଏକ ପ୍ରକ୍ରିୟା ଯାହାଦ୍ୱାରା କଞ୍ଚାମାଲରୁ ଉତ୍ପାଦିତ ଦ୍ରବ୍ୟ ପ୍ରସ୍ତୁତ ହୋଇଥାଏ ।

କେତେଗୁଡିଏ 'ସେବା' ପରିବାର ସଦସ୍ୟମାନଙ୍କ ଦ୍ୱାରା ସାଧିତ ହୋଇଥାଏ । ଯଥା : ଖାଦ୍ୟ ରନ୍ଧନ, ଗୃହ ସଫାସୁତୁରା, ଜୋତା ପଲିସ ଇତ୍ୟାଦି । ଏଗୁଡିକ ମଧ୍ୟ ଉତ୍ପାଦନର ଅଂଶ ବିଶେଷ । କିନ୍ତୁ ଏଗୁଡିକ ଠିକ୍ ଭାବରେ ମୂଲ୍ୟାୟନ କରାଯାଇପାରୁ ନଥିବାରୁ ଉତ୍ପାଦନର ପରିସରଭୁକ୍ତ କରାଯାଇନଥାଏ । ସେହିପରି ଭାବରେ ବଗିଚା କାମ, ଖେଳକୁଦ, ଗୁଡିଉଡା ଇତ୍ୟାଦି ଉତ୍ପାଦନର ପରିସରଭୁକ୍ତ ହୋଇନଥାନ୍ତି ।





### (ଖ) ଉପଭୋଗ (Consumption)

ଦ୍ରବ୍ୟ ଓ ସେବା ସାହାଯ୍ୟରେ ସମ୍ପନ୍ନ ହେଉଥିବା ଅଭାବମୋଚନ ପ୍ରକ୍ରିୟାକୁ ଉପଭୋଗ କୁହାଯାଏ । ଉତ୍ପାଦନ ପରି ଉପଭୋଗ ମଧ୍ୟ ଦ୍ରବ୍ୟ ଓ ସେବାର ଉପଭୋଗ ଅଟେ । ଆମେ ଖାଦ୍ୟ, ବସ୍ତ୍ର, ଆସବାବପତ୍ର ପରି ଦ୍ରବ୍ୟଗୁଡିକୁ ଉପଭୋଗ କରିଥାଉ । ସେହିପରି ଆମେ ଦର୍ଜୀ, ବାରିକ, ଧୋବା, ଶିକ୍ଷକତା ଇତ୍ୟାଦିର ବେସା ମଧ୍ୟ ବ୍ୟବହାର କରିଥାଉ । ଏସବୁଗୁଡିକ ଉପଭୋଗର ଅଂଶ ବିଶେଷ ।

ଉପଭୋଗ ଅର୍ଥ ଦ୍ରବ୍ୟ ଓ ସେବାକୁ କ୍ରୟ କରି ତାକୁ ବ୍ୟବହାର କରିବା ଦ୍ରବ୍ୟ ଓ ସେବା ଦ୍ୱାରା ଲୋକମାନଙ୍କର ଅଭାବ ପୂରଣ କରିପାରିବାର ଶକ୍ତିକୁ ଉପଭୋଗ କୁହାଯାଏ । ଉପଭୋଗ ଦ୍ୱାରା ସମ୍ପୃକ୍ତ ଦ୍ରବ୍ୟ ଓ ସେବା ସେହି ଅଭାବପୂରଣ କରିବାର ଶକ୍ତିକୁ ବା ଉପଯୋଗିତାକୁ ନଷ୍ଟ କରିଥାଏ ।

### (ଗ) ନିବେଶ ବା ବିନିଯୋଗ (Investment)

ଗୋଟିଏ ବର୍ଷ ମଧ୍ୟରେ ହୋଇଥିବା ଉତ୍ପାଦନ ପ୍ରାୟତଃ ସେହିବର୍ଷ ମଧ୍ୟରେ ଖର୍ଚ୍ଚ ହୋଇନଥାଏ । ତେଣୁ ବର୍ଷକର ଉତ୍ପାଦନ ଉପଭୋଗ ଠାରୁ ଅଧିକ ହୋଇଥାଏ । ଏହା ନିମ୍ନୋକ୍ତ କାରଣମାନଙ୍କ ଯୋଗୁଁ ହୋଇଥାଏ :-

**୧-ଉତ୍ପାଦନସ୍ଥଳୀରେ ରହିଥିବା ଖାଦ୍ୟ (Goods lying with production units):**

ସବୁ ଦ୍ରବ୍ୟ ବ୍ୟବହାରକାରୀଙ୍କ ପାଖରେ ପହଞ୍ଚିବା ପୂର୍ବରୁ ବହୁତଗୁଡିଏ ପ୍ରକ୍ରିୟା ଦେଇ ଗତି କରେ । ଉଦାହରଣ ସ୍ୱରୂପ : ଆମେ ପିନ୍ଧୁଥିବା ପୋଷାକ ଆମ ପାଖରେ ଅନେକଗୁଡିଏ ପ୍ରକ୍ରିୟା ଦେଇ ପହଞ୍ଚିଥାଏ । ଯଥା : ତୁଳାରୁ ସୂତା ପ୍ରସ୍ତୁତ, ସୂତାରୁ କନା ପ୍ରସ୍ତୁତ, କନାରଙ୍ଗ ହେବା, ସିଲେଇ ହେବା ପରେ ପୋଷାକ ପରିଣତ ହେବା, ସର୍ବଶେଷରେ ବିକ୍ରି ନିମନ୍ତେ ଦୋକାନକୁ ଆସେ । ଏହିସବୁ ପ୍ରକ୍ରିୟାଗୁଡିକ ସାହାଯ୍ୟରେ କଞ୍ଚାମାଲରୁ ବଜାର ବିକ୍ରି ହେଉଥିବା ଦ୍ରବ୍ୟ ପ୍ରସ୍ତୁତ ହୋଇଥାଏ ।

ଉତ୍ପାଦନକାରୀ ଏହି ପ୍ରସ୍ତୁତ ଦ୍ରବ୍ୟରୁ ବଜାର ଚାହିଦା ମେଣ୍ଟାଇବା ପାଇଁ କିଛି ପରିମାଣରେ ଗଚ୍ଛିତ କରି ରଖିଥାନ୍ତି । ତେଣୁ ଗୋଟିଏ ବର୍ଷର ଉତ୍ପାଦନର କିଛି ଅଂଶ, ଉତ୍ପାଦନସ୍ଥଳୀରେ କଞ୍ଚାମାଲ, ଅର୍ଦ୍ଧନିର୍ମିତ ଦ୍ରବ୍ୟ ତଥା ପୂର୍ଣ୍ଣ ପ୍ରସ୍ତୁତ ଦ୍ରବ୍ୟ ଆକାରରେ ଗଚ୍ଛିତ ହୋଇ ରହେ । ଏହି ଦ୍ରବ୍ୟଗୁଡିକ ସେହି ଏକା ବର୍ଷ ବ୍ୟବହାର ହୋଇନଥାଏ ।

**୨. ଉତ୍ପାଦନ ପାଇଁ ଗଚ୍ଛିତ ହୋଇଥିବା ଦୀର୍ଘସ୍ଥାୟୀ ଦ୍ରବ୍ୟ (Durable use goods acquired by the production)**

ଉତ୍ପାଦନ ସଂସ୍ଥାଗୁଡିକ ଗୋଟିଏ ବର୍ଷରେ ନୂଆ ମେସିନ, ଯନ୍ତ୍ରପାତି, କାରଖାନା ଘର



ଇତ୍ୟାଦିରେ ସ୍ଥାୟୀ ପୁଞ୍ଜି ନିବେଶ କରିଥାନ୍ତି । ଏଗୁଡିକ ସବୁ ଦୀର୍ଘସ୍ଥାୟୀ ଦ୍ରବ୍ୟ। ଏହା ଉତ୍ପାଦନର ଆଉ ଏକ ଅଂଶ ଯାହାକି ବର୍ଷକ ମଧ୍ୟରେ ଉପଭୋଗ ହୁଏ ନାହିଁ। ଉପରୋକ୍ତ ଦୁଇଟି ଯାକ କାରଣ ଯୋଗୁଁ ଗୋଟିଏ ବର୍ଷର ଉତ୍ପାଦନ ଏହାର ଉପଭୋଗ ଅପେକ୍ଷା ଅଧିକ ହୋଇଥାଏ । ଏହି ଉପଭୋଗ ଅପେକ୍ଷା ଅଧିକ ଉତ୍ପାଦନକୁ ନିବେଶ (Investment) ବୋଲି କୁହାଯାଏ । ଉତ୍ପାଦନରେ ଏହି ଆଧିକ୍ୟ (Excess) ଦୁଇଟି କାରଣ ଯୋଗୁଁ ହୋଇଥାଏ । ଯଥା: (କ) ଗଚ୍ଛିତ ପରିମାଣରେ ବୃଦ୍ଧି (Stock investment), (ଖ) ସ୍ଥାୟୀ ପୁଞ୍ଜି ନିବେଶ (Fixed investment)

(କ) ଗଚ୍ଛିତ ନିବେଶ (Stock Investment): ଗଚ୍ଛିତ ଥିବା କଞ୍ଚାମାଲ, ଅର୍ଦ୍ଧ ପ୍ରସ୍ତୁତ ଦ୍ରବ୍ୟ ତଥା ପ୍ରସ୍ତୁତ ହୋଇସାରିଥିବା ଦ୍ରବ୍ୟକୁ ଗଚ୍ଛିତ ନିବେଶ (Stock investment) ବା ବିକ୍ରୟଯୋଗ୍ୟ ଦ୍ରବ୍ୟ ଭଣ୍ଡାରର ନିବେଶ (Inventory investment) କୁହାଯାଏ ।

## ପ୍ରାରମ୍ଭ ଗଚ୍ଛିତ (Opening stock) ଏବଂ ଅନ୍ତିମ ଗଚ୍ଛିତ (Closing stock)

ମନେକର ପ୍ରାସଙ୍ଗିକ ବର୍ଷଟି ଏପ୍ରିଲ ମାସ ୧ ତାରିଖ ୨୦୧୨ ମସିହାରୁ ମାର୍ଚ୍ଚ ମାସ ୩୧ ତାରିଖ ୨୦୧୩ ଗଚ୍ଛିତ ଥିବା କଞ୍ଚାମାଲ, ଅସମାପ୍ତ ଦ୍ରବ୍ୟ, ସମାପ୍ତ ଦ୍ରବ୍ୟ ଯାହାକି ଏପ୍ରିଲ ୨୦୧୨ ପର୍ଯ୍ୟନ୍ତ ଅଛି, ତାହା ବର୍ଷ ପ୍ରାରମ୍ଭରେ ଗଚ୍ଛିତ । ଏହା ମାର୍ଚ୍ଚ ମାସ ୩୧ ତାରିଖ ୨୦୧୨ର ବର୍ଷର ଅନ୍ତିମ ଗଚ୍ଛିତ । ଗତବର୍ଷର ଅନ୍ତିମ ଗଚ୍ଛିତ ପ୍ରାରମ୍ଭ ଗଚ୍ଛିତ ଠାରୁ ଯେତେ ଅଧିକ ସେତିକି ହିଁ ଗଚ୍ଛିତ ନିବେଶ। ଗୋଟିଏ ନିର୍ଦ୍ଦିଷ୍ଟ ବର୍ଷରେ ଆବଶ୍ୟକତା ଠାରୁ ଉତ୍ପାଦନ କମ୍ ହେବାର ସମ୍ଭାବନା ଥାଏ। ଏହା ସୂଚାଉଅଛି ଯେ ସମୟ ସମୟରେ ଅନ୍ତିମ ଗଚ୍ଛିତ ପ୍ରାରମ୍ଭ ଗଚ୍ଛିତ ଠାରୁ କମ୍। ଏହାକୁ ରଣାତ୍ମକ ନିବେଶ ବା ପୁଞ୍ଜି ପ୍ରତ୍ୟାହାର (Negative investment or disinvestment) କୁହାଯାଏ।

**ସାରଣୀ ୧.୧**

**ଗଚ୍ଛିତ ନିବେଶର ହିସାବ**

| ଦ୍ରବ୍ୟ | ପ୍ରାରମ୍ଭରେ ଗଚ୍ଛିତ (ଟଙ୍କାରେ) | ଅନ୍ତିମ ଗଚ୍ଛିତ (ଟଙ୍କାରେ) | ଗଚ୍ଛିତ ନିବେଶ (ଟଙ୍କାରେ) |
|---|---|---|---|
| କଞ୍ଚାମାଲ | ୧୦,୦୦୦ | ୧୨,୦୦୦ | ୨୦୦୦ |
| ଅସମାପ୍ତ ଦ୍ରବ୍ୟ | ୧୫,୦୦୦ | ୧୮,୦୦୦ | ୩୦୦୦ |
| ସମାପ୍ତ ଦ୍ରବ୍ୟ | ୨୦,୦୦୦ | ୧୮,୦୦୦ | (-) ୨୦୦୦ |
| ମୋଟ | ୪୫,୦୦୦ | ୪୮,୦୦୦ | ୩୦୦୦ |





ମୋଟ ପ୍ରାରମ୍ଭ ଗଚ୍ଛିତର ମୂଲ୍ୟ ୪୫୦୦୦/- ଟଙ୍କାରେ ଏବଂ ଅନ୍ତିମ ଗଚ୍ଛିତର ମୂଲ୍ୟ ୪୮,୦୦୦/- ଟଙ୍କା । ଏହି ବର୍ଷରେ ମୋଟ ଗଚ୍ଛିତ ନିବେଶ ୩୦୦୦/- ଟଙ୍କା

ସାରଣୀ ୧.୨

| ଦ୍ରବ୍ୟ | ପ୍ରାରମ୍ଭରେ ଗଚ୍ଛିତ (ଟଙ୍କାରେ) | ଅନ୍ତିମ ଗଚ୍ଛିତ (ଟଙ୍କାରେ) | ଗଚ୍ଛିତ ନିବେଶ (ଟଙ୍କାରେ) |
|---|---|---|---|
| କଞ୍ଚାମାଲ | ୧୦,୦୦୦ | ୭,୦୦୦ | -୩୦୦୦ |
| ଅସମାପ୍ତ ଦ୍ରବ୍ୟ | ୧୫,୦୦୦ | ୧୨,୦୦୦ | -୩୦୦୦ |
| ସମାପ୍ତ ଦ୍ରବ୍ୟ | ୨୦,୦୦୦ | ୨୧,୦୦୦ | ୧୦୦୦ |
| ମୋଟ | ୪୫,୦୦୦ | ୪୦,୦୦୦ | -୫୦୦୦ |

ସାରଣୀ ୧.୨ରେ ଏହି ବର୍ଷର ଉତ୍ପାଦନ ଠାରୁ ଆବଶ୍ୟକତା କମ୍ । ଏହା ଋଣାତ୍ମକ ଗଚ୍ଛିତ ସୂଚାଉଅଛି (-୫୦୦୦/- ଟଙ୍କା)। ଏହି ଋଣାତ୍ମକ ଗଚ୍ଛିତ ଯାହା ପୂର୍ବ ବର୍ଷ ଗଚ୍ଛିତ ଲୋକମାନଙ୍କର ଆବଶ୍ୟକତାକୁ ପୂରଣ କରିଛି । ଯାହାକି (୫୦୦୦/- ଟଙ୍କା) ଏହି ବର୍ଷର ଉତ୍ପାଦନ ଠାରୁ (୫୦୦୦/- ଟଙ୍କା) ଅଧିକ ।

### (ଖ) ସ୍ଥାୟୀ ନିବେଶ (Fixed Investment)

ଉତ୍ପାଦନ ସଂସ୍ଥା ଦ୍ୱାରା ଉପାର୍ଜିତ ହୋଇଥିବା ଦୀର୍ଘସ୍ଥାୟୀ ଉତ୍ପାଦନ ଦ୍ରବ୍ୟକୁ ସ୍ଥାୟୀ ନିବେଶ କୁହାଯାଏ, ଯଥା- ନୂଆ ମେସିନ୍, ଯନ୍ତ୍ରପାତି ଇତ୍ୟାଦି । ସ୍ଥାୟୀ ନିବେଶ (fixed investiment) ଓ ବିକ୍ରୟଯୋଗ୍ୟ ଦ୍ରବ୍ୟ ଭଣ୍ଡାର ନିବେଶ (inventory investment) ମିଶିଲେ ମୋଟ ନିବେଶ (Total investment) ହୋଇଥାଏ। ଏହି ସ୍ଥାୟୀ ନିବେଶକୁ ପୁଞ୍ଜି ଗଠନର ପ୍ରକ୍ରିୟା କରଣ (capital formation) କୁହାଯାଏ । ଅର୍ଥାତ୍ ମୋଟ ନିବେଶ ବିକ୍ରୟଯୋଗ୍ୟ ଦ୍ରବ୍ୟ ନିବେଶ = ସ୍ଥାୟୀ ନିବେଶ (inventory investment + fixed investment)

**ସ୍ଥାୟୀ ନିବେଶ ଓ ନିଟ୍ ନିବେଶ ମଧ୍ୟରେ ଦିବ୍ୟ ପାର୍ଥକ୍ୟ**
**(Gross Investment Vs. Net Investment)**

ନିବେଶ ସର୍ବଦା ସ୍ଥାୟୀ ନିବେଶ ହିଁ ହୋଇଥାଏ। ଏହା ନିଟ୍ ନିବେଶଠାରୁ ଭିନ୍ନ ।

ଏକ ଉତ୍ପାଦନ ସଂସ୍ଥା କିଛି ସ୍ଥାୟୀ ପୁଞ୍ଜି ନିଜ ଦଖଲରେ ରଖିଥାନ୍ତି। ଏହି ସ୍ଥାୟୀ ପୁଞ୍ଜି ବିଭିନ୍ନ ପ୍ରକାରର ହୋଇଥାଏ। ଯଥା:- ମେସିନ, ଯନ୍ତ୍ରପାତି, କାରଖାନା ଘର ଇତ୍ୟାଦି ସ୍ଥାୟୀ ପୁଞ୍ଜି



ଉତ୍ପାଦନ ପ୍ରକ୍ରିୟାରେ ବ୍ୟବହୃତ ହେବା ଯୋଗୁଁ କିଛି କ୍ଷୟକ୍ଷତି ଘଟିଥାଏ । ଏହି କ୍ଷୟକ୍ଷତି ସ୍ଥାୟୀ ପୁଞ୍ଜିର ମୂଲ୍ୟରେ ହ୍ରାସ ଘଟାଇଥାଏ ।

ସ୍ଥାୟୀ ପୁଞ୍ଜିର ହ୍ରାସ ଅନୁନ୍ନତ ପ୍ରଯୁକ୍ତିବିଦ୍ୟା (Technological obsolescence) ଯୋଗୁଁ ଘଟିଥାଏ । ଅନୁନ୍ନତ ପ୍ରଯୁକ୍ତିବିଦ୍ୟା ହେଲା, ଉତ୍ପାଦନ ଶୈଳୀରେ ପରିବର୍ତ୍ତନ । ଏହା ଯୋଗୁଁ ମେସିନପରି ସ୍ଥାୟୀ ପୁଞ୍ଜି ଅଦରକାରୀ ହୋଇପଡିଥାନ୍ତି । ଯେପରି ଡିଜେଲ ଇଞ୍ଜିନ୍ ଉଦ୍ଭାବନ ଯୋଗୁଁ ଷ୍ଟିମ ଇଞ୍ଜିନ୍‌ର ପ୍ରଚଳନ ଅଦରକାରୀ ହୋଇପଡିଲା । କ୍ଷୟକ୍ଷତି ଯୋଗୁଁ ସ୍ଥାୟୀପୁଞ୍ଜିର ହ୍ରାସ ହେବାକୁ ଅବମୂଲ୍ୟାୟନ (Depreciation) କୁହାଯାଏ ବା ସ୍ଥାୟୀ ପୁଞ୍ଜିର ଉପଭୋଗ କୁହାଯାଏ । ଯଦି ମୋଟ ନିବେଶରୁ ସ୍ଥାୟୀ ପୁଞ୍ଜିର କ୍ଷୟକ୍ଷତିକୁ ବାଦ୍ ଦିଆଯାଏ । ତାହାକୁ ପ୍ରକୃତ ନିବେଶ କୁହାଯାଏ ।

**ପ୍ରକୃତ ନିବେଶ = ମୋଟ ନିବେଶ (Total investment)- କ୍ଷୟକ୍ଷତି (Depreciation)**

## ୧.୪ ସଞ୍ଚୟ (Saving)

ଉତ୍ପାଦନ ସଂସ୍ଥାରେ ଉତ୍ପାଦନ କାର୍ଯ୍ୟକଳାପ ଚାଲିଥାଏ । ଉତ୍ପାଦନ ଅଂଶର ମାଲିକମାନେ ଏହି ସଂସ୍ଥାର ସେବା କାର୍ଯ୍ୟରେ ନିଯୁକ୍ତ ହୋଇଥାଆନ୍ତି । ଏହା ବଦଳରେ ସେମାନେ ମଜୁରି, ଦରମା, ଭଡ଼ା, ସୁଧ ଏବଂ ଲାଭ ଆକାରରେ କିଛି ଆୟ କରିଥାନ୍ତି ।

ଜଣେ ମଣିଷ ପାଇଁ ଦୁଇ ପ୍ରକାରରେ ଏହି ଆୟ ବ୍ୟବହାର କରାଯାଇଥାଏ । ଆୟର ଗୋଟିଏ ଭାଗ ଦ୍ରବ୍ୟ କିଣିବାରେ ଖର୍ଚ୍ଚ କରାଯାଏ, ଆଉ ଗୋଟିଏ ଭାଗରେ ନିଜର ଆବଶ୍ୟକୀୟ ସେବା ଉପଲବ୍ଧ କରାଯାଏ । ଏହି ପ୍ରକାର ଖର୍ଚ୍ଚକୁ ଉପଭୋକ୍ତାଙ୍କ ବ୍ୟୟ (Consumption Expenditure) କୁହାଯାଏ । ବଳକା ଖର୍ଚ୍ଚ ହୋଇନଥିବା ଅର୍ଥକୁ ସଞ୍ଚୟ (Savings) କୁହାଯାଏ । ଅତଏବ, ସଞ୍ଚୟ ହେଉଛି, ଖର୍ଚ୍ଚ ପରେ ବଳକା ରହୁଥିବା ଆୟ ।

**ସଞ୍ଚୟ = ଆୟ-ଉପଭୋକ୍ତା ବ୍ୟୟ**

ସଞ୍ଚୟକୁ ନେଇ ଲୋକମାନେ କରନ୍ତି କ'ଣ ? ସାଧାରଣରେ ଲୋକମାନେ ଏହି ସଞ୍ଚୟକୁ ଅର୍ଥ ଆକାରରେ ରଖନ୍ତି । ସେମାନେ ଏହି ଅର୍ଥକୁ ଘରେ କିମ୍ବା ବ୍ୟାଙ୍କରେ ରଖିଥାନ୍ତି । ଏହି ସଞ୍ଚୟ ପଛରେ କେତେଗୁଡିଏ ଉଦ୍ଦେଶ୍ୟ ରହିଥାଏ । ଏହି ସମସ୍ତ ଉଦ୍ଦେଶ୍ୟ ମଧ୍ୟରୁ, ଆକସ୍ମିକ ଖର୍ଚ୍ଚକୁ ଭରିବା ପାଇଁ ଲୋକମାନେ ସଞ୍ଚୟ କରିଥାନ୍ତି ଯଥା : ରୋଗ ସମୟରେ ଖର୍ଚ୍ଚ ପାଇଁ, ବୃଦ୍ଧାବସ୍ଥା ତଥା ଅନ୍ୟାନ୍ୟ ଆକସ୍ମିକ ଖର୍ଚ୍ଚ ନିମନ୍ତେ । କିନ୍ତୁ ସାଧାରଣ ଭାବେ ଆୟରୁ ଧାର ଦେଇ ସୁଧ ପାଇବା ପାଇଁ ଉଦ୍ଦେଶ୍ୟ ରଖି ସଞ୍ଚୟ କରିଥାନ୍ତି । ସଞ୍ଚୟକାରୀଙ୍କୁ ଏହା ଭବିଷ୍ୟତ ବର୍ଷ ନିମନ୍ତେ



ଅତିରିକ୍ତ ଆୟର ସୁଯୋଗ ସୃଷ୍ଟି କରିଥାଏ। ସଞ୍ଚୟ ଅର୍ଥକୁ ପୁଞ୍ଜିଲଗାଣକାରୀଙ୍କୁ ବ୍ୟାଙ୍କ ମାଧ୍ୟମରେ ଧାର ଦେଇଥାନ୍ତି। ଏହି ଅର୍ଥକୁ ଯେଉଁମାନେ ଧାର ନିଅନ୍ତି, ସେମାନେ ସୁଧ ହିସାବରେ ଅର୍ଥ ଦେଇଥାନ୍ତି।

ଉତ୍ପାଦନ କାର୍ଯ୍ୟକଳାପରେ ସଞ୍ଚୟ ଏକ ମୁଖ୍ୟ କାର୍ଯ୍ୟ କରିଥାଏ । ଆର୍ଥିକ ନିବେଶର ଏହା ଏକ ମୁଖ୍ୟ ଉତ୍ସ । ଯେତେ ଅଧିକ ସଞ୍ଚୟ କରାଯିବ, ସେତେ ଅଧିକ ନିବେଶ ଉତ୍ପାଦନରେ ଲଗାଯାଇପାରିବ । ନିବେଶ (investment) ଅର୍ଥ ହେଉଛି, ଦ୍ରବ୍ୟ ଓ ସେବାକୁ ଗ୍ରହଣ କରି ଏହାକୁ ଉତ୍ପାଦନରେ ବ୍ୟବହାର କରନ୍ତି । ସଞ୍ଚୟକୁ ନିବେଶ ପାଇବା ପାଇଁ କାର୍ଯ୍ୟରେ ଲଗାଯାଏ । ଅତଏବ, ସଞ୍ଚୟ ହେଉଛି ନିବେଶର ମୂଳ।

## ୧.୫- ଅର୍ଥନୈତିକ କାର୍ଯ୍ୟକଳାପ ମଧ୍ୟରେ ଥିବା ସମ୍ପର୍କ (Interrelationship Between Economic Activities)


ଉତ୍ପାଦନ, ଉପଭୋଗ ଏବଂ ନିବେଶ ମଧ୍ୟରେ ଥିବା ସମ୍ପର୍କ ନିମ୍ନରେ ଆଲୋଚିତ ହେଉଛି;

ପ୍ରଥମତଃ ଉତ୍ପାଦନ, ଉପଭୋଗ ଏବଂ ନିବେଶର ଉତ୍ସ । ଉତ୍ପାଦନ ନଥିଲେ, ଉପଭୋଗ ନିବେଶ ମଧ୍ୟ ନଥାଏ। ଦିଆଯାଇଥିବା ଉତ୍ପାଦନରୁ ଯଦି ଅଧିକ ଉପଭୋଗ କରାହୁଏ, ତେବେ ନିବେଶ କମ୍ ହେବ ।

ଦ୍ୱିତୀୟତଃ, ଉପଭୋଗ, ଉତ୍ପାଦନ ତଥା ନିବେଶକୁ ପ୍ରେରଣା ଯୋଗାଇଥାଏ, ଯଦି ଉପଭୋଗର ଆବଶ୍ୟକତା ନରୁହେ, ତେବେ ନିବେଶ ଏବଂ ଉତ୍ପାଦନର ଆବଶ୍ୟକତା ରହିବ ନାହିଁ।

ତୃତୀୟତଃ, ନିବେଶ ଉତ୍ପାଦନର ସ୍ତରକୁ ସ୍ଥିର କରେ । ଯେତେ ନିବେଶରେ ବୃଦ୍ଧି କରାଯିବ, ତେବେ ସେତେ ଅଧିକ ଆମେ ଉତ୍ପନ୍ନ କରିପାରିବା ।

ଚତୁର୍ଥତଃ, ସଞ୍ଚୟ ହେଉଛି, ଆର୍ଥିକ ନିବେଶର ପ୍ରମୁଖ ଉତ୍ସ । ସଞ୍ଚୟରେ ବୃଦ୍ଧି ଘଟିଲେ, ନିବେଶ ବଢ଼ିବ, ଯାହାକି ଉତ୍ପାଦନରେ ବୃଦ୍ଧିଘଟାଇବ । ପରିମାଣତଃ, ଏହାଦ୍ୱାରା ଉପଭୋଗ ଏବଂ ନିବେଶରେ ବୃଦ୍ଧି ଘଟାଏ।




ଉତ୍ପାଦନ = ଉପଭୋଗ + ନିବେଶ ବା ଉତ୍ପାଦନ = ଉପଭୋଗ + ସଞ୍ଚୟ



**ଆମେ ଜାଣିଲେ;**

- ଅର୍ଥନୀତି ପ୍ରକ୍ରିୟାର ଅତି ଗୁରୁତ୍ୱପୂର୍ଣ୍ଣ ତଥ୍ୟ ହେଲା; ୧-ଉତ୍ପାଦନ, ୨-ଉପଭୋଗ ଏବଂ ୩- ନିବେଶ ।
- ଉତ୍ପାଦନ ହେଉଛି ଏକ କାର୍ଯ୍ୟ ଯାହା ମାଧ୍ୟମରେ ଦ୍ରବ୍ୟ ଓ ସେବା ପ୍ରସ୍ତୁତ କରାଯାଇଥାଏ ।
- ଉତ୍ପାଦନ କେବଳ ଭୌତିକ ଦ୍ରବ୍ୟକୁ ଅନ୍ତର୍ଭୁକ୍ତ କରାଏ ନାହିଁ, ଏହା ସେବାକୁ ମଧ୍ୟ ଅନ୍ତର୍ଭୁକ୍ତ କରାଇଥାଏ ।
- ଅର୍ଥନୀତିର ଉତ୍ପାଦନର ସ୍ତର ସ୍ଥିର କରିଥାଏ ଉପଭୋଗର ସ୍ତର ଉତ୍ପାଦନର ସ୍ତରକୁ ସ୍ଥିର କରିଥାଏ ।
- ଉପଭୋଗର ସ୍ତର ପ୍ରଭାବିତ ହୋଇଥାଏ, ଦ୍ରବ୍ୟ ଓ ସେବାର ଉତ୍ପାଦନ ଦ୍ୱାରା, ଅର୍ଥ ବ୍ୟବସ୍ଥାର ଉତ୍ପାଦନର କ୍ଷମତାକୁ ପ୍ରଭାବିତ କରିଥାଏ ।
- ଦ୍ରବ୍ୟ ଓ ସେବାର ଉତ୍ପାଦନ ଦ୍ୱାରା ଉପଭୋଗର ସ୍ତର ପ୍ରଭାବିତ ହୋଇଥାଏ ଏବଂ ଅର୍ଥ ବ୍ୟବସ୍ଥାର ଉତ୍ପାଦନର କ୍ଷମତାକୁ ପ୍ରଭାବିତ କରିଥାଏ ।
- ଉପଭୋଗ ଏକ କାର୍ଯ୍ୟ ଯାହାଦ୍ୱାରା ମଣିଷର ଅଭାବକୁ ଦ୍ରବ୍ୟ ଓ ସେବାର ବ୍ୟବହାର ଦ୍ୱାରା ପୂରଣ କରାଯାଇଥାଏ ।
- ଗଚ୍ଛିତ ପୁଞ୍ଜି ଦ୍ରବ୍ୟ ସହ ମିଶୁଥିବା ନୂତନ ପୁଞ୍ଜି ଦ୍ରବ୍ୟ ହିଁ ନିବେଶକୁ ବୁଝାଇଥାଏ ।
- ଗଚ୍ଛିତ କଞ୍ଚାମାଲ, ଅସମାପ୍ତ ଦ୍ରବ୍ୟ ଓ ସମାପ୍ତ ଦ୍ରବ୍ୟରେ ପରିବର୍ତ୍ତନକୁ ଗଚ୍ଛିତ ନିବେଶ ବା ନିବେଶ କୁହାଯାଏ ।
- ସ୍ଥାୟୀ ପୁଞ୍ଜି ଦ୍ରବ୍ୟ ଯଥା; ମେସିନ, କାରଖାନା ଗୃହ, ବୃଦ୍ଧି ହେଉଛି ସ୍ଥାୟୀ ନିବେଶ ।
- ମୋଟ ନିବେଶ ହେଉଛି ଗଚ୍ଛିତ ନିବେଶ ଓ ସ୍ଥାୟୀ ନିବେଶର ଯୋଗଫଳ ।
- ସ୍ଥାୟୀ ପୁଞ୍ଜିର ବ୍ୟବହାର ଜନିତ କ୍ଷୟକ୍ଷତି, ଆକସ୍ମିକ ନଷ୍ଟ, ଅନୁନ୍ନତ ପ୍ରଯୁକ୍ତିବିଦ୍ୟା ଯୋଗୁଁ ଉତ୍ପାଦନ ଏବଂ ଚାହିଦାରେ ପରିବର୍ତ୍ତନ ହୋଇଥାଏ । ଏହି ପରିବର୍ତ୍ତନକୁ ସ୍ଥାୟୀ ପୁଞ୍ଜିର ଉପଭୋଗ ବା ଅବମୂଲ୍ୟାୟନ କୁହାଯାଇଥାଏ ।
- ନିଟ୍ ନିବେଶ = ମୋଟ ନିବେଶ - ଅବମୂଲ୍ୟାୟନ
- ଉତ୍ପାଦନ, ଉପଭୋଗ ଓ ନିବେଶ ପରସ୍ପର ନିର୍ଭରଶୀଳ ।





## ପ୍ରଶ୍ନ-୧.୨

୧. ନିମ୍ନ ପ୍ରଶ୍ନଗୁଡ଼ିକ ଠିକ୍ କି ଭୁଲ ବାଛ;

(କ) ବିଦ୍ୟାଳୟରେ ପାଠ ପଢାଇବା ଉତ୍ପାଦନର ଏକ ଭାଗ ( )

(ଖ) ଦୋକାନୀ ଦ୍ୱାରା ଦୋକାନରେ ବିକ୍ରି କରାଯାଉଥିବା ଦ୍ରବ୍ୟ ଉତ୍ପାଦନର ଅନ୍ତର୍ଭୁକ୍ତ । ( )

(ଗ) ଛାତ୍ରଟିଏ ବ୍ୟବହାର କରୁଥିବା ଲିଖନ ସାମଗ୍ରୀ ଉତ୍ପାଦନର ଅଂଶ । ( )

(ଘ) ସରକାରୀ କାର୍ଯ୍ୟାଳୟରେ କାମ କରିବା ଉତ୍ପାଦନର ଅଂଶ ବିଶେଷ । ( )

(ଙ) ଗୃହରେ ବ୍ୟବହାର କରିବା ପାଇଁ କ୍ରୟ କରାଯାଉଥିବା ଲୁଗାଧୁଆ ସାବୁନ ହେଉଛି ଉପଭୋଗ ( )

(ଚ) ପୁନଃ ବିକ୍ରୟ କରାଯାଉଥିବା ଦ୍ରବ୍ୟକୁ କିଣିବା ଉପଭୋଗ ଅଟେ । ( )

୨. ନିମ୍ନ ଉକ୍ତିମାନଙ୍କ ମଧ୍ୟରୁ କେଉଁଗୁଡ଼ିକ ଉତ୍ପାଦନ କାର୍ଯ୍ୟ ?

(କ) ନଦୀରେ ଗାଧୋଇବା । ( )

(ଖ) ବାରିକ ପାଖରେ ଚୁଟି କଟାଇବା ( )

(ଗ) ପରିବାର ପାଇଁ କ୍ଷୀର କିଣିବା ( )

(ଘ) ସିନେମା ହଲରେ ସିନେମା ଦେଖିବା ( )

(ଙ) ବ୍ୟକ୍ତିଗତ ବ୍ୟବହାର ପାଇଁ ଆସବାବପତ୍ର କିଣିବା ( )

୩. ଠିକ୍ ଉତ୍ତର ନିକଟରେ ଠିକ୍ ଚିହ୍ନ (✓)ଦିଅ ।

(କ) ଉପଭୋଗ ହେଉଛି

୧. ଦ୍ରବ୍ୟ

୨. ଦ୍ରବ୍ୟ ଏବଂ ସେବାକୁ ଅଭାବ ପୂରଣ ପାଇଁ ବ୍ୟବହାର କରିବା

୩. ଏକ ଦୀର୍ଘ ସମୟ ପାଇଁ ଦ୍ରବ୍ୟ

୪. ବ୍ୟବହାର ଯୋଗ୍ୟ ଦ୍ରବ୍ୟ



(ଖ) ନିବେଶ ବୁଝାଏ, ଉତ୍ପାଦନର ଆଧିକ୍ୟ :

୧. ବିକ୍ରୟ ହୋଇନଥିବା ଦ୍ରବ୍ୟର ଗଚ୍ଛିତ

୨. ଉପଭୋଗ

୩. ଅବମୂଲ୍ୟାୟନ

୪. ସଞ୍ଚୟ

(ଗ) ଉତ୍ପାଦନ ଅନ୍ତର୍ଭୁକ୍ତ କରେ:

୧. କେବଳ ଦ୍ରବ୍ୟ

୨. କେବଳ ଉତ୍ପାଦିତ ଦ୍ରବ୍ୟ

୩. କେବଳ ଉତ୍ପାଦିତ ଦ୍ରବ୍ୟ ଓ ସେବା

୪. ଦ୍ରବ୍ୟ ଏବଂ ସେବା

(ଘ) ପରିବାର ପାଇଁ ସାଇକେଲ କିଣା :

୧. ନିବେଶ

୨. ଉତ୍ପାଦନ

୩. ଉପଭୋଗ

୪. ଏ ମଧ୍ୟରୁ କେହି ନୁହେଁ

## ଆମେ କ'ଣ ଜାଣିଲେ

- ଅର୍ଥ ବ୍ୟବସ୍ଥା ହେଉଛି ଏକ ବ୍ୟବସ୍ଥା ଯାହା ମାଧ୍ୟମରେ ଲୋକେ ନିଜେ ଚଳିପାରିବା ପାଇଁ ଉପାର୍ଜନ କରନ୍ତି ।
- ଅର୍ଥ ବ୍ୟବସ୍ଥା ମାଧ୍ୟମରେ ଉପଭୋକ୍ତା ଓ ଉତ୍ପାଦନକାରୀ ଦ୍ରବ୍ୟ ଏବଂ ସେବାକୁ ଥରେ ଏବଂ ବାରମ୍ବାର ବ୍ୟବହାର କରିବାର ସୁବିଧା ପାଆନ୍ତି ।
- ଅର୍ଥ ବ୍ୟବସ୍ଥାର ତିନୋଟି ପ୍ରମୁଖ ପ୍ରକ୍ରିୟା ହେଲା, ଉତ୍ପାଦନ, ଉପଭୋଗ ଏବଂ ସଞ୍ଚୟ





ଏସବୁ ନିଜ ନିଜ ମଧ୍ୟରେ ଯୋଡି ହୋଇ ରହିଥାନ୍ତି ।

- ଉତ୍ପାଦନ ହେଉଛି ଏକ ପ୍ରକ୍ରିୟା ଯଦ୍ଦ୍ୱାରା ନୂତନ ଦ୍ରବ୍ୟ ଓ ସେବା ପ୍ରସ୍ତୁତ ହୁଏ ।
- ଉପଭୋଗ ହେଉଛି, ମଣିଷର ଅଭାବ ପୂରଣ ପାଇଁ ବ୍ୟବହାର ହେଉଥିବା ଦ୍ରବ୍ୟ ଓ ସେବାଗୁଡିକ ।
- ନିବେଶ ହେଉଛି ଏକ ନିର୍ଦ୍ଦିଷ୍ଟ ସମୟସୀମାରେ ଉତ୍ପାଦନ ଓ ଉପଭୋଗ ମଧ୍ୟରେ ଥିବା ବ୍ୟବଧାନ ।

## ପ୍ରଶ୍ନ

୧. ଅର୍ଥବ୍ୟବସ୍ଥା- କହିଲେ କ'ଣ ବୁଝ ?

୨. ଉପଭୋକ୍ତାଙ୍କ ଦ୍ରବ୍ୟ ଓ ଉତ୍ପାଦିତ ଦ୍ରବ୍ୟ ମଧ୍ୟରେ ଥିବା ପାର୍ଥକ୍ୟକୁ ଏକ ଉଦାହରଣ ମାଧ୍ୟମରେ ବୁଝାଅ ।

୩. ଉପଭୋକ୍ତାଙ୍କ ସେବା ଓ ଉତ୍ପାଦନର ସେବା ମଧ୍ୟରେ ଥିବା ପାର୍ଥକ୍ୟକୁ ଉଦାହରଣ ମାଧ୍ୟମରେ ବୁଝାଅ ।

୪. ଥରେ ମାତ୍ର ବ୍ୟବହାର ଉପଯୋଗୀ ଦ୍ରବ୍ୟ ଏବଂ ଅଧିକଥର ବ୍ୟବହାର ଉପଯୋଗୀ ଦ୍ରବ୍ୟ ମଧ୍ୟରେ ଥିବା ପାର୍ଥକ୍ୟକୁ ବୁଝାଅ ।

୫. ଦୀର୍ଘସ୍ଥାୟୀ ଉତ୍ପାଦକ ଦ୍ରବ୍ୟ ଏବଂ ଦୀର୍ଘସ୍ଥାୟୀ ଖାଉଟି ଦ୍ରବ୍ୟ ମଧ୍ୟରେ ଥିବା ପାର୍ଥକ୍ୟ ବୁଝାଅ ।

୬. ଉତ୍ପାଦନ ଓ ଉପଭୋଗ ମଧ୍ୟରେ ଥିବା ସମ୍ପର୍କକୁ ବୁଝାଅ ।

୭. ମୋଟ ନିବେଶ ଏବଂ ନିଟ୍ ନିବେଶ ମଧ୍ୟରେ ଥିବା ପାର୍ଥକ୍ୟକୁ ବୁଝାଅ ।

୮. ସ୍ଥାୟୀ ନିବେଶ ଏବଂ ଗଚ୍ଛିତ ନିବେଶ ମଧ୍ୟରେ ଥିବା ପାର୍ଥକ୍ୟକୁ ବୁଝାଅ ।

୯. ଅର୍ଥ ବ୍ୟବସ୍ଥାର ସମସ୍ତ କାର୍ଯ୍ୟକଳାପ ମଧ୍ୟରେ ଥିବା ସମ୍ପର୍କକୁ ବୁଝାଅ ।



## ଉତ୍ତର

### ୧.୧

୧. ଠିକ୍- (ଖ), (ଗ), (ଚ), (ଜ)

ଭୁଲ- (କ), (ଘ), (ଙ), (ଛ)

୨. ଉତ୍ପାଦିତ ଦ୍ରବ୍ୟ- (କ), (ଖ), (ଘ), (ଙ), (ଚ), (ଛ), (ଜ)

ଖାଉଟି ଦ୍ରବ୍ୟ-(ଗ)

୩. ଥରେ ମାତ୍ର ବ୍ୟବହାରଯୋଗ୍ୟ ଦ୍ରବ୍ୟ- (କ), (ଖ), (ଗ), (ଘ), (ଚ)

ଦୀର୍ଘଥର ବ୍ୟବହାରଯୋଗ୍ୟ ଦ୍ରବ୍ୟ-(ଙ), (ଛ), (ଜ), (ଝ), (ଞ)

### ୧.୨

୧. ଠିକ୍ (କ), (ଖ), (ଘ), (ଙ)

ଭୁଲ (ଗ), (ଚ)

୨. ଉତ୍ପାଦିତ କାର୍ଯ୍ୟକଳାପ (ଗ)

୩. ଠିକ୍- (କ) ୨, ଖ-୨, ଗ-୩, ଘ-୩

### ପ୍ରଶ୍ନ

୧. ୧.୧ ଦେଖନ୍ତୁ

୨. ୧.୨ କ(୧) ଏବଂ ଖ(୧) ଦେଖନ୍ତୁ

୩. ୧.୨ କ-୨ ଏବଂ ଖ-୨ ଦେଖନ୍ତୁ

୪. ୧.୨ କ-୧, ଖ-୧ ଦେଖନ୍ତୁ

୫. ୧.୨ କ(୧), ଖ-୧ ଦେଖନ୍ତୁ

୬. ୧.୩ (୧), (୨) ଦେଖନ୍ତୁ

୭. ୧.୩ (୩) ଦେଖନ୍ତୁ

୮. ୧.୩ (୩) ଦେଖନ୍ତୁ

୯. ୧.୭ ଦେଖନ୍ତୁ





# 2

# ଅର୍ଥ ବ୍ୟବସ୍ଥାର ମୌଳିକ ସମସ୍ୟା

# BASIC PROBLEMS OF AN ECONOMY

ପୂର୍ବ ଅଧ୍ୟାୟଟିରେ ଆମେ ବିଭିନ୍ନ ଅର୍ଥନୈତିକ କାର୍ଯ୍ୟକଳାପ ସମ୍ପର୍କରେ ଆଲୋଚନା କରିଥିଲେ । 'ଅର୍ଥ ବ୍ୟବସ୍ଥା'ର ଅର୍ଥ ସମ୍ପର୍କରେ ମଧ୍ୟ ଆଲୋଚନା କରିଥିଲେ । ଏହି ଅଧ୍ୟାୟଟିରେ ଅର୍ଥ ବ୍ୟବସ୍ଥାରେ ଥିବା ବିଭିନ୍ନ ମୌଳିକ ସମସ୍ୟା ସମ୍ପର୍କରେ ଅଧିକ ଜାଣିବା । ଏହି ଆଲୋଚନା ଦ୍ୱାରା ଚୟନ (choice) କିପରି ଅଭାବ (scarcity) ଦ୍ୱାରା ପ୍ରଭାବିତ ହୁଏ, ତାହା ବୁଝି ହେବ ।

ଅର୍ଥ ବ୍ୟବସ୍ଥାରେ ଥିବା କେତେଗୁଡିଏ ସାଧାରଣ ସମସ୍ୟା କିପରି ମୁଖ୍ୟ ସମସ୍ୟାଗୁଡିଏ ସୃଷ୍ଟି କରିଥାନ୍ତି, ତାହା ଆଲୋଚନା କରିବା । ଏଠାରେ ଏହି ମୁଖ୍ୟ ସମସ୍ୟାଗୁଡିକୁ ଉତ୍ପାଦନ ସମ୍ଭାବ୍ୟରେଖା ମାଧ୍ୟମରେ ପ୍ରକାଶ କରି ଅଧ୍ୟାୟଟିକୁ ଶେଷ କରିବା ।

## ଉଦ୍ଦେଶ୍ୟ

ଅଧ୍ୟାୟଟିକୁ ପଢି ସାରିବା ପରେ ନିମ୍ନ ବିଷୟବସ୍ତୁ ସମ୍ପର୍କରେ ଅବଗତ ହୋଇପାରିବା;

- ସାଧାରଣ ଅର୍ଥନୈତିକ ସମସ୍ୟା (Basic Economic Problem)
- ଅଭାବ କିପରି ଚୟନକୁ ପ୍ରଭାବିତ କରେ (How scarcity leads to choice)
- ଅର୍ଥନୈତିକ ମୁଖ୍ୟ ସମସ୍ୟାଗୁଡିକର ସଂଜ୍ଞା ବ୍ୟାଖ୍ୟା କରିବ (Define & explain the Central Problem of an Economy)
- ଅର୍ଥ ବ୍ୟବସ୍ଥାର ଅନ୍ୟାନ୍ୟ ସମସ୍ୟାଗୁଡିକ ସମ୍ପର୍କରେ ଆଲୋଚନା କରିପାରିବ (Explain some of the other problems faced by an Economy)
- ଉତ୍ପାଦନ ସମ୍ଭାବ୍ୟ ରେଖାର ସଂଜ୍ଞା (Define production possibility curve) ଏବଂ
- ଉତ୍ପାଦନ ସମ୍ଭାବ୍ୟରେଖା ମାଧ୍ୟମରେ ଅର୍ଥ ବ୍ୟବସ୍ଥାରେ ସମ୍ମୁଖୀନ ହେଉଥିବା ସମସ୍ୟାର ସମାଧାନ (Use a Production Possibility Curve to explain the problem faced by an Economy)

## ୨.୧ ମୌଳିକ ଧାରଣାଗୁଡିକ (Basic Concepts)

ପ୍ରତ୍ୟେକ ଅର୍ଥ ବ୍ୟବସ୍ଥା ସମ୍ମୁଖୀନ ହେଉଥିବା ଅର୍ଥନୈତିକ ସମସ୍ୟାଗୁଡ଼ିକ ନିମ୍ନ କାରଣରୁ ହୋଇଥାଏ;

(କ) ଅସୀମ ଅଭାବ (Unlimited Wants)

(ଖ) ସୀମିତ ସମ୍ବଳ (Limited Resources)

(ଗ) ସମ୍ବଳର ବୈକଳ୍ପିକ ବ୍ୟବହାର (Alternative uses of Resources)

### (କ) ଅସୀମ ଅଭାବ (Unlimited Wants)

ମଣିଷକୁ ବଞ୍ଚିରହିବା ପାଇଁ କେତେଗୁଡ଼ିଏ ମୌଳିକ ଆବଶ୍ୟକତା ପୂରଣ କରିବାକୁ ପଡିଥାଏ । ଉଦାହରଣ : ମଣିଷ ବଞ୍ଚି ରହିବା ପାଇଁ ଖାଦ୍ୟ, ଜଳ, ବସ୍ତ୍ର, ବାସଗୃହ ଆବଶ୍ୟକ କରେ । ଏଗୁଡ଼ିକ ମଣିଷର ସାଧାରଣ ଆବଶ୍ୟକତା । (Basic Needs)

ଜଣେ ମଣିଷ ତା ଜୀବନରେ ଉନ୍ନତି କରିବା ପାଇଁ ଏହି ଆବଶ୍ୟକତା ଯଥେଷ୍ଟ ନୁହେଁ। ସାଧାରଣତଃ ମଣିଷ ବଞ୍ଚି ରହିବା ପାଇଁ ଆବଶ୍ୟକ ଥିବା ଜିନିଷ ଠାରୁ ଅଧିକ ଜିନିଷ ଦରକାର କରେ । ଏଥିରୁ ଆମେ ବୁଝୁ ଯେ ମଣିଷର ଆବଶ୍ୟକତା ଅସୀମ (Unlimited Wants) । ଉଦାହରଣ : ନୀରା ପାଖରେ ୨୦ଟଙ୍କା ଅଛି । ସେ ତା ବଦଳରେ କିଛି ଖାଦ୍ୟ, କିଛି ମିଠା, ବ୍ଲାଉଜଟିଏ ଯାହାର ଦାମ ୨୦ଟଙ୍କା, ମାଙ୍କ ପାଇଁ ଏକ ପାତ୍ର ଯାହାର ଦାମ ୨୦ଟଙ୍କା, କିଛି ଚୁଡି କିଣିପାରିବ । ନୀରା ପାଖରେ ଯଦି ଆଉ ପଇସା ଥାନ୍ତା, ସେ ଏପରି ଆହୁରି ବହୁତ ଜିନିଷ ପସନ୍ଦ କରିଥାନ୍ତା । ଏହି ଉଦାହରଣ ବୁଝାଯାଉଛି ଯେ କିପରି ମଣିଷର ଇଚ୍ଛା ଅସୀମ । କିନ୍ତୁ ପ୍ରତ୍ୟେକ ମନେ ରଖିବା ଦରକାର, ମଣିଷର ଏମିତି କିଛି ଆବଶ୍ୟକତା ରହିଛି ଯାହାକି ମୌଳିକ ଏବଂ ବଞ୍ଚି ରହିବା ପାଇଁ ଏକାନ୍ତ ଆବଶ୍ୟକ ।

### (ଖ) ସୀମିତ ସମ୍ବଳ (Limited Resources)

ବର୍ତ୍ତମାନ ମନେ କରାଯାଉ, ନୀରା ପାଖରେ ମାତ୍ର ୨୦ ଟଙ୍କା ଖର୍ଚ୍ଚ କରିବା ପାଇଁ ଅଛି । ଏଥିରେ ସେ ଚାହୁଁଥିବା ସମସ୍ତ ଜିନିଷ କିଣିପାରିବ ନାହିଁ । ବର୍ତ୍ତମାନ ଜଣାପଡୁଛି, ନୀରାର ଆବଶ୍ୟକତା ପୂରଣ କେବଳ ଏହି ୨୦ ଟଙ୍କା ମଧ୍ୟରେ ସୀମିତ ରହିବ । ତେଣୁ ଏଠାରେ ଅଭାବ ପୂରଣ ପାଇଁ ସମ୍ବଳ ସୀମିତ ଅଟେ । ମଣିଷ ଅଧିକ ବା କମ୍ ଆୟ କରିଥାଏ, କିନ୍ତୁ ଅସୀମ ଆୟ (Unlimited Income) କରିନଥାଏ । ତେଣୁ ଉପଭୋକ୍ତାମାନଙ୍କର ସମ୍ବଳ ବା ଆୟ ଅଳ୍ପ ବା ସୀମିତ (Scarce) ଅଟେ ।

କହିବାକୁ ଗଲେ, ସମ୍ବଳ ହେଉଛି ଉତ୍ପାଦନର ଏକ ସାଧନ, ଯାହା ସାହାଯ୍ୟରେ ଦ୍ରବ୍ୟ ଓ



ସେବା ପ୍ରସ୍ତୁତ କରାଯାଇ ମଣିଷର ଅଭାବ ପୂରଣ କରାଯାଇଥାଏ । ଏହି ସମ୍ବଳଗୁଡିକ ହେଲା, ଭୂମି (land), ଶ୍ରମ (labour), ପୁଞ୍ଜି (capital) ତଥା ଉଦ୍ୟୋଗପତି (entrepreneurship) । ଏ ପୃଥିବୀରେ ସମ୍ବଳ ପ୍ରଚୁର ପରିମାଣରେ ଉପଲବ୍ଧ ନୁହେଁ। ଏଗୁଡିକ ଅଳ୍ପ ଏବଂ ସୀମିତ ଅଟେ। ଅଭାବର (scarcity) ଅର୍ଥ ହେଲା, ସମ୍ବଳର ପ୍ରାପ୍ୟ (availability) ଠାରୁ ଚାହିଦା (demand) ଅଧିକ ।

### (ଗ) ସମ୍ବଳର ବିକଳ୍ପ ବ୍ୟବହାର (Alternative Uses of Resources)

ନୀରା ଉଦାହରଣରୁ ଆମେ ବୁଝିଛୁ ଯେ ସମ୍ବଳ ଅନେକ ପ୍ରକାରରେ ବ୍ୟବହାର କରାଯାଏ। ସେ ୨୦ ଟଙ୍କାରେ ମିଳୁଥିବା ବହୁତ ଗୁଡିଏ ଜିନିଷ ମଧ୍ୟରେ ମାତ୍ର ଗୋଟିଏ ଜିନିଷ କିଣିପାରିବ । ସେ ଯେତେବେଳେ ଗୋଟିଏ ଜିନିଷ ଉପରେ ତା' ଇଚ୍ଛାକୁ ସ୍ଥିର କରିଦେବ, ମନେକର (ବ୍ଲାଉଜ କିଣାରେ), ତେବେ ସେ ତା'ର ଅନ୍ୟକିଛି ଅଭାବ ପୂରଣ କରିପାରିବ ନାହିଁ। ସେହିପରି ଉତ୍ପାଦନର ସମସ୍ତ ସାଧନ (all factors of production)କୁ ବିକଳ୍ପ ଭାବେ ବ୍ୟବହାର କରାଯାଇପାରେ। ଉଦାହରଣ-ଭୂମି (land) ଖଣ୍ଡିକୁ କୃଷିକ୍ଷେତ୍ର ରୂପେ, କାରଖାନା ନିମନ୍ତେ ଗୃହ ରୂପେ, ବିଦ୍ୟାଳୟ ତିଆରିରେ ବା ଡାକ୍ତରଖାନା ତିଆରିରେ ଲଗାଯାଇପାରେ। ଜଣେ ଶ୍ରମିକ (labour) ନିଜକୁ ଜମି ଚାଷ କରିବାରେ, କାରଖାନାରେ କାମ କରିବାରେ, ବା ପରିବା ବିକ୍ରି କରିବାରେ ବ୍ୟବହାର କରିପାରେ। ଆମେ ଏଥିରୁ ଜାଣିଲେ ସମ୍ବଳର ବିକଳ୍ପ ବ୍ୟବହାର ଅଛି ।

## ୨.୨ ଅର୍ଥନୈତିକ ସମସ୍ୟା (Economic Problem)

ପୂର୍ବ ଆଲୋଚନାରୁ ଅମେ ଜାଣିଛେ, ଅଭାବ ଅସୀମ ଏବଂ ସମ୍ବଳ ସୀମିତ ଅଟେ। ତେଣୁ ସମସ୍ତ ଅର୍ଥନୀତି ଏହି ଏକ ମୌଳିକ ସମସ୍ୟାର ସମ୍ମୁଖୀନ ହୋଇଥାନ୍ତି। ଆମେ ସମ୍ବଳର ବିକଳ୍ପ ବ୍ୟବହାର ସମ୍ପର୍କରେ ଆଲୋଚନା କରିସାରିଛେ। ଉନ୍ନତ ହେଉ ବା ଅନୁନ୍ନତ ହେଉ, ଯେକୌଣସି ଅର୍ଥନୀତି ଏହି ଏକା ମୌଳିକ ସମସ୍ୟାର ସମ୍ମୁଖୀନ ହୋଇଥାନ୍ତି।

ସମ୍ବଳର ସ୍ୱଳ୍ପତାରୁ (scarcity) ଚୟନ (choice) ସମସ୍ୟା ଉପୁଜିଥାଏ। ପୂର୍ବ ଉଦାହରଣକୁ ଦେଖିଲେ, ନୀରା ପାଖରେ ମାତ୍ର ୨୦ ଟଙ୍କା ଥିବାବେଳେ ତାର ବହୁତ ଜିନିଷ କିଣିବାକୁ ଥିଲା। ଅଭାବକୁ ପୂରଣ କରିବା ପାଇଁ ବିଭିନ୍ନ ଆବଶ୍ୟକତା ମଧ୍ୟରୁ ତାକୁ ଚୟନ (choice) କରିବାକୁ ପଡିବ। ଏକ ଉପଭୋକ୍ତା ତାର ସୀମିତ ସମ୍ବଳ ଏବଂ ଏହିପରି ଅସୀମ ଅଭାବର ପରିସ୍ଥିତିର ସମ୍ମୁଖୀନ ହୋଇଥାନ୍ତି। ଉତ୍ପାଦନକାରୀମାନେ ମଧ୍ୟ ସେହି ଏକା ସମସ୍ୟାର ସମ୍ମୁଖୀନ ହୋଇଥାନ୍ତି, ଯଥା-ତାଙ୍କ ନିକଟରେ ଥିବା ସାଧନର ବ୍ୟବହାର ସମ୍ପର୍କରେ ନିଷ୍ପତ୍ତି ନେବାକୁ ପଡିଥାଏ। ଏହାଦ୍ୱାରା ଉତ୍ପାଦନକାରୀ ଉପଭୋକ୍ତା ଦୁଇଜଣଯାକ ଏହି ଏକ ପ୍ରକାର ସମସ୍ୟାର ସମ୍ମୁଖୀନ ହୁଅନ୍ତି ।



ମନେକର, ସମ୍ବଳ ସୀମିତ ନୁହେଁ । ତେବେ ଏହି ପ୍ରକାରର ସମସ୍ୟା ଉପୁଜିବ କି ? ଏହି ପ୍ରଶ୍ନର ଉତ୍ତର ଏପରି ହେବ ଯେ ଯଦି ସମ୍ବଳ ସୀମିତ ନୁହେଁ, ଏହା ସମସ୍ତ ଅଭାବ ପୂରଣ କରିବାରେ ସମର୍ଥ ହେବ । ତେବେ, ଅଭାବ ଓ ଚୟନର ମୌଳିକ ଅର୍ଥନୈତିକ ସମସ୍ୟା ଦେଖାଯିବ ନାହିଁ । ସମ୍ବଳର ସ୍ୱଳ୍ପତା ମଣିଷକୁ ଏହାର ଅତି ଉତ୍ତମ ବ୍ୟବହାର କରିବା ନେଇ ନିଷ୍ପତ୍ତି ନେବା ପାଇଁ ଉତ୍ସାହିତ କରାଏ । ସମ୍ବଳର ଅତି ଉତ୍ତମ ବ୍ୟବହାରକୁ ସମ୍ବଳର ପରିମିତ ବ୍ୟୟ (Economize) କୁହାଯାଏ । ସମ୍ବଳ ପରିମିତ ବ୍ୟୟକୁ ଅତ୍ୟନ୍ତ ଲୋଭୀ ପରି ବ୍ୟବହାର କରିବା କୁହାଯାଇପାରିବ ନାହିଁ, କିନ୍ତୁ ସମ୍ବଳର ନ୍ୟାୟ ସଙ୍ଗତ ବ୍ୟବହାର ଦ୍ୱାରା ସୀମିତ ସମ୍ବଳରୁ ସର୍ବାଧିକ ଲାଭ ଉଠାଇହେବ ।

## ପ୍ରଶ୍ନାବଳୀ ୨.୧

ନିମ୍ନ ଉକ୍ତିଗୁଡିକ ମଧ୍ୟରୁ ଠିକ୍ ଓ ଭୁଲ ଉକ୍ତିଗୁଡିକ ସୂଚାଅ ।

୧. ସାଧନ ସୀମିତ ଅଟେ । (    )

୨. ଅଭାବ ଅସୀମ । (    )

୩. ସ୍ୱଳ୍ପତା (Scarcity) ଚୟନ (Choice)କୁ ବାଟ କଢାଏ ନାହିଁ । (    )

୪. ସମ୍ବଳର ବିକଳ୍ପ ବ୍ୟବହାର ଅଛି । (    )

୫. ସମସ୍ତ ଅର୍ଥନୀତି ମୌଳିକ ଅର୍ଥନୈତିକ ସମସ୍ୟାର ସମ୍ମୁଖୀନ ହୁଅନ୍ତି ନାହିଁ । (    )

୬. ସମ୍ବଳର ପରିମିତ ବ୍ୟୟକୁ ଏହାର ଅତ୍ୟନ୍ତ ଲୋଭୀ ବ୍ୟବହାରକୁ ବୁଝାଏ । (    )

୭. ଭୂମି (Land) ଉତ୍ପାଦନର ଏକ ସାଧନ । (    )

୮. ମଣିଷର ଅଭାବ ଅସୀମ । (    )

୯. ଚାହିଦା ଆବଶ୍ୟକତା ଠାରୁ କମ୍ ହେଲେ ସମ୍ବଳର ସ୍ୱଳ୍ପତା କୁହାଯାଏ । (    )

୧୦. କେବଳ ଉତ୍ପାଦନକାରୀମାନେ ଅର୍ଥନୈତିକ ସମସ୍ୟାର ସମ୍ମୁଖୀନ ହୁଅନ୍ତି ।(    )

## ୨.୩ ଅର୍ଥନୀତିର କେନ୍ଦ୍ରୀୟ ସମସ୍ୟା (Central Problems of an Economy)

ଆମେ ପୂର୍ବରୁ, ସୀମିତ ସମ୍ବଳ ଏବଂ ଅସୀମ ଅଭାବ ସମ୍ପର୍କରେ ଆଲୋଚନା କରିସାରିଛେ । ଏହି ସୀମିତ ସମ୍ବଳ ଯୋଗୁଁ ଅର୍ଥନୈତିକ ସମସ୍ୟା ଉପୁଜିଥାଏ, ଯାହାକି ମଣିଷକୁ ଚୟନ କରିବାକୁ ବାଧ୍ୟ କରିଥାଏ ।





ଏହି ଅର୍ଥନୈତିକ ସମସ୍ୟା ଦ୍ୱାରା କେନ୍ଦ୍ରୀୟ ସମସ୍ୟାଗୁଡ଼ିକ ଦେଖାଦେଇଥାଏ ।

- କ'ଣ ଉତ୍ପାଦନ ହେବ ଏବଂ କେତେ ପରିମାଣରେ ଉତ୍ପାଦନ ହେବ ? (what to produce and in what quantities to produce ?)
- କିପରି ଉତ୍ପାଦନ ହେବ ? (How to produce ?)
- କାହା ପାଇଁ ଉତ୍ପାଦନ ହେବ ? (For whom to produce ?)

ଏହି କେନ୍ଦ୍ରୀୟ ସମସ୍ୟାଗୁଡ଼ିକ ଏକତ୍ର ଭାବରେ ସମ୍ବଳର ବଣ୍ଟନ ସମସ୍ୟାକୁ (The problem of allocation of resources) ବୁଝାଏ ।

**(କ) କ'ଣ ଉତ୍ପାଦନ କରାଯିବ ଏବଂ କେତେ ପରିମାଣରେ ଉତ୍ପାଦନ କରାଯିବ ?**

ଯେହେତୁ ସମ୍ବଳ ସୀମିତ, ତେଣୁ କ'ଣ ଉତ୍ପାଦନ କରାଯିବ ଏବଂ କେତେ ପରିମାଣରେ ଉତ୍ପାଦନ କରାଯିବ ଏକ ସମସ୍ୟା ହୋଇପଡିଛି । ଜଣେ ଉତ୍ପାଦନକାରୀ ମିଳୁଥିବା ସମ୍ବଳକୁ କିପରି କାମରେ ଲଗାଇ ଉତ୍ପାଦନ କରିବା, ତାଙ୍କୁ ସ୍ଥିର କରିବାକୁ ପଡେ । ଉଦାହରଣ : ଜଣେ କୃଷକ ନିକଟରେ ଥିବା ଖଣ୍ଡିଏ ଭୂମିରେ କେଉଁ ଫସଲ ଉତ୍ପାଦନ କରିବେ, ତାଙ୍କୁ ସ୍ଥିର କରିବାକୁ ପଡିବ । ଧରାଯାଉ, ସେ ଭୂମିରେ ଆଖୁ କିମ୍ବା ଗହମ ଚାଷ କରାଯାଇପାରିବ । ତାଙ୍କ ଭୂମି ସୀମିତ (limited), ସେ ସେହି ସୀମିତ ଭୂମିରେ ଆଖୁ କିମ୍ବା ଗହମ କେଉଁଟି ଚାଷ କରିବେ, କିମ୍ବା ଦୁଇଟି ଯାକ ଚାଷ କରିବେ, ସେ ନିଜେ ସ୍ଥିର କରିବେ । କୃଷକ ଜଣକ ଥରେ ଚାଷ ସମ୍ପର୍କରେ ନିଷ୍ପତ୍ତି ନେଇସାରିଲା ପରେ, ଏଥରେ ସେ କେତେ ପରିମାଣରେ ଫସଲ ଉତ୍ପନ୍ନ କରିବ, ସେ ସମ୍ପର୍କରେ ଚିନ୍ତା କରିବେ । ଯଥା- ୧୦ କ୍ୱିଣ୍ଟାଲ, ୨୦ କ୍ୱିଣ୍ଟାଲ, ୫୦ କ୍ୱିଣ୍ଟାଲ ଇତ୍ୟାଦି ।

ସମସ୍ତ ଅର୍ଥ ବ୍ୟବସ୍ଥା ଏହି ଏକ ପ୍ରକାର ସମସ୍ୟା- କ'ଣ ଉତ୍ପାଦନ ହେବ, କେତେ ପରିମାଣରେ ଉତ୍ପାଦନ ହେବାର ସମ୍ମୁଖୀନ ହୋଇଥାନ୍ତି । ଅର୍ଥ ବ୍ୟବସ୍ଥାରେ ଖାଉଟି ଦ୍ରବ୍ୟ ବା ଉତ୍ପାଦନ ଦ୍ରବ୍ୟ ପ୍ରସ୍ତୁତ କରିବାକୁ ହେବ, ସ୍ଥିର କରିବାକୁ ପଡିଥାଏ । କେତେ ପରିମାଣର ବେସାମରିକ ଦ୍ରବ୍ୟ (civilian good) ଉତ୍ପାଦନ କରାଯିବ ଏବଂ କେତେ ପରିମାଣରେ ସାମରିକ ଦ୍ରବ୍ୟ (defence good) ଉତ୍ପାଦନ କରାଯିବ, ଅର୍ଥ ବ୍ୟବସ୍ଥା ଏହି ପ୍ରଶ୍ନର ମଧ୍ୟ ସମ୍ମୁଖୀନ ହୋଇଥାନ୍ତି । ଅନ୍ୟ ପ୍ରକାରରେ କହିଲେ ସମ୍ବଳର ଅଭାବ ଯୋଗୁଁ ଦ୍ରବ୍ୟ ଓ ସେବା କେତେ ପରିମାଣରେ ଉତ୍ପନ୍ନ କରାଯିବ, ତାହା ମଧ୍ୟ ଅର୍ଥ ବ୍ୟବସ୍ଥା ଦ୍ୱାରା ଧାର୍ଯ୍ୟ କରାଯାଏ । କେତେ ପରିମାଣର ଏବଂ କ'ଣ ଉତ୍ପାଦନ କରାଯିବ, ଉତ୍ପାଦନର ବିଭିନ୍ନ କ୍ଷେତ୍ରରେ ସମ୍ବଳର ବଣ୍ଟନ (allocation) ସରକାର ସ୍ଥିର କରନ୍ତି । ଅର୍ଥ ବ୍ୟବସ୍ଥାରେ ଲୋକମାନଙ୍କର ଅଭିରୁଚି (preference)କୁ ଆଖି ଆଗରେ ରଖି ବଜାରର ଦ୍ରବ୍ୟ ଓ ସେବାର ମୂଲ୍ୟକୁ ଦେଖି, ଏହି ସମସ୍ୟାର ସମାଧାନ କରାଯିବ ।



### (ଖ) କିପରି ଉତ୍ପାଦନ କରାଯିବ (How to produce ?)

"କିପରି ଉତ୍ପାଦନ କରାଯିବ"ର ସମସ୍ୟାଟିକୁ ଆଖି ଆଗରେ ରଖି ଉତ୍ପାଦନର କୌଶଳ ସ୍ଥିର କରାଯାଇଥାଏ । ଉତ୍ପାଦନର କୌଶଳ ହେଉଛି, ଉତ୍ପାଦନ ସାଧନର ଭିନ୍ନ ଭିନ୍ନ ସଂଯୋଗ (combination) ଯାହାକି ଦ୍ରବ୍ୟ ପ୍ରସ୍ତୁତ ସମୟରେ ବ୍ୟବହାର କରାଯାଇଥାଏ ।

ସାଧାରଣତଃ ସମସ୍ତ ଦ୍ରବ୍ୟ ପ୍ରସ୍ତୁତ କରାଗଲାବେଳେ ଭିନ୍ନ ଭିନ୍ନ ଉତ୍ପାଦନ ପଦ୍ଧତି ବ୍ୟବହାର କରାଯାଇଥାଏ । ଉତ୍ପାଦନର ବିଭିନ୍ନ ପଦ୍ଧତି ଉତ୍ପାଦନ ସାଧନର ବିଭିନ୍ନ ସଂଯୋଗ ଉପରେ ନିର୍ଭର କରିଥାଏ । ଉତ୍ପାଦନର କୌଶଳ ଶ୍ରମଭିତ୍ତିକ (labour intensive) ବା ପୁଞ୍ଜିଭିତ୍ତିକ (capital intensive) ହୋଇଥାଏ । ଯେତେବେଳେ ଏକ ଉତ୍ପାଦନ ପ୍ରକ୍ରିୟାରେ ପୁଞ୍ଜି ତୁଳନାରେ ଅଧିକ ଶ୍ରମ ବିନିଯୋଗ କରାଯାଏ, ତାହାକୁ ଶ୍ରମଭିତ୍ତିକ କୌଶଳ (labour intensive technique) ଏବଂ ଶ୍ରମ ତୁଳନାରେ ଅଧିକ ପୁଞ୍ଜି ବିନିଯୋଗ କରାଗଲେ ତାହାକୁ ପୁଞ୍ଜିଭିତ୍ତିକ କୌଶଳ (capital intensive technique) କୁହାଯାଏ ।

ଉଦାହରଣ ସ୍ୱରୂପ, ନୀରା ତା କୃଷିକ୍ଷେତ୍ରରେ ଭିନ୍ନ ଭିନ୍ନ ଶ୍ରମ ଓ ପୁଞ୍ଜିର ସଂଯୋଗ ଗ୍ରହଣକରି ଫସଲ ଉତ୍ପାଦନ କରିବ । ସେ ଯଦି ଚାଷ (ploughing), ବୁଣାବୁଣି (sowing), ଅମଳ ପାଇଁ (harvesting) ତଥା କାଣ୍ଡିବା (threshing) କାର୍ଯ୍ୟ ନିମନ୍ତେ ବଳଦ ଓ ଲୋକମାନଙ୍କୁ ଲଗାଏ । ତେବେ ଏହା ହେବ, ଶ୍ରମ ଭିତ୍ତିକ କୌଶଳ । ଯଦି ଏହି ସମସ୍ତ କାର୍ଯ୍ୟ ନିମନ୍ତେ ନୀରା ବିଭିନ୍ନ ଯନ୍ତ୍ରପାତି ବ୍ୟବହାର କରେ, ତେବେ ତାହାକୁ ପୁଞ୍ଜିଭିତ୍ତିକ କୌଶଳ କୁହାଯିବ । ସେହିପରି ଲୁଗାବୁଣା ସମୟରେ ହସ୍ତତନ୍ତ ଦ୍ୱାରା ସମସ୍ତ କାର୍ଯ୍ୟ କରାଇଲେ, ଶ୍ରମଭିତ୍ତିକ କୌଶଳ ଏବଂ କଳତନ୍ତ ଦ୍ୱାରା କାର୍ଯ୍ୟ କରାଇଲେ ତାହାକୁ ପୁଞ୍ଜିଭିତ୍ତିକ କୌଶଳ କୁହାଯାଏ । ଜିନିଷ କିପରି ପ୍ରସ୍ତୁତ (ଉତ୍ପାଦନ) କରାଯିବ, ତାହା ସମ୍ବଳର ସ୍ତର ଉପରେ ନିର୍ଭର କରେ ।

### (ଗ) କାହା ପାଇଁ ଉତ୍ପାଦନ ହେବ ? (For whom to produce ?)

'କାହା ପାଇଁ ଉତ୍ପାଦନ' ସମସ୍ୟାଟି ଉତ୍ପାଦିତ ଦ୍ରବ୍ୟ ବିଭିନ୍ନ ଲୋକଙ୍କ ମଧ୍ୟରେ କିଭଳି ବଣ୍ଟନ ହେବ, ତା' ଉପରେ ପର୍ଯ୍ୟବେକ୍ଷିତ । ଉତ୍ପାଦିତ ଦ୍ରବ୍ୟକୁ ବିକ୍ରି କରାଯାଇ ଅର୍ଥ ସଂଗ୍ରହ କରାଯାଏ । ଯେଉଁ ଲୋକମାନେ ଉକ୍ତ ଦ୍ରବ୍ୟଟିର ଉତ୍ପାଦନରେ ଜଡିତ ହୋଇଥାନ୍ତି, ଏହି ଅର୍ଥକୁ ସେମାନେ ତାଙ୍କ କାର୍ଯ୍ୟର ପ୍ରାପ୍ୟ ରୂପେ ପାଆନ୍ତି । ସେହି ଲୋକମାନେ ନିଜର ବିଭିନ୍ନ ଆବଶ୍ୟକତା ପୂରଣ ନିମନ୍ତେ ଏହି ଅର୍ଥକୁ ବିନିଯୋଗ କରନ୍ତି । 'କାହା ପାଇଁ ଉତ୍ପାଦନ କରାଯିବ' ସମସ୍ୟାଟିରୁ ବିଭିନ୍ନ ଉତ୍ପାଦନ ସାଧନରୁ ତାଙ୍କ ପାରିଶ୍ରମିକ କିପରି ମିଳିଥାଏ, ରୁ ତାହା ଜଣାପଡେ । ଉଦାହରଣ ସ୍ୱରୂପ ନୀରାର ଫସଲ ଚାଷ ହୋଇ ବିକ୍ରି ହୋଇପାରିବା ପରେ ସେ ବିଭିନ୍ନ ଉତ୍ପାଦନରେ ଦେଇଥିବା ସେବା ନିମନ୍ତେ ପ୍ରାପ୍ୟ ଦେଇଥାନ୍ତି । ଶ୍ରମିକମାନେ ଶ୍ରମ ନିମନ୍ତେ ମଜୁରୀ, ଭୂମି ପାଇଁ





ଭଡା, ପୁଞ୍ଜି (ଯନ୍ତ୍ରପାତି) ନିମନ୍ତେ ସୁଧ ଦିଆଯାଏ । ନୀରା କେବଳ ଲାଭାଂଶ ପାଇଥାନ୍ତି । ଉଦ୍ୟୋଗକାରୀ ହିଁ ବ୍ୟବସାୟର ବିପଦକୁ ଗ୍ରହଣ କରିଥାନ୍ତି ।

### ପ୍ରଶ୍ନ ୨.୨

ଠିକ ଉତ୍ତରଟି ବାଛ

୧. "କିପରି ପ୍ରସ୍ତୁତ ହେବା" ସମସ୍ୟାର ସମ୍ପର୍କିତ ଉକ୍ତିଟି

(କ) ଆୟର ବିଭାଜନ ( )

(ଖ) ଉତ୍ପାଦନର କୌଶଳ ( )

(ଗ) ଉତ୍ପାଦିତ ଦ୍ରବ୍ୟକୁ ବାଛିବା ସମସ୍ୟା ( )

(ଘ) କେତେ ପରିମାଣରେ ଉତ୍ପାଦନ ହେବ ବାଛିବା ( )

୨. "କ'ଣ ପ୍ରସ୍ତୁତ ହେବ" ସମସ୍ୟା ସମାଧାନ କରାଯାଏ ।

(କ) ଲୋକଙ୍କ ଅଭିରୁଚିକୁ ( )

(ଖ) ବଜାର ଦର ( )

(ଗ) ସରକାରଙ୍କ ଦ୍ୱାରା ସମ୍ବଳ ବଣ୍ଟନ ( )

(ଘ) ଉପରୋକ୍ତ ସମସ୍ତ ( )

୩. ଉତ୍ପାଦନ ପ୍ରକ୍ରିୟାରେ ଶ୍ରମିକ ଯେଉଁ ଆୟ କରେ, ତାହା କେଉଁ ସମସ୍ୟାର ଅଂଶ ବିଶେଷ ।

(କ) କ'ଣ ଉତ୍ପାଦନ ହେବ ଏବଂ କେତେ ଉତ୍ପାଦନ ହେବ ( )

(ଖ) କେମିତି ଉତ୍ପାଦନ ହେବ (ଉତ୍ପାଦନର ପ୍ରକ୍ରିୟା) ( )

(ଗ) କାହା ପାଇଁ ଉତ୍ପାଦନ ହେବ ( )

(ଘ) ଉପରୋକ୍ତ ମଧ୍ୟରୁ କିଛି ନୁହେଁ । ( )

୪. ଶ୍ରମିକଭିତ୍ତିକ ଉତ୍ପାଦନ କୌଶଳର ଅର୍ଥ

(କ) ଉତ୍ପାଦନରେ କେବଳ ଶ୍ରମିକ ଶ୍ରମ ଦାନ କରେ । ( )

(ଖ) ଶ୍ରମିକ ଉତ୍ପାଦନ ସଂସ୍ଥାର ମାଲିକ । ( )



(ଗ) ଅତ୍ୟାବଶ୍ୟକ ଦ୍ରବ୍ୟ ପ୍ରସ୍ତୁତ କରିବାର କୌଶଳ । (   )

(ଘ) ଦ୍ରବ୍ୟ ଉତ୍ପାଦନରେ ପୁଞ୍ଜି ଅପେକ୍ଷା ଶ୍ରମର ବହୁଳ ବ୍ୟବହାର । (   )

୫. ଏକ ଅର୍ଥନୀତିର ମୁଖ୍ୟ ସମସ୍ୟା କାହା ସହିତ ଜଡିତ,

(କ) ସମ୍ବଳ ବଣ୍ଟନ (   )

(ଖ) କ'ଣ ଉତ୍ପାଦନ ହେବ (   )

(ଗ) କେମିତି ଉତ୍ପାଦନ ହେବ (   )

(ଘ) କାହା ପାଇଁ ଉତ୍ପାଦନ ହେବ (   )

## ୨.୪- ଅର୍ଥ ବ୍ୟବସ୍ଥା ସମ୍ମୁଖୀନ ହେଉଥିବା ଅନ୍ୟାନ୍ୟ ସମସ୍ୟା (Some other Problems faced by an Economy)

ପୂର୍ବରୁ ଆଲୋଚିତ ହୋଇଥିବା ଅର୍ଥନୀତିର ମୁଖ୍ୟ ସମସ୍ୟାଗୁଡିକ ସହିତ, ପ୍ରତ୍ୟେକ ଅର୍ଥନୀତି ଦୁଇଟି ସମସ୍ୟାର ସମ୍ମୁଖୀନ ହୋଇଥାନ୍ତି । ସେଗୁଡିକ ହେଲା;

(କ) ସମ୍ବଳର ପୂର୍ଣ୍ଣ ବିନିଯୋଗ ସମସ୍ୟା (Problem of fuller utilisation of Resources)

(ଖ) ସମ୍ବଳ ବୃଦ୍ଧିର ସମସ୍ୟା (Problem of Growth of Resources)

**(କ) ସମ୍ବଳର ପୂର୍ଣ୍ଣ ବିନିଯୋଗ ସମସ୍ୟା :** ସମ୍ବଳର ସ୍ୱଳ୍ପତା ଦୃଷ୍ଟିରୁ ଏହା ନଷ୍ଟ ହେବା ଉଚିତ ନୁହେଁ । ସର୍ବାଧିକ ଉତ୍ପାଦନ ପାଇଁ ସମ୍ବଳର ସଠିକ୍ ବିନିଯୋଗ କରାଯିବା ଉଚିତ । ତେଣୁ ସମ୍ବଳର ପୂର୍ଣ୍ଣ ବିନିଯୋଗ ଆଉ ଦୁଇଟି ସମସ୍ୟା ସହିତ ଜଡିତ ।

(କ-୧)-ସମ୍ବଳର ସମ୍ପୂର୍ଣ୍ଣ ବ୍ୟବହାର (All Resources must be utilised) ଯଦି ସମ୍ବଳଗୁଡିକ ବ୍ୟବହାର ନହୋଇ ପଡି ରହେ ତେବେ ଏଗୁଡିକ ନଷ୍ଟ ହୋଇଯିବ । ସମ୍ବଳ ନଷ୍ଟ ହେଲେ, ଉତ୍ପାଦନ କମ୍ ହେବ । ଲୋକମାନେ ବେରୋଜଗାର (unemployed) ହେବେ । ଅନ୍ୟ ଅର୍ଥରେ ମାନବ ସମ୍ବଳ ନଷ୍ଟ ହେବ । ସେହିପରି କାରଖାନାରେ ଶ୍ରମିକମାନେ କାର୍ଯ୍ୟବନ୍ଦ କଲେ, ପୁଞ୍ଜି ସାଧନ ବ୍ୟବହାର ନହୋଇ ପଡିରହିବ । ଏହି ସମ୍ବଳ (ପୁଞ୍ଜି, ଶ୍ରମ) ବ୍ୟବହାର ହୋଇପାରିଲେ, ଉତ୍ପାଦନ ବଢିପାରିବ । ତେଣୁ ପ୍ରତ୍ୟେକ ଅର୍ଥ ବ୍ୟବସ୍ଥାରେ ସ୍ୱଳ୍ପ ସମ୍ବଳର ସଠିକ୍ ବ୍ୟବହାର ହେବା ଉଚିତ ।

କ-୨-ସମ୍ବଳର ସଠିକ୍ ବ୍ୟବହାର (Efficient Utilisation of Resources)





ସମ୍ବଳ ସ୍ୱଳ୍ପତା ଦୃଷ୍ଟିରୁ ଏହାର ସଠିକ୍ ବିନିଯୋଗ ଆବଶ୍ୟକ । ସମ୍ବଳର ସଠିକ୍ ବିନିଯୋଗ ନହେବା ଅର୍ଥ ପୂର୍ଣ୍ଣ ବିନିଯୋଗ ହୋଇନପାରିବା । ଉଦାହରଣ- ଯଦି ଗୋଟିଏ ଲୋକ ଏକ କାର୍ଯ୍ୟରେ କେବଳ ୪ଘଣ୍ଟା କାର୍ଯ୍ୟ କରିଥାଏ, କିନ୍ତୁ ତା'ର ଆଠଘଣ୍ଟା କାର୍ଯ୍ୟ କରିବାର କ୍ଷମତା ଥାଏ । ତେବେ ତାଙ୍କ କାର୍ଯ୍ୟ କରିବାର କ୍ଷମତାକୁ ପୂର୍ଣ୍ଣ ମାତ୍ରାରେ ବ୍ୟବହାର କରାଯାଇପାରି ନାହିଁ (under-utilised) । ଅନ୍ୟପକ୍ଷରେ କହିଲେ, ଲୋକଟିର କ୍ଷମତା ଅନୁସାରେ ନିଯୁକ୍ତି ମିଳିନାହିଁ। ଲୋକ ଜଣକ ଯଦି ପୂର୍ଣ୍ଣ ଆଠ ଘଣ୍ଟାକାମ କରିଥାନ୍ତେ, ତେବେ ଅଧିକ ଉତ୍ପାଦନ ହୋଇପାରିଥାନ୍ତା । ଏହାଦ୍ୱାରା ସମ୍ବଳର ସଠିକ୍ ବିନିଯୋଗ ହୋଇଥାନ୍ତା ଏବଂ ନଷ୍ଟ ହୋଇନଥାନ୍ତା । ତେଣୁ ପ୍ରତ୍ୟେକ ଅର୍ଥ ବ୍ୟବସ୍ଥା ଏଭଳି ଉତ୍ପାଦନ କୌଶଳ ଅବଲମ୍ବନ କରିବେ, ଯାହା ଫଳରେ ସମ୍ବଳର ପୂର୍ଣ୍ଣ ଏବଂ ସଠିକ୍ ବିନିଯୋଗ ହୋଇପାରିବ ।

### (ଖ) ସମ୍ବଳର ବୃଦ୍ଧି (Growth of Resources)

ଆମେ ଜାଣିଛୁ ଯେ ଅଭାବ ଅସୀମ । ଲୋକମାନେ ସବୁବେଳେ ଅଧିକରୁ ଅଧିକ ଜିନିଷ ଆବଶ୍ୟକ କରିଥାନ୍ତି । କିନ୍ତୁ ଦ୍ରବ୍ୟ ଓ ସେବା ଉତ୍ପାଦନର ସମ୍ବଳରେ ବୃଦ୍ଧି ନହେଲେ ମଣିଷର ବର୍ଦ୍ଧିତ ଅଭାବ ପୂରଣ ହୋଇପାରିବ ନାହିଁ । ଅର୍ଥନୀତିରେ ବଢି ଚାଲିଥିବା ଅଭାବକୁ ପୂରଣ କରିବା ପାଇଁ ସମ୍ବଳର ବୃଦ୍ଧି ନିହାତି ଆବଶ୍ୟକ । ସମ୍ବଳର ବୃଦ୍ଧି କିପରି ହୋଇପାରିବ ? ସମ୍ବଳ ବୃଦ୍ଧି ହୋଇପାରିବ, ଖ-୧ : ଯଦି ସମ୍ବଳର ପରିମାଣରେ ପରିବର୍ତ୍ତନ ହେବ । (quantitative changes in resources) ଯେତେବେଳେ ଅର୍ଥ ବ୍ୟବସ୍ଥାରେ ସମ୍ବଳର ପରିମାଣରେ ବୃଦ୍ଧି ହୁଏ, ଏହାକୁ ସମ୍ବଳର ପରିମାଣ ବୃଦ୍ଧି କୁହାଯାଏ। ଯଥା; ଲୋକସଂଖ୍ୟା ବୃଦ୍ଧି ହେଲେ ମାନବ ସମ୍ବଳ ବୃଦ୍ଧି ହୁଏ। ସେହିପରି ଯେତେବେଳେ ପ୍ରାକୃତିକ ସମ୍ବଳର ବୃଦ୍ଧି ହୁଏ, ଅର୍ଥ ବ୍ୟବସ୍ଥାରେ ସମ୍ବଳର ବୃଦ୍ଧି ହୋଇଥାଏ।

ଖ-୨- ସମ୍ବଳର ଗୁଣାତ୍ମକ ପରିବର୍ତ୍ତନ, ଉନ୍ନତ ତାଲିମ ଓ କୌଶଳ ଦ୍ୱାରା ମାନବ ସମ୍ବଳର ଗୁଣାତ୍ମକ ବିକାଶ ସମ୍ଭବ ହୋଇଥାଏ । ଉନ୍ନତ ପ୍ରଯୁକ୍ତିବିଦ୍ୟା (technology) ଯୋଗୁଁ ମଣିଷକୃତ ପୁଞ୍ଜିରେ ଗୁଣାତ୍ମକ ବିକାଶ ଘଟିଥାଏ। ଏଥିରେ ସମ୍ବଳ ପରିମାଣରେ ବୃଦ୍ଧି ନହୋଇ ଉତ୍ପାଦନ କ୍ଷମତା ବଢିଥାଏ। ଉତ୍ପାଦନ କ୍ଷମତା କହିଲେ ପ୍ରତି ସାଧନ ପିଛା କେତେ ଉତ୍ପାଦନ ବୁଝାଏ। ଉଦାହରଣ : ଶ୍ରମିକଟି ଯଦି ତାଲିମ ପାଏ ସେ ଘଣ୍ଟାକୁ ୧୦ କେଜି ବଦଳରେ ୧୫ କେଜି ଜିନିଷ ଉତ୍ପାଦନ କରିପାରନ୍ତା । ଏଠାରେ ସମ୍ବଳର ପରିମାଣରେ ବୃଦ୍ଧି ନହୋଇ ଉତ୍ପାଦନରେ ବୃଦ୍ଧି ହୋଇଥାଏ ।

ସର୍ବଶେଷରେ ଏହା କୁହାଯାଇପାରେ ସମ୍ବଳର ପରିମାଣରେ ବୃଦ୍ଧି ଯୋଗୁଁ ବା ଉନ୍ନତ ପ୍ରଯୁକ୍ତିବିଦ୍ୟାର ବ୍ୟବହାର ଯୋଗୁଁ ସମ୍ବଳର ପରିମାଣରେ ଏବଂ ଗୁଣାତ୍ମକ ମାନରେ ବୃଦ୍ଧି ଘଟିଥାଏ।



### ପ୍ରଶ୍ନ ୨.୩

ଠିକ୍ ଉତ୍ତରଟିକୁ ବାଛ :

୧. ସାଧନର ନ୍ୟୁନ ଉପଯୋଗ (under utilisation) ହେଉଛି ସାଧନର ................ ବ୍ୟବହାର (କାର୍ଯ୍ୟଦକ୍ଷ/ଅପାରଗ)

୨. ...................... ଯନ୍ତ୍ର କୌଶଳ ଦ୍ୱାରା ସମ୍ବଳର ବୃଦ୍ଧି ହୋଇଥାଏ । (ଉନ୍ନତ/ଅନୁନ୍ନତ)

୩. ସମ୍ବଳ ................ ହେବା ଦରକାର । (ଅବ୍ୟବହୃତ/ ପୂର୍ଣ୍ଣ ବ୍ୟବହାର)

୪. ଯଦି ଜଣେ ଲୋକ ............ ତାର ମାନେ ସମ୍ବଳ ନଷ୍ଟ ହେବା । (ନିଯୁକ୍ତି/ବେକାର)

୫. ସମ୍ବଳ ପରିମାଣରେ ପରିବର୍ତ୍ତନ ମାନେ ............. । (ଅଧିକ ଶ୍ରମିକ/ ତାଲିମପ୍ରାପ୍ତ ଓ କୁଶଳୀ ଶ୍ରମିକ)

## ୨.୫ ଉତ୍ପାଦନ ସମ୍ଭାବ୍ୟ ରେଖା (Production Possibility Curve)

ଯେ କୌଣସି ଅର୍ଥ ବ୍ୟବସ୍ଥାରେ ଦେଖାଯାଉଥିବା ବିଭିନ୍ନ ସମସ୍ୟାଗୁଡିକ ରେଖାଚିତ୍ର (diagram) ମାଧ୍ୟମରେ ପ୍ରକାଶ କରାଯାଇପାରିବ । ଏହି ରେଖାଚିତ୍ର ବା ଗ୍ରାଫକୁ ଉତ୍ପାଦନ ସମ୍ଭାବ୍ୟ ରେଖା କୁହାଯାଏ । ଏହା ଏପରି ଗୋଟିଏ ରେଖାଚିତ୍ର ଯାହାକି ଗୋଟିଏ ଅର୍ଥନୀତିରେ ମିଳୁଥିବା ସାଧନ ଏବଂ ପ୍ରଯୁକ୍ତିବିଦ୍ୟା କୌଶଳର ସମ୍ପୂର୍ଣ୍ଣ ଓ ସଠିକ୍ ବ୍ୟବହାର ଦ୍ୱାରା ଦୁଇଟି ଦ୍ରବ୍ୟର ସମସ୍ତ ସମ୍ଭାବ୍ୟ ସଂଯୋଗର ଉତ୍ପାଦନକୁ ବୁଝାଏ । ଉତ୍ପାଦନ ସମ୍ଭାବ୍ୟରେଖା କେତେଗୁଡ଼ିଏ ସର୍ତ୍ତଉପରେ ଆଧାରିତ । ଯଥା;

- କେବଳ ଦୁଇଟି ଦ୍ରବ୍ୟ ଉତ୍ପାଦନ କରାଯିବ;
- ପ୍ରଯୁକ୍ତିବିଦ୍ୟାରେ ପରିବର୍ତ୍ତନ କରାଯିବ ନାହିଁ;
- ସମ୍ବଳ ସ୍ଥିର ରହିବ;
- ସମ୍ବଳର ପୂର୍ଣ୍ଣ ଓ ସଠିକ୍ ବିନିଯୋଗ;

ଅର୍ଥ ବ୍ୟବସ୍ଥାରେ ଦେଖାଦେଉଥିବା ବିଭିନ୍ନ ସମସ୍ୟାଗୁଡିକ ଏହି ସମ୍ଭାବ୍ୟ ରେଖା ଦ୍ୱାରା ବୁଝି ହୋଇଥାଏ ।

### (ଖ) ସମ୍ବଳର ବଣ୍ଟନ ସମସ୍ୟା (Problem of Allocation of Resources)

ଧରାଯାଉ ଏକ ଅର୍ଥ ବ୍ୟବସ୍ଥାରେ କେବଳ ଦୁଇଟି ଦ୍ରବ୍ୟ ଉତ୍ପାଦନ ହେବ- ଡାଲି ଓ କପଡ଼ା



ଏହି ଦୁଇଟି ଦ୍ରବ୍ୟର ଉତ୍ପାଦନ ପାଇଁ ପ୍ରଯୁକ୍ତି ବିଦ୍ୟାରେ କୌଣସି ପରିବର୍ତ୍ତନ କରାନଯାଇ ଭୂମି ଓ ଶ୍ରମ ମାଧ୍ୟମରେ କରାଯିବ । ଯେକୌଣସି ଏକ ଅର୍ଥ ବ୍ୟବସ୍ଥାରେ ଏକ ନିର୍ଦ୍ଦିଷ୍ଟ ସମ୍ବଳ ଓ ପ୍ରଯୁକ୍ତିବିଦ୍ୟା ବ୍ୟବହାର କରାଯାଇ, ଉପରୋକ୍ତ ଦୁଇଟି ଦ୍ରବ୍ୟର ବିଭିନ୍ନ ପରିମାଣର ଉତ୍ପନ୍ନ କରାଯାଏ ।


**ସାରଣୀ ୨.୧**

**ଉତ୍ପାଦନ ସମ୍ଭାବ୍ୟ ରେଖା**

| ସମ୍ଭାବ୍ୟ ଉତ୍ପାଦନ | ଡାଲି(ଲକ୍ଷ କ୍ୱିଣ୍ଟାଲରେ) | କପଡ଼ା (ନିୟୁତ ମିଟରରେ) |
|---|---|---|
| କ | ୦ | ୧୪ |
| ଖ | ୧ | ୧୨ |
| ଗ | ୨ | ୯ |
| ଘ | ୩ | ୫ |
| ଙ | ୪ | ୦ |

ଏହି ସାରଣୀରୁ ଜଣାଯାଉଛି ଯେ (କ) ଯଦି ସମସ୍ତ ସମ୍ବଳକୁ କପଡ଼ା ଉତ୍ପାଦନରେ ବ୍ୟବହାର କରାଯିବ ତେବେ ଆମେ ୧୪ ନିୟୁତ ମିଟର କପଡ଼ା ପ୍ରସ୍ତୁତ କରିପାରିବା ଏବଂ ଡାଲିର ଉତ୍ପାନ କିଛି ହେବ ନାହିଁ । (ଙ)ରେ ଉତ୍ପାଦନ ସମ୍ଭାବ୍ୟର ଯଦି ସବୁ ସମ୍ବଳ ଡାଲି ଉତ୍ପାଦନରେ ବ୍ୟବହାର ହେବ, ତେବେ ୪ ଲକ୍ଷ କ୍ୱିଣ୍ଟାଲ ଡାଲି ଉତ୍ପାଦିତ ହେବ, କିନ୍ତୁ କିଛି କପଡ଼ା ଉତ୍ପନ୍ନ ହେବ ନାହିଁ। ସେହିଭଳି ସାରଣୀରେ ଆମେ ଖ, ଗ, ଘ ବିନ୍ଦୁ ପାଇପାରିବା, ଯାହାକି ଡାଲି ଓ କପଡ଼ାର ଭିନ୍ନ ଭିନ୍ନ ଉତ୍ପାଦନର ପରିମାଣ ଦେଖାଉଅଛି ।

ଏହି ଉତ୍ପାଦନକୁ ରେଖାଚିତ୍ର ମାଧ୍ୟମରେ ମଧ୍ୟ ଦର୍ଶାଯାଇପାରିବ ।





ଉତ୍ପାଦନ ସମ୍ଭାବ୍ୟ ରେଖାଚିତ୍ର (୨.୧)

ରେଖାଚିତ୍ର (୨.୧)ରେ ଦେଖାଯିବ 'ଖ' ବିନ୍ଦୁରେ ସମ୍ବଳର ଦୁଇଟିଯାକ ଦ୍ରବ୍ୟ ଉତ୍ପାଦନରେ ବ୍ୟବହାର କରାଯାଇଛି । ଯେଉଁଠିକି ଖ ବିନ୍ଦୁ ୧ ଲକ୍ଷ କ୍ୱିଣ୍ଟାଲ ଡାଲି ଓ୧୨ ନିୟୁତ ମିଟର କପଡା ଉତ୍ପାଦନ କରାଯାଇଛି । ସେହିପରି ଗ ବିନ୍ଦୁ, ଘ ବିନ୍ଦୁ, ଙ ବିନ୍ଦୁ, କପଡ଼ା ଓ ଡାଲି ଉତ୍ପାଦନର ଭିନ୍ନ ଭିନ୍ନ ମାତ୍ରା ରେଖାଚିତ୍ରରେ ଦର୍ଶାଉଅଛି, ଯେଉଁଠିକି ସମ୍ବଳର ପୂର୍ଣ୍ଣ ଓ ସଠିକ୍ ବିନିଯୋଗ କରାଯାଇଛି । ତେଣୁ ଏକ ଅର୍ଥ ବ୍ୟବସ୍ଥା କେଉଁ ବିନ୍ଦୁରେ କାର୍ଯ୍ୟ କରିବ ତାହା ସ୍ଥିର କରିବାକୁ ହେବ । କାହିଁକି ନା, ଉତ୍ପାଦନ ସମ୍ଭାବ୍ୟ ରେଖାର ପ୍ରତ୍ୟେକଟି ବିନ୍ଦୁ ପୂର୍ଣ୍ଣ ଓ ସଠିକ୍ ଭାବରେ ସମ୍ବଳ ବିନିଯୋଗ ଦର୍ଶାଉଛି ।

ଉପରୋକ୍ତ ଉତ୍ପାଦନ ସମ୍ଭାବ୍ୟ ରେଖାକୁ ଦେଖିଲେ ଜଣାଯାଏ ଯେତେବେଳେ ଡାଲିର ଉତ୍ପାଦନ ଶୂନ (୦)ରୁ ୧ଲକ୍ଷ କ୍ୱିଣ୍ଟାଲକୁ ବଢିଥାଏ । କପଡ଼ା ଉତ୍ପାଦନ ୧୪ ନିୟୁତ ମିଟରରୁ ୧୨ ନିୟୁତ ମିଟରକୁ କମିଥାଏ । ସେହିପରି ଯେତେବେଳେ ଡାଲିର ଉତ୍ପାଦନ ୧ ଲକ୍ଷ କ୍ୱିଣ୍ଟାଲରୁ ୨ଲକ୍ଷ କ୍ୱିଣ୍ଟାଲକୁ ବଢିଥାଏ କପଡ଼ାର ଉତ୍ପାଦନ ୧୨ ନିୟୁତ ମିଟରରୁ ୯ ନିୟୁତ ମିଟରକୁ କମିଥାଏ । ଏହା ସୂଚାଉଅଛି ଯେ ଯେତେବେଳେ ଗୋଟିଏ ଦ୍ରବ୍ୟର ଉତ୍ପାଦନ ବଢିଥାଏ, ଅନ୍ୟଟିର ଉତ୍ପାଦନ କମିଥାଏ । ଏହାର କାରଣ ହେଲା ସମ୍ବଳର ସ୍ୱଳ୍ପତା ।

### (ଗ) ସମ୍ବଳର ନିମ୍ନ ଉପଯୋଗ (Underutilisation of inefficient utilisation of Resources)

ଉତ୍ପାଦନ ସମ୍ଭାବ୍ୟ ରେଖାର ଯେକୌଣସି ବିନ୍ଦୁରେ ସମ୍ବଳର ପୂର୍ଣ୍ଣ ଓ ସଠିକ୍ ବିନିଯୋଗ ହୋଇଥାଏ । କିନ୍ତୁ ଯଦି କୌଣସି ଅର୍ଥ ବ୍ୟବସ୍ଥା ଏହି ଉତ୍ପାଦନ ସମ୍ଭାବ୍ୟ ରେଖା ଉପରେ କାର୍ଯ୍ୟ ନକରି ଏହା ଭିତରେ କାର୍ଯ୍ୟ କରୁଥାଏ, ତାହାକୁ ସମ୍ବଳର ନିମ୍ନ ଉପଯୋଗ ବୋଲି କୁହାଯାଏ ।




ସମ୍ବଳର ନିମ୍ନ ଉପଯୋଗ (ଚିତ୍ର ୨.୨)

ଏହାକୁ ଏକ ଉଦାହରଣ ମାଧ୍ୟମରେ ବୁଝିପାରିବା । ରେଖାଚିତ୍ରରେ ଥିବା 'ଚ' ବିନ୍ଦୁଟିରେ ୨ଲକ୍ଷ କ୍ୱିଣ୍ଟାଲ ଡାଲି ଓ ୫ ନିୟୁତ ମିଟର କପଡ଼ା ଉତ୍ପାଦନ ହେଉଛି । ସମ୍ବଳର ପୁନଃ ବଣ୍ଟନ



ଯୋଗୁଁ ଅର୍ଥ ବ୍ୟବସ୍ଥାରେ ନିମ୍ନୋକ୍ତ କାର୍ଯ୍ୟ ହୋଇପାରିବ ।


୧ ଡାଲି ଉତ୍ପାଦନ ୩ ଲକ୍ଷ କ୍ୱିଣ୍ଟାଲକୁ ବଢିପାରିବ ଓ କପଡ଼ାର ଉତ୍ପାଦନ ୫ ନିୟୁତ ମିଟର 'ବିନ୍ଦୁ ଘ'ରେ ରହିବ ।

୨ କପଡ଼ାର ଉତ୍ପାଦନ ୯ ନିୟୁତ ମିଟରକୁ ବଢିପାରିବ ଓ ଡାଲିର ଉତ୍ପାଦନ ୨ ଲକ୍ଷ କ୍ୱିଣ୍ଟାଲ (ବିନ୍ଦୁ ଗ)ରେ ରହିବ ।

ଦୁଇଟି ଯାକରେ ଅର୍ଥ ବ୍ୟବସ୍ଥାରେ ଉତ୍ପାଦନ ହେଉଥିବା ଦୁଇଟି ଯାକ ଦ୍ରବ୍ୟର ପରିମାଣ ବୃଦ୍ଧି କରାଯାଇପାରିବ । ଏହି ବୃଦ୍ଧି ସମ୍ବଳର ପୂର୍ଣ୍ଣ ଓ ସଠିକ୍ ବିନିଯୋଗ ଯୋଗୁଁ ସମ୍ଭବ ହେବ । ତେଣୁ ଆମେ କହିପାରିବା (ବିନ୍ଦୁ ଚ)ରେ ସମ୍ବଳର ପୂର୍ଣ୍ଣ ଓ ସଠିକ୍ ବିନିଯୋଗ ହୋଇପାରିଛି ।

### (ଘ) ସମ୍ବଳର ବୃଦ୍ଧି (Growth of Resources)

ପୂର୍ବରୁ ଆମେ କହିଛେ ଯେ, ଅଭାବକୁ ମେଣ୍ଟାଇବା ପାଇଁ ସମ୍ବଳର ବୃଦ୍ଧି ହେବା ଦରକାର । ସମ୍ବଳର ପରିମାଣରେ ବୃଦ୍ଧି ଯୋଗୁଁ ବା ସମ୍ବଳର ଉତ୍ପାଦନ କ୍ଷମତାର ବୃଦ୍ଧି ଯୋଗୁଁ ସମ୍ବଳର ବୃଦ୍ଧି ହୋଇଥାଏ । ଏହାଦ୍ୱାରା ଉତ୍ପାଦନରେ ବୃଦ୍ଧି ଘଟେ ।




ଚିତ୍ର ୨.୩ ଉତ୍ପାଦନ ସମ୍ଭାବ୍ୟ ରେଖାରେ ସମ୍ବଳର ବୃଦ୍ଧି

ଏହି ଚିତ୍ର ୨.୩ରେ ଦେଖିପାରିବା ଯେ ସମ୍ବଳର ବୃଦ୍ଧି ଯୋଗୁଁ (କ, ଙ) ଉତ୍ପାଦିତ ସମ୍ଭାବ୍ୟ ରେଖା । ଏହାର ଡାହାଣକୁ (ଚ ଡ)କୁ ସ୍ଥାନାନ୍ତରିତ ହେବ । ଅର୍ଥାତ୍ ଉତ୍ପାଦନ ବୃଦ୍ଧି ହେବ । (ଚ ବିନ୍ଦୁରେ) ଅର୍ଥ ବ୍ୟବସ୍ଥାରେ ଡାଲି ଉତ୍ପାଦନ (ଶୂନ୍ୟ), କିନ୍ତୁ କପଡ଼ା ଉତ୍ପାଦନ ୨୦ନିୟୁତ ମିଟରକୁ ବଢିଛି । ଏହା (କ ବିନ୍ଦୁରେ) ଉତ୍ପନ୍ନ ହେଉଥିବା କପଡା ଠାରୁ ଅଧିକ । ସେହିପରି ବିନ୍ଦୁ ଟରେ ଯେତେବେଳେ କପଡ଼ାର ଉତ୍ପାଦନ ଶୂନ୍ୟ, ସେତେବେଳେ ଡାଲି ଉତ୍ପାଦନ ୫ ନିୟୁତ ମିଟର ଏହା ଙ ବିନ୍ଦୁରେ ଉତ୍ପନ୍ନ ହେଉଥିବା ଡାଲି ଠାରୁ ଅଧିକ । ଅନ୍ୟ ଯେ କୌଣସି

ଉତ୍ପାଦନର ପରିମାଣ (contribution) ଉତ୍ପାଦନ ସମ୍ଭାବ୍ୟ ରେଖା (ଚ, ଡ)ରେ (କ, ଙ) ଅପେକ୍ଷା ଅଧିକ ଅଟେ । ତେଣୁ ସମ୍ବଳର ବୃଦ୍ଧି ହେଲେ ସମ୍ଭାବ୍ୟ ରେଖା ଡାହାଣ ଆଡକୁ ସ୍ଥାନାନ୍ତର ହୁଏ। ଯାହାଦ୍ୱାରା କି ଅଧିକ ଉତ୍ପାଦନ ହୁଏ।

## ପ୍ରଶ୍ନ ୨.୪

୧. ଠିକ୍ ଉକ୍ତିଟିକୁ ବାଛ;

(କ) ଉତ୍ପାଦନ ସମ୍ଭାବ୍ୟରେଖା ଗୋଟିଏ ବିନ୍ଦୁକୁ ବୁଝାଏ;

କ.୧- ସମ୍ବଳର ବୃଦ୍ଧି

କ.୨-ସମ୍ବଳର ନିମ୍ନ ବିନିଯୋଗ

କ.୩- ସମ୍ବଳର ବେକାରୀ (Unemployment of Resources)

କ.୪- ସମ୍ବଳର ସମ୍ପୂର୍ଣ୍ଣ ଓ ସଠିକ୍ ବିନିଯୋଗ

(ଖ) ଉତ୍ପାଦନ ସମ୍ଭାବ୍ୟରେଖାର ଡାହାଣକଡକୁ ସ୍ଥାନାନ୍ତରିତ ବୁଝାଏ;

ଖ.୧-ସମ୍ବଳର ବୃଦ୍ଧି

ଖ.୨-ସମ୍ବଳର ନିମ୍ନ ବିନିଯୋଗ

ଖ.୩- ସମ୍ବଳର ବେକାରୀ

ଖ.୪- ସମ୍ବଳର ସଠିକ୍ ଓ ସମ୍ପୂର୍ଣ୍ଣ ବିନିଯୋଗ

୨. ଠିକ୍ କି ଭୁଲ ବାଛ;

(କ) ଉତ୍ପାଦନ ରେଖାରେ ଏକ ବିନ୍ଦୁ- ସମ୍ବଳର ନିମ୍ନ ବ୍ୟବହାରକୁ ବୁଝାଏ । (   )

(ଖ) ଶ୍ରମର ବେକାରି ଅର୍ଥ-ସମ୍ବଳର ସଠିକ୍ ଭାବେ ବିନିଯୋଗ ହୋଇନଥିବା। ( )

(ଗ) ଉନ୍ନତ ପ୍ରଯୁକ୍ତିବିଦ୍ୟାର ବ୍ୟବହାର ଅର୍ଥ-ଉତ୍ପାଦନ ସମ୍ଭାବ୍ୟରେଖାର ବାମ କଡକୁ ସ୍ଥାନାନ୍ତରିତ ହେବା । (   )

(ଘ) ଅର୍ଥନୀତିରେ ଦୁଇରୁ ଅଧିକ ଦ୍ରବ୍ୟକୁ ଉତ୍ପାଦନ ସମ୍ଭାବ୍ୟ ରେଖାରେ ଦେଖାଇ ହେବ । (   )



(ଙ) ଏକ ଅର୍ଥନୀତି ଉତ୍ପାଦନ ସମ୍ଭାବ୍ୟ ରେଖା କେଉଁ ବିନ୍ଦୁରେ କାର୍ଯ୍ୟ କରିବ ତାହା ପସନ୍ଦ କରେ, ଯେହେତୁ ସମସ୍ତ ବିନ୍ଦୁଗୁଡିକ ସମାନ କାର୍ଯ୍ୟଦକ୍ଷ । (    )

## କ'ଣ ଜାଣିଲେ

- ଅର୍ଥ ବ୍ୟବସ୍ଥା ମୌଳିକ ସମସ୍ୟା ହେଉଛି- ମାନବର ଆବଶ୍ୟକତା ଅସୀମ, କିନ୍ତୁ ସେହି ଆବଶ୍ୟକତାକୁ ପୂରଣ କରିବାର ସମ୍ବଳ ସୀମିତ । ସମ୍ବଳର ବିକଳ୍ପ ବ୍ୟବହାର ଅଛି ।
- ଅଭାବ ଚୟନକୁ ପ୍ରଭାବିତ କରେ ।
- ଉପଭୋକ୍ତା ଏବଂ ଉତ୍ପାଦନକାରୀ ସମସ୍ତେ ଅର୍ଥ ବ୍ୟବସ୍ଥାର ମୌଳିକ ସମସ୍ୟାକୁ ସମ୍ମୁଖୀନ ହୁଅନ୍ତି ।
- ଅର୍ଥ ବ୍ୟବସ୍ଥାର ସମସ୍ୟାଗୁଡିକ ଅର୍ଥନୀତିର କେନ୍ଦ୍ରୀୟ ସମସ୍ୟା ସୃଷ୍ଟି କରିଥାନ୍ତି । ଏହି ସମସ୍ୟାଗୁଡିକ ଏକତ୍ର ଭାବେ ସମ୍ବଳର ବଣ୍ଟନ ସମସ୍ୟାକୁ ବୁଝାଏ ।
  - କ'ଣ ଉତ୍ପାଦନ ହେବ, କେତେ ପରିମାଣରେ ଉତ୍ପାଦନ ହେବ, ମିଳୁଥିବା ସମ୍ବଳକୁ ନେଇ ଅର୍ଥନୀତିରେ ଉତ୍ପନ୍ନ ହେଉଥିବା ଦ୍ରବ୍ୟ ଓ ସେବାର ଭିନ୍ନ ଭିନ୍ନ ସଂଯୋଗକୁ ବୁଝାଏ ।
  - କିପରି ଉତ୍ପାଦନ କରାଯିବ; ଉତ୍ପାଦନରେ ଉନ୍ନତ ପ୍ରଯୁକ୍ତିବିଦ୍ୟା ବାଛିବା । ଏହା ଶ୍ରମ ଭିତ୍ତିକ ବା ପୁଞ୍ଜି ଭିତ୍ତିକ ହୋଇପାରେ ।
  - କାହା ପାଇଁ ଉତ୍ପାଦନ କରାଯିବ; ଉତ୍ପାଦିତ ଦ୍ରବ୍ୟ କିପରି ବିଭିନ୍ନ ଲୋକଙ୍କ ମଧ୍ୟରେ ବଣ୍ଟନ କରାଯିବ । ଉତ୍ପାଦନରେ ଜଡିତ ଥିବା ସମସ୍ତଙ୍କ ନିକଟର ଉତ୍ପାଦନ ବିଭିନ୍ନ ଅଂଶ ପହଞ୍ଚିବାକୁ ବୁଝାଏ ।
- ଅର୍ଥ ବ୍ୟବସ୍ଥାରେ ସମ୍ମୁଖୀନ ହେଉଥିବା ଅନ୍ୟାନ୍ୟ ସମସ୍ୟା;
  - ସମ୍ବଳର ପୂର୍ଣ୍ଣ ବିନିଯୋଗ; 'ସମ୍ବଳ ଯେପରି ନଷ୍ଟ ନହୁଏ' ସେଥିପ୍ରତି ଦୃଷ୍ଟି ଦିଏ । ଅର୍ଥାତ୍ ସମ୍ବଳ ଯେପରି ଅବ୍ୟବହୃତ କିମ୍ବା ବେକାର ହୋଇପଡି ନରହେ ।
  - ସମ୍ବଳର ବୃଦ୍ଧି; ଅର୍ଥନୀତିରେ ସମ୍ବଳ କିପରି ବୃଦ୍ଧି ପାଇପାରିବ, ଯେପରି ଲୋକମାନଙ୍କର ବୃଦ୍ଧି ହେଉଥିବା ଆବଶ୍ୟକତା ମେଣ୍ଟାଇପାରିବ । ସମ୍ବଳ ଦୁଇପ୍ରକାରରେ ବୃଦ୍ଧି ପାଇପାରେ, ୧-ମିଳୁଥିବା ସମ୍ବଳର ପରିମାଣରେ ବୃଦ୍ଧି, ୨- ଏହି ସମ୍ବଳର ଉପଯୁକ୍ତ ବ୍ୟବହାର କରି ଉତ୍ପାଦନରେ ବୃଦ୍ଧି ଘଟାଇବା (ପ୍ରଯୁକ୍ତିବିଦ୍ୟା ଓ କୌଶଳର ବ୍ୟବହାର ଦ୍ୱାରା)



- ଉତ୍ପାଦନ ସମ୍ଭାବ୍ୟରେଖା; ଗୋଟିଏ ଅର୍ଥନୀତିରେ ମିଳୁଥିବା ସମ୍ବଳର ସମ୍ପୂର୍ଣ୍ଣ ଓ ସଠିକ୍ ବ୍ୟବହାର, ଏକ ପ୍ରକାର ପ୍ରଯୁକ୍ତିବିଦ୍ୟା ବ୍ୟବହାର କରି ଦୁଇଟି ଦ୍ରବ୍ୟର ବିଭିନ୍ନ ସମ୍ଭାବ୍ୟ ସଂଯୋଗକୁ ବୁଝାଏ ।
- ଉତ୍ପାଦନ ସମ୍ଭାବ୍ୟ ରେଖାରେ ଯେ କୌଣସି ବିନ୍ଦୁରେ ସମ୍ବଳର ସମ୍ପୂର୍ଣ୍ଣ ଓ ସଠିକ୍ ବ୍ୟବହାରକୁ ବୁଝାଏ ।
- ଉତ୍ପାଦନ ସମ୍ଭାବ୍ୟରେଖାର ଡାହାଣକୁ ସ୍ଥାନାନ୍ତରିତ ହେବା ସମ୍ବଳର ବୃଦ୍ଧିକୁ ବୁଝାଏ ।

## ପ୍ରଶ୍ନ

୧. ଅର୍ଥ ବ୍ୟବସ୍ଥାରେ କିପରି ସମସ୍ୟା ଉପୁଜେ । ସମ୍ବଳ ଯଦି ଅସୀମ ହୁଅନ୍ତା, ତେବେ ଅର୍ଥ ବ୍ୟବସ୍ଥା ସମ୍ବଳ ସମସ୍ୟା ନଥାନ୍ତା ?

୨. ଅଭାବ ଅଭିରୁଚିକୁ କିପରି ପ୍ରଭାବିତ କରେ ?

୩. ଅର୍ଥନୀତିରେ ଥିବା କ'ଣ ଉତ୍ପାଦନ ହେବ, କେତେ ପରିମାଣରେ ଉତ୍ପାଦନ ହେବ, ସମସ୍ୟାଟିକୁ ଉପଯୁକ୍ତ ଉଦାହରଣ ମାଧ୍ୟମରେ ବୁଝାଅ ।

୪. 'ଉତ୍ପାଦନ କିପରି ହେବ' ସମସ୍ୟାଟିକୁ ବୁଝାଅ ?

୫. 'ସମ୍ବଳର ସମ୍ପୂର୍ଣ୍ଣ ବିନିଯୋଗ' ସମସ୍ୟାଟିକୁ ବୁଝାଅ ?

୬. ଅର୍ଥନୀତିରେ ସମ୍ବଳର ବୃଦ୍ଧି କିପରି ହୋଇଥାଏ ?

୭. ଉତ୍ପାଦନ ସମ୍ଭାବ୍ୟ ରେଖା କ'ଣ ? ସମ୍ବଳର ନିମ୍ନ ଉପଯୋଗ ସମସ୍ୟାଟିକୁ ଉତ୍ପାଦନ ସମ୍ଭାବ୍ୟ ରେଖାରେ ଦେଖାଅ ।

୮. ସମ୍ବଳର ବୃଦ୍ଧି ଉତ୍ପାଦନ ସମ୍ଭାବ୍ୟ ରେଖାରେ ବୁଝାଅ । ଅର୍ଥନୀତିରେ ଉତ୍ପନ୍ନ ହେଉଥିବା ଦ୍ରବ୍ୟକୁ ଏହା କିପରି ପ୍ରଭାବିତ କରିଥାଏ ?

## ଉତ୍ତର

**୨.୧**

୧. ଠିକ୍

୨. ଭୁଲ





୩. ଭୁଲ

୪. ଠିକ୍

୫. ଭୁଲ

୬. ଭୁଲ

୭. ଠିକ୍

୮. ଠିକ୍

୯. ଭୁଲ

୧୦. ଭୁଲ

**୨.୨**

୧. ଖ

୨. ଘ

୩. ଙ

୪. ଘ

୫. କ

**୨.୩**

୧ ଅପାରଗ

୨. ଉନ୍ନତ

୩. ପୂର୍ଣ୍ଣ ବ୍ୟବହାର

୪. ତାଲିମପ୍ରାପ୍ତ କୁଶଳୀ କାରିଗର

**୨.୪**

୧. ଠିକ୍



(କ) ୪

(ଖ) ୧

୨. (କ) ଠିକ୍

(ଖ) ଠିକ

(ଗ) ଭୁଲ

(ଘ) ଭୁଲ

(ଙ) ଠିକ୍

**ଶେଷ ପ୍ରଶ୍ନ**

୧. ୨.୨ରୁ ପଢନ୍ତୁ

୨. ୨.୨ରୁ ପଢନ୍ତୁ

୩. ୨.୩ର (କ)ରୁ ପଢନ୍ତୁ

୪. ୨.୩ର (ଖ)ରୁ ପଢନ୍ତୁ

୫. ୨.୪ର (କ)ରୁ ପଢନ୍ତୁ

୬. ୨.୪ର (ଖ)ରୁ ପଢନ୍ତୁ

୭. ୨.୫ (କ ଏବଂ ଗ) ପଢନ୍ତୁ

୮. ୨.୫ର (ଘ)ରୁ ପଢନ୍ତୁ





# 3

# ଅର୍ଥନୈତିକ ଅଭିବୃଦ୍ଧି ଓ ଅର୍ଥନୈତିକ ବିକାଶ (Economic Growth and Economic Development)

ପୂର୍ବ ଅଧ୍ୟାୟଟିରେ ଅର୍ଥ ବ୍ୟବସ୍ଥାର ମୌଳିକ ସମସ୍ୟା ଏବଂ ଏହାର ପ୍ରକ୍ରିୟାଗୁଡିକ ସମ୍ପର୍କରେ ଜାଣିଲେ । ପ୍ରତ୍ୟେକ ଅର୍ଥ ବ୍ୟବସ୍ଥା ଏହାର ସମ୍ବଳର ସର୍ବୋତ୍ତମ ଉପଯୋଗ କରିବାକୁ ଚାହିଁଥାଏ । ଏହି ପ୍ରସଙ୍ଗଟିରେ ଆମେ ଦେଖିବା ଯେ ସମ୍ବଳର କିଭଳି ବିନିଯୋଗ କଲେ ଏକ ଅର୍ଥ ବ୍ୟବସ୍ଥାରେ ଜାତୀୟ ଆୟ ବଢିପାରିବ । ସଂକ୍ଷେପରେ ଏହି ଅଧ୍ୟାୟଟି ଅର୍ଥନୈତିକ ବିକାଶ ଓ ଅଭିବୃଦ୍ଧି ସହିତ ଜଡିତ ।

ଅର୍ଥନୈତିକ ଅଭିବୃଦ୍ଧି ଓ ବିକାଶ ଅର୍ଥନୀତିରେ ନୂଆ ନୁହେଁ । ଅର୍ଥନୀତି ଯେତେ ପୁରୁଣା, ଏହା ମଧ୍ୟ ସେତେ ପୁରୁଣା । ଆଦାମ୍ ସ୍ମିଥ (Adam Smith) ଯେ କି, ଅର୍ଥନୀତିର ଜନକ ତାଙ୍କର ଲିଖିତ ପୁସ୍ତକ “An inquiry into the Nature and causes of the wealth of Nations”ରେ ଅର୍ଥନୈତିକ ଅଭିବୃଦ୍ଧି କିପରି ହୋଇପାରିବ ସେ ବିଷୟରେ ଉଲ୍ଲେଖ କରିଛନ୍ତି । ସମସ୍ତ ଅର୍ଥନୈତିକ ବ୍ୟବସ୍ଥା ଅର୍ଥନୈତିକ ଅଭିବୃଦ୍ଧି ଓ ବିକାଶ ସହିତ ସମ୍ପୃକ୍ତ କାରଣ ଏହା ଲୋକମାନଙ୍କର କଲ୍ୟାଣ ଏବଂ ସେହି ଦେଶର ଜୀବନ ଧାରଣର ମାନର ଉନ୍ନତି କରିଥାଏ ।

## ଉଦ୍ଦେଶ୍ୟ :

ଏହି ଅଧ୍ୟାୟଟି ପଢିଲା ପରେ ଆମେ ଜାଣିପାରିବା,

- ଅର୍ଥନୈତିକ ଅଭିବୃଦ୍ଧି କହିଲେ କ’ଣ ?
- ଅର୍ଥନୈତିକ ବିକାଶର ସଂଜ୍ଞା
- ଅର୍ଥନୈତିକ ଅଭିବୃଦ୍ଧି ଓ ଅର୍ଥନୈତିକ ବିକାଶ ମଧ୍ୟରେ ପାର୍ଥକ୍ୟ ।
- ଅବାରିତ ବିକାଶ କ’ଣ ଏବଂ ଏହା ଅର୍ଥନୈତିକ ବିକାଶ ଠାରୁ କିପରି ଅଲଗା ?
- ଜୀବନର ଗୁଣବତ୍ତା ବିଷୟରେ ବୁଝିପାରିବା ।



## ୩.୧ ପାରମ୍ପରିକ ଏବଂ ଆଧୁନିକ ଦୃଷ୍ଟିକୋଣ (Traditional and Modern View)

ସାଧାରଣତଃ ଅର୍ଥନୈତିକ ଅଭିବୃଦ୍ଧି ଓ ଅର୍ଥନୈତିକ ବିକାଶ ଅଦଳବଦଳ ହୋଇ ବ୍ୟବହାର ହୁଏ । କିନ୍ତୁ ଆଧୁନିକ ଦୃଷ୍ଟିକୋଣରୁ ଏହି ଦୁଇଟି ଧାରଣା ମଧ୍ୟରେ ପାର୍ଥକ୍ୟ ରହିଛି, ଠିକ୍ ଯେମିତି ଗୋଟିଏ ଶିଶୁର ଅଭିବୃଦ୍ଧି ଓ ବିକାଶ ସମାନ ନୁହେଁ । ଗୋଟିଏ ଶିଶୁର ଉଚ୍ଚତା ଓ ଓଜନ ବଢିବାକୁ ତା'ର ଅଭିବୃଦ୍ଧି କୁହାଯିବ ଓ ତାର ବୁଝିପାରିବା କ୍ଷମତାକୁ ବିକାଶ କୁହାଯିବ ।

ସେହିପରି ଅର୍ଥନୈତିକ ବିକାଶ ବହୁମୁଖୀ ଓ ଅର୍ଥନୈତିକ ଅଭିବୃଦ୍ଧି ଏକ ମୁଖୀ । ବିକାଶ ହେଲା ଅଭିବୃଦ୍ଧି ଠାରୁ ଅଧିକ । ଯଦି ଆମେ ତୁଳନା କରିବା, ଏହା ଅର୍ଥନୈତିକ ଅଭିବୃଦ୍ଧି ଠାରୁ ଅଧିକ ଜଟିଳ । ଏହି ଦୁଇଟି ଶବ୍ଦ (ଅଭିବୃଦ୍ଧି ଏବଂ ବିକାଶ)ର ଅର୍ଥ ଓ ଏହା ମଧ୍ୟରେ ଥିବା ପାର୍ଥକ୍ୟକୁ ଖୋଜିବା ।

## ୩.୨ ଅର୍ଥନୈତିକ ଅଭିବୃଦ୍ଧି (Economic Growth)

ଅର୍ଥନୈତିକ ଅଭିବୃଦ୍ଧି ଏକ ଧାରା । ଯାହା ମାଧ୍ୟମରେ ଅର୍ଥବ୍ୟବସ୍ଥାର ପ୍ରକୃତ ଜାତୀୟ ଆୟ ଦୀର୍ଘକାଳ ପାଇଁ ବୃଦ୍ଧି ପାଇଥାଏ ।

ଏହି ଧାରଣା ଦୁଇଟି ଶବ୍ଦ ଉପରେ ପର୍ଯ୍ୟବେଶିତ, ପ୍ରଥମଟି 'ଜାତୀୟ ଆୟ' (National Income) ଏବଂ ଦ୍ୱିତୀୟଟି ପ୍ରକୃତ ଜାତୀୟ ଆୟ (Real National Income) । ଏହି ଦୁଇଟି ଶବ୍ଦକୁ ବୁଝିସାରିଲା ପରେ ଅର୍ଥନୈତିକ ଅଭିବୃଦ୍ଧି ସମ୍ପର୍କରେ ଜାଣିପାରିବା ।

ଜାତୀୟ ଆୟ (National Income) ହେଉଛି ଗୋଟିଏ ବର୍ଷ ମଧ୍ୟରେ ପ୍ରସ୍ତୁତ ହୋଇଥିବା ସମସ୍ତ ସମ୍ପୂର୍ଣ୍ଣ ଦ୍ରବ୍ୟ ଓ ସେବାର ବଜାର ଦରକୁ ଜାତୀୟ ଆୟ କୁହାଯାଏ । ପ୍ରଥମତଃ ଦର (market value) ହେଉଛି ବଜାରରେ ବିକ୍ରି ହେଉଥିବା ଦ୍ରବ୍ୟ ଓ ସେବାର ଦାମ (Final goods & services) ।

ଏହାକୁ ଏପରି ଲେଖାଯାଇପାରେ (P x Q) ଏଠାରେ P ହେଉଛି ଦର ବା ଦାମ, Q ହେଉଛି ଉତ୍ପନ୍ନ ହୋଇଥିବା ସମସ୍ତ ଦ୍ରବ୍ୟର ପରିମାଣ । ଏଥିରୁ ଜଣାପଡୁଛି, ଗୋଟିଏ ପଣ୍ୟଦ୍ରବ୍ୟର ବଜାର ଦର ଦୁଇଟି ବିଷୟକୁ ନେଇ ସଂଘଠିତ ହୋଇଥାଏ । ତାହା ହେଲା- ଦ୍ରବ୍ୟର ବଜାର ଦାମ ଓ ଉତ୍ପାଦନର ପରିମାଣ ।

ଦ୍ୱିତୀୟତଃ, ସମ୍ପୂର୍ଣ୍ଣ ଦ୍ରବ୍ୟ ଓ ସେବା- ଉତ୍ପାଦନ ପ୍ରକ୍ରିୟାରେ ସମ୍ପୂର୍ଣ୍ଣ ହୋଇଥିବା ସମସ୍ତ ଦ୍ରବ୍ୟ ଓ ସେବା ଯାହାକି, ଉପଭୋକ୍ତାମାନଙ୍କ ବ୍ୟବହାର ପାଇଁ ପ୍ରସ୍ତୁତ ।





ତୃତୀୟତଃ, ଗୋଟିଏ ବର୍ଷ (a year)- ଜାତୀୟ ଆୟର ସଂଜ୍ଞାରେ ବ୍ୟବହାର ହୋଇଥିବା ଶବ୍ଦ- କାରଣ ଏହି ଜାତୀୟ ଆୟର ସମୟସୀମା ଏକ ବର୍ଷ ପାଇଁ ପରିକଳନ କରାଯାଇଛି । ଭାରତବର୍ଷରେ ଏହି ସମୟଟି ଏପ୍ରିଲ ୧ ତାରିଖରୁ ଆରମ୍ଭ ହୋଇ ଆସନ୍ତାବର୍ଷର ମାର୍ଚ୍ଚ ୩୧ ତାରିଖ ପର୍ଯ୍ୟନ୍ତକୁ ଧାର୍ଯ୍ୟ କରାଯାଇଛି । ଅର୍ଥାତ୍ ୨୦୧୩-୧୪ ଆର୍ଥିକ ବର୍ଷ କହିଲେ- ୨୦୧୩ ଏପ୍ରିଲ ୧ ତାରିଖରୁ ୨୦୧୪ ମସିହାର ମାର୍ଚ୍ଚ ୩୧ ତାରିଖ ପର୍ଯ୍ୟନ୍ତ ।

ଜାତୀୟ ଆୟ ଚଳିତ (Current) ବା ଧାର୍ଯ୍ୟ (Constant) ଦର ଉପରେ ଗଣନ କରାଯାଏ, ଧାର୍ଯ୍ୟ ଦର ଉପରେ ଜାତୀୟ ଆୟ ଗଣନା କରାଗଲେ, ଏହାକୁ ମୁଦ୍ରାଗତ ଜାତୀୟ ଆୟ (Nominal National Income) କୁହାଯାଏ। ଜିନିଷର ଦରଦାମ ବଢ଼ିବା ସଂଗେ ସଂଗେ ଏହା ବଢ଼ିଥାଏ। ଅତଏବ ଗୋଟିଏ ବର୍ଷର ଜାତୀୟ ଆୟ ସମ୍ପର୍କରେ ଜାଣିବାକୁ ହେଲେ ଗତବର୍ଷମାନଙ୍କର ଦରଦାମ ସମ୍ପର୍କରେ ଜାଣିବାକୁ ପଡିଥାଏ। ଏହି ଗତ ବର୍ଷମାନଙ୍କ ମଧ୍ୟରୁ ଗୋଟିକୁ ଆଧାର ବର୍ଷ (base year) ଧରାଯାଏ ଏବଂ ଏହାକୁ ସର୍ବଦା ସ୍ଥିର ରଖି ଭିନ୍ନ ଭିନ୍ନ ବର୍ଷର ଜାତୀୟ ଆୟ ସହ ତୁଳନା କରାଯାଏ।

ଆଧାର ବର୍ଷର ଜାତୀୟ ଆୟ ଗଣନା କରିବାକୁ ଧାର୍ଯ୍ୟ ଦରଦାମରେ ଜାତୀୟ ଆୟ (National Income at Constant Price) କିମ୍ବା ପ୍ରକୃତ ଜାତୀୟ ଆୟ (Real national income) କୁହାଯାଏ । ଦ୍ରବ୍ୟ ଓ ସେବାର ଦାମ୍ ବୃଦ୍ଧି କରାନଯାଇ, ଏହାର ମୂଲ୍ୟରେ ବୃଦ୍ଧି କରାଯିବାକୁ, ପ୍ରକୃତ ଜାତୀୟ ଆୟରେ ବୃଦ୍ଧିକୁ ବୁଝାଏ ।

ମନରେ ସ୍ୱତଃ ପ୍ରଶ୍ନ ଉଠେ- ଏହା କିପରି ସମ୍ଭବ ହେଲା ? ଦ୍ରବ୍ୟ ଓ ସେବାର ଦରଦାମ ନବଢାଇ ମୂଲ୍ୟରେ ବୃଦ୍ଧି ସମ୍ଭବ ।

ଆମେ ଜାଣିଛେ, ଉତ୍ପାଦିତ ଦ୍ରବ୍ୟର ବଜାର ଦର ହେଉଛି ଉତ୍ପାଦିତ ଦ୍ରବ୍ୟର ଦର (Price) ଏବଂ ଉତ୍ପାଦିତ ଦ୍ରବ୍ୟର ପରିମାଣ (quantity produced) (Q) ସହିତ ଗୁଣନ ଅର୍ଥାତ P x Q ହେଲା ଗୋଟିଏ ଜିନିଷର ବଜାର ଦରରେ ବୃଦ୍ଧି ଦୁଇଟି କାରଣରୁ ସମ୍ଭବ ହୋଇଥାଏ, ଯଥା- ଉତ୍ପାଦିତ ଦ୍ରବ୍ୟର ପରିମାଣ ଏବଂ ଏହାର ଦରଦାମ । ଯଦି ଦରଦାମ ସ୍ଥିର ରହେ, ଗୋଟିଏ ବର୍ଷରେ ଉତ୍ପନ୍ନ ହୋଇଥିବା ଦ୍ରବ୍ୟର ବୃଦ୍ଧି କିମ୍ବା ଦ୍ରବ୍ୟ ଓ ସେବାର ମୋଟ ଉତ୍ପାଦନର ପରିମାଣରେ ବୃଦ୍ଧି ହେଲେ, ଜାତୀୟ ଆୟ ବୃଦ୍ଧି ହୋଇଥାଏ । ଜାତୀୟ ଆୟର ଏହି ବୃଦ୍ଧିକୁ ପ୍ରକୃତ ଜାତୀୟ ଆୟର ବୃଦ୍ଧି ବୋଲି କୁହାଯାଏ । ଅର୍ଥାତ୍ ଦରଦାମ ସ୍ଥିର ରହି ଜାତୀୟ ଆୟରେ ବୃଦ୍ଧି ହେଲେ ତାହାକୁ ପ୍ରକୃତ ଜାତୀୟ ଆୟ କୁହାଯାଏ। ଏହା ଆମକୁ ଉତ୍ପାଦିତ ଦ୍ରବ୍ୟର ବୃଦ୍ଧି ବିଷୟରେ ଜଣାଇଥାଏ ।

ଆମ ଦେଶରେ ୨୦୦୪-୦୫ ବର୍ଷକୁ ପ୍ରକୃତ ଜାତୀୟ ଆୟ ଗଣନା କରିବାର ପାଇଁ



ଆଧାର ବର୍ଷ (Base Year) ରୂପେ ଧରାଯାଇଛି । ଦରଦାମକୁ ସ୍ଥିର ରଖି, ଉତ୍ପାଦିତ ଦ୍ରବ୍ୟକୁ ବଢାଯାଇ ପ୍ରକୃତ ଜାତୀୟ ଆୟକୁ ବୃଦ୍ଧି କରାଯାଇଛି ।

ଏହି ପ୍ରକୃତ ଜାତୀୟ ଆୟର ବୃଦ୍ଧିର ଅର୍ଥନୈତିକ ଅଭିବୃଦ୍ଧି ସୂଚନା ମିଳେ । ନିମ୍ନ ଉଦାହରଣରୁ ଏହି ଉକ୍ତିଟି ଭଲ ଭାବରେ ବୁଝି ହେବ ।

| ଦ୍ରବ୍ୟ | ୨୦୧୨ ମସିହାର ଦାମ/କେଜି (ଟଙ୍କା) | ୨୦୧୨ ମସିହାର ଉତ୍ପାଦିତ ଦ୍ରବ୍ୟ (କେଜି) | ୨୦୧୨ ମସିହାର ମୁଦ୍ରାଗତ ଜାତୀୟ ଆୟ (ଟଙ୍କା) | ୨୦୦୪-୦୫ ମସିହା ଦାମ/କେଜି | ପ୍ରକୃତ ଜାତୀୟ ଆୟ ୨୦୧୨ ମସିହା ପାଇଁ (ଟଙ୍କା) |
|---|---|---|---|---|---|
| | ସ୍ତମ୍ଭ-୧ | ସ୍ତମ୍ଭ-୨ | ସ୍ତମ୍ଭ-୩ | ସ୍ତମ୍ଭ-୪ | ସ୍ତମ୍ଭ-୫ |
| ଗହମ | ୨୦ | ୧୦୦୦ | ୨୦,୦୦୦ | ୧୦ | ୧୦,୦୦୦ |
| ଚାଉଳ | ୩୦ | ୧୫୦୦ | ୪୫,୦୦୦ | ୧୫ | ୨୨,୫୦୦ |
| ମୋଟ (ଟଙ୍କାରେ) | | ୬୫,୦୦୦ | | | ୩୨,୫୦୦ |

୨୦୧୨ ମସିହାର ମୁଦ୍ରାଗତ ଜାତୀୟ ଆୟ (ସ୍ତମ୍ଭ ୩) ୨୦୦୪-୦୫ ମସିହାର ପ୍ରକୃତ ଜାତୀୟ ଆୟ (ସ୍ତମ୍ଭ-୫)ର ଦୁଇଗୁଣ ଅଟେ । ଏହି ସାରଣୀଟିରେ ସ୍ତମ୍ଭ-୩ ହେଉଛି, ସ୍ତମ୍ଭ-୧ ଓ ସ୍ତମ୍ଭ-୨ର ହିସାବର ଫଳ । ସ୍ତମ୍ଭ-୩ ମୌଦ୍ରିକ ଜାତୀୟ ଆୟର ମୂଲ୍ୟ (value) ଦିଆଯାଇଅଛି । ଯେତେବେଳେ ଆମେ ସ୍ତମ୍ଭ୨ ଓ ସ୍ତମ୍ଭ ୪କୁ ହିସାବ କରିବା ଆମେ ପ୍ରକୃତ ଜାତୀୟ ଆୟ ପାଇବା, ଯାହାକି ସ୍ତମ୍ଭ-୫ରେ ଦତ୍ତ ଅଛି । ଲକ୍ଷ୍ୟ କଲେ ଦେଖିବା ଯେ ୨୦୧୨ ବର୍ଷରେ ମୌଦ୍ରିକ ଆୟ (ସ୍ତମ୍ଭ-୩) ପ୍ରକୃତ ଜାତୀୟ ଆୟର ଦୁଇଗୁଣ, ଯାହାକି ସ୍ତମ୍ଭ-୫ ରହିଛି । ଏହି ଦୁଇଟି ଆୟର ବ୍ୟବଧାନ ସମୟର ବ୍ୟବଧାନ ଯୋଗୁଁ ହୋଇଛି (୨୦୦୪-୦୫ ଏବଂ ୨୦୧୨)

ଅର୍ଥନୈତିକ ଅଭିବୃଦ୍ଧି ପରିପ୍ରେକ୍ଷୀରେ ଜାତୀୟ ଆୟରେ ନିରବଚ୍ଛିନ୍ନ ବୃଦ୍ଧି ହେବା ଆବଶ୍ୟକ। ହଠାତ୍ କୌଣସି କାରଣରୁ ଉତ୍ପାଦନ ବୃଦ୍ଧି ହେଲେ ଏହାକୁ ଅର୍ଥନୈତିକ ଅଭିବୃଦ୍ଧି କୁହାଯାଏ ନାହିଁ । (ଉଦାହରଣ : ପର୍ଯ୍ୟାପ୍ତ ପରିମାଣର ବର୍ଷା ହେବା ଦ୍ୱାରା ଅର୍ଥ ବ୍ୟବସ୍ଥାର ଉତ୍ପାଦିକା ଶକ୍ତି ବଢାଇପାରେ) ଯେତେବେଳେ ଜାତୀୟ ଆୟର ବୃଦ୍ଧି ନିରବଚ୍ଛିନ୍ନ ହେବ । ଏଥିସହିତ ଅର୍ଥନୀତିରେ ଅର୍ଥନୈତିକ କାର୍ଯ୍ୟକଳାପର ବ୍ୟବସାୟିକ ପ୍ରସାରଣ ହେବା ଆବଶ୍ୟକ । ଏହା ସଂରଚନାର (infrastructure) ବିକାଶ । ନୂତନ ସାଧନର ଆବିଷ୍କାର ତଥା ଉନ୍ନତ ଯନ୍ତ୍ରପାତିର ବ୍ୟବହାର ଦ୍ୱାରା ହିଁ ସମ୍ଭବ ହେବ । ଯେକୌଣସି ଅର୍ଥବ୍ୟବସ୍ଥାରେ ସଞ୍ଚୟ, ବିନିଯୋଗ ବୃଦ୍ଧି ଦ୍ୱାରା ହିଁ ଏ ପ୍ରକାର ପରିବର୍ତ୍ତନ ସମ୍ଭବ ହେବ ।



ଯଦି ପ୍ରକୃତ ଜାତୀୟ ଆୟରେ ବୃଦ୍ଧି ଦେଶର ଜନସଂଖ୍ୟାର ସମାନ ତାଳ ଦେଇଚାଲେ, ତେବେ କ'ଣ ହେବ ?

କିନ୍ତୁ, ଯଦି ପ୍ରକୃତ ଜାତୀୟ ଆୟର ଅଭିବୃଦ୍ଧି ଜନସଂଖ୍ୟା ବୃଦ୍ଧି ସହ ସମାନ ଭାବରେ ବୃଦ୍ଧି ହୋଇଯାଏ । ଏ ପ୍ରକାର ପରିସ୍ଥିତିରେ ଉତ୍ପାଦନର ବୃଦ୍ଧି ଦ୍ୱାରା ମିଳୁଥିବା ଫାଇଦା (benefit)କୁ ବହୁତ ଲୋକଙ୍କ ମଧ୍ୟରେ ବଣ୍ଟନ କରିବାକୁ ପଡିବ । ଏହାଦ୍ୱାରା ଲୋକମାନଙ୍କ ଚଳଣିରେ କିଛି ପରିବର୍ତ୍ତନ ହେବ ନାହିଁ । ଅତଏବ, ଅର୍ଥବ୍ୟବସ୍ଥାରେ ଅଭିବୃଦ୍ଧିର ପରିପ୍ରେକ୍ଷୀରେ ଆମକୁ ଜନସଂଖ୍ୟା ବୃଦ୍ଧିକୁ ମଧ୍ୟ ଆଖି ଆଗରେ ରଖିବାକୁ ପଡିବ। ତେଣୁ ଏକା ପରିମାପ ପ୍ରକୃତ ଜାତୀୟ ଆୟ, ଜନସଂଖ୍ୟା ବୃଦ୍ଧି, ଏହି ଦୁଇଟିକୁ ନେଇ ଯଦି ଆମେ ଅର୍ଥନୈତିକ ଅଭିବୃଦ୍ଧିର ପରିମାପ ସ୍ଥିର କରିବା । ତାହାକୁ ମୁଣ୍ଡପିଛା ଜାତୀୟ ଆୟ (National per capita income) କୁହାଯାଏ । (ପ୍ରକୃତ ଜାତୀୟ ଆୟ/ ମୋଟ ଜନସଂଖ୍ୟା) ବାସ୍ତବ ମୁଣ୍ଡପିଛା ଆୟ (Real per capital income) ରାଷ୍ଟ୍ରର ଜନସାଧାରଣଙ୍କର ଜୀବନ ଧାରଣର ମାନ ପ୍ରତିଫଳନ କରିଥାଏ। ଏହା ହେଉଛି ଜଣେ ସାଧାରଣ ମଣିଷକୁ ଉପଲବ୍ଧ ହେଉଥିବା ଦ୍ରବ୍ୟ ଓ ସେବା । ଅର୍ଥନୀତିଜ୍ଞମାନେ ପ୍ରକୃତ ଜାତୀୟ ଆୟ ଅପେକ୍ଷା ପ୍ରକୃତ ମୁଣ୍ଡ ପିଛା ଆୟକୁ ଅର୍ଥନୈତିକ ଅଭିବୃଦ୍ଧିର ସୂଚକ (indicator) ରୂପେ ଗ୍ରହଣ କରନ୍ତି । ମେୟର ଆଧୁନିକ ଅର୍ଥଶାସ୍ତ୍ରୀଙ୍କ ମତରେ ଅର୍ଥନୈତିକ ବିକାଶ ଏକ ଧାରା, ଯାହା ମାଧ୍ୟମରେ ଅର୍ଥ ବ୍ୟବସ୍ଥାର ମୁଣ୍ଡପିଛା ପ୍ରକୃତ ଜାତୀୟ ଆୟ ଦୀର୍ଘକାଳ ପାଇଁ ବୃଦ୍ଧି ପାଇଥାଏ।

**କ'ଣ ଜାଣିଲେ :**

- ପ୍ରକୃତ ମୁଣ୍ଡପିଛା ଆୟର ଅବିରତ ନିରବଚ୍ଛିନ୍ନ ବୃଦ୍ଧିକୁ ଅର୍ଥନୈତିକ ଅଭିବୃଦ୍ଧି କୁହାଯାଏ ।
- ଆଧାର ବର୍ଷର ଦରକୁ ନେଇ ପ୍ରକୃତ ଜାତୀୟ ଆୟ ସ୍ଥିର କରାଯାଇଥାଏ ।
- ଆଧାର ବର୍ଷ ହେଲା, ଯେକୌଣସି ଏକ ବିଗତବର୍ଷ । ଆଧାର ବର୍ଷର ଦର ସର୍ବଦା ସ୍ଥିର ଥାଏ । ବର୍ତ୍ତମାନ ୨୦୦୪-୦୫ ବର୍ଷର ଦରକୁ ଭାରତୀୟ ଜାତୀୟ ଆୟର ଆଧର ବର୍ଷ ରୂପେ ନିଆଯାଇଛି ।
- ପ୍ରକୃତ ଜାତୀୟ ଆୟର ବୃଦ୍ଧି ଉତ୍ପାଦିତ ଦ୍ରବ୍ୟର ବୃଦ୍ଧିକୁ ବୁଝାଏ ।
- ପ୍ରକୃତ ମୁଣ୍ଡ ପିଛା ଆୟ ପ୍ରକୃତ ଜାତୀୟ ଆୟ/ ସମୁଦାୟ ଲୋକସଂଖ୍ୟା ।

## ୩.୧ ପ୍ରଶ୍ନ

୧. ନିମ୍ନ ଉକ୍ତିଗୁଡିକୁ ଠିକ୍ ବା ଭୁଲ ସୂଚାଏ



୧. ପ୍ରକୃତ ଜାତୀୟ ଆୟ- ଆଧାର ବର୍ଷର ଦରକୁ ନେଇ ଗଣନା (calculated) କରାଯାଏ ।

୨. ଭାରତରେ ଜାତୀୟ ଆୟ କଳନା କରାଯିବା ପାଇଁ ୨୦୦୪-୦୫ ବର୍ଷକୁ ଆଧାର ବର୍ଷ ରୂପେ ଧରାଯାଇଛି ।

୩. ପ୍ରକୃତ ଜାତୀୟ ଆୟ ବିଭିନ୍ନ ବର୍ଷରେ ଉତ୍ପାଦନ ହେଉଥିବା ପରିମାଣଗୁଡିକୁ ତୁଳନାରେ ସାହାଯ୍ୟ କରେ ।

୪. ଗୋଟିଏ ବର୍ଷ ଉତ୍ତମ ବୃଷ୍ଟି ଯୋଗୁଁ ହଠାତ୍ ଉତ୍ପାଦିତ ଦ୍ରବ୍ୟର ବୃଦ୍ଧିକୁ ଅର୍ଥନୈତିକ ଅଭିବୃଦ୍ଧି କୁହାଯାଏ ନାହିଁ ।

୫. ଲୋକସଂଖ୍ୟା ବଢିବା ସହିତ ପ୍ରକୃତ ଜାତୀୟ ଆୟର ବୃଦ୍ଧି ହେଲେ ମଧ୍ୟ ମୁଣ୍ଡପିଛା ପ୍ରକୃତ ଆୟ ବୃଦ୍ଧି ହୁଏ ନାହିଁ ।

୬. ଯେତେବେଳେ ଚଳନ୍ତି ବର୍ଷ (current year) ଏବଂ ଆଧାର ବର୍ଷ (base year) ଦର ସମାନ ରହେ, ତେବେ ମୁଦ୍ରାଗତ ଆୟ ପ୍ରକୃତ ଜାତୀୟ ଆୟ ଅଲଗା ରହେ ।

୭. ପ୍ରକୃତ ମୁଣ୍ଡପିଛା ଆୟର କ୍ରମିକ ବୃଦ୍ଧି (continuous increase in percapita real income) ହିଁ ଅର୍ଥନୈତିକ ଅଭିବୃଦ୍ଧି ବୋଲି କୁହାଯାଏ ।

## ୩.୩ ଅର୍ଥନୈତିକ ବିକାଶ (Economic Development)

ଅର୍ଥନୈତିକ ବିକାଶ ଅର୍ଥନୈତିକ ଅଭିବୃଦ୍ଧି ଠାରୁ ଭିନ୍ନ । ଅର୍ଥନୈତିକ ଅଭିବୃଦ୍ଧି ହେଉଛି ଅର୍ଥନୀତିର ଏକ ନିର୍ଦ୍ଦିଷ୍ଟ ଦିଗକୁ ଦୃଷ୍ଟି ଦେଇଥାଏ । ଯଥା : ପ୍ରକୃତ ମୁଣ୍ଡ ପିଛା ଆୟ । କିନ୍ତୁ ଅର୍ଥନୈତିକ ବିକାଶ ବିବିଧ ଦିଗ ପ୍ରତି ଦୃଷ୍ଟି ଦିଏ । ଏହା କେବଳ ଅର୍ଥନୈତିକ ବିକାଶର ସାଧନ (Factor)କୁ ଦୃଷ୍ଟି ଦିଏ ନାହିଁ । ଏହା ବିବିଧ ଅଣ ଅର୍ଥନୈତିକ ସାଧନର ପରିବର୍ତ୍ତନ ପ୍ରତି ଦୃଷ୍ଟି ଦେଇଥାଏ । ଯାହା ଅର୍ଥନୈତିକ ଅଭିବୃଦ୍ଧିକୁ ପ୍ରୋତ୍ସାହନ ଦିଏ । ଏହା ଅର୍ଥନୈତିକ ଅଭିବୃଦ୍ଧି ଠାରୁ ବ୍ୟାପକ ଅଟେ ଏବଂ ଅର୍ଥନୈତିକ ଅଭିବୃଦ୍ଧିର ଏହା ଏକ ଅଂଶ ।

ଯେକୌଣସି ଏକ ଅର୍ଥ ବ୍ୟବସ୍ଥାରେ ଅର୍ଥନୈତିକ ବିକାଶ ଦ୍ୱାରା ହେଉଥିବା ପରିବର୍ତ୍ତନଗୁଡିକ ହେଲା,

୧. **ଉତ୍ପାଦନ ଢାଞ୍ଚାରେ ପରିବର୍ତ୍ତନ (change in the output structure):** ଅର୍ଥନୀତିରେ ଅର୍ଥନୈତିକ ବିକାଶ ଦ୍ୱାରା ଉତ୍ପାଦନ ଢାଞ୍ଚାରେ ବିପୁଳ ପରିବର୍ତ୍ତନ ଅଟେ । ଅର୍ଥନୈତିକ ବିକାଶ ହେଲେ କୃଷିକ୍ଷେତ୍ର ଅପେକ୍ଷା ଅଣ କୃଷିକ୍ଷେତ୍ରର ଜାତୀୟ ଆୟକୁ ଅବଦାନ ବଢିଥାଏ ଯେତେବେଳେ ଅଣ କୃଷିକ୍ଷେତ୍ର ଯଥା- ଶିଳ୍ପ ଏବଂ ସେବା କ୍ଷେତ୍ରରେ





ଉନ୍ନତି ହୁଏ ଏବଂ ଯେତେବେଳେ ଅଧିକ ନୂତନ ଜିନିଷ ଉତ୍ପନ୍ନ ହୁଏ ସେତେବେଳେ ଏହା ସମ୍ଭବ ହୁଏ ।

୨. **ବୃତ୍ତିଗତ ଢାଞ୍ଚାରେ ପରିବର୍ତ୍ତନ (change in the occupational structure) :** ଅର୍ଥନୀତିରେ ବୃତ୍ତିଗତ ଢାଞ୍ଚାରେ ପରିବର୍ତ୍ତନ ଅର୍ଥନୈତିକ ବିକାଶକୁ ତ୍ୱରାନ୍ୱିତ କରାଇଥାଏ । କୃଷି କ୍ଷେତ୍ରରେ ନିଯୁକ୍ତି ପାଇଥିବା ଜନସଂଖ୍ୟା କମିଲା ବେଳେ ଅଣ କୃଷିକ୍ଷେତ୍ରରେ ଏହି ପରିମାଣ ବଢିଥାଏ । ଶିଳ୍ପ ତଥା ସେବା କ୍ଷେତ୍ରରେ ବିକାଶ ହେବା ଦ୍ୱାରା ନୂତନ ନିଯୁକ୍ତି ସୃଷ୍ଟି ହୋଇଥାଏ । ଯାହା ଲୋକମାନଙ୍କୁ କୃଷି କାର୍ଯ୍ୟରୁ ଶିଳ୍ପ ଏବଂ ସେବା କ୍ଷେତ୍ରରେ ନିଯୁକ୍ତି ନିମନ୍ତେ ମଜେଇଥାଏ ।

୩. **ସଂସ୍ଥାଗତ ଢାଞ୍ଚାରେ ପରିବର୍ତ୍ତନ (change in institutional structure) :** ଅର୍ଥନୀତିରେ ସଂସ୍ଥାଗତ ଢାଞ୍ଚା କହିଲେ, ଅର୍ତନୀତି ଏବଂ ସାମାଜିକ ଭିତ୍ତି ସଂରଚନା (Social infrastructures)କୁ ଅନ୍ତର୍ଭୁକ୍ତ କରିବା ବୁଝାଇଥାଏ । ଅର୍ଥନୈତିକ ବିକାଶ ସହିତ ଶିକ୍ଷା, ସ୍ୱାସ୍ଥ୍ୟ, ପରିମଳ ବିଚାର ବିଭାଗ, ଯୋଗାଯୋଗରେ ମିଳୁଥିବା ସୁବିଧାରେ ଉନ୍ନତି ଘଟିଥାଏ । ଉତ୍ପାଦନ ପ୍ରକ୍ରିୟାରେ ପ୍ରଯୁକ୍ତିବିଦ୍ୟା (technology)ର ଉପସ୍ଥାପନା । ଯଥା : ସବୁଜ ବିପ୍ଳବ, ଶୁଭ୍ର ବିପ୍ଳବ ଇତ୍ୟାଦି ଅର୍ଥନୀତିରେ ସଂସ୍ଥାଗତ ପରିବର୍ତ୍ତନର ବାଟ କଢାଇ ନେଇଥିଲା ।

୪. **ଯୋଗାଣ ଏବଂ ଚାହିଦାର ଢ଼ାଞ୍ଚାରେ ପରିବର୍ତ୍ତନ (change in the pattern of supply & demand) :** ଅର୍ଥନୀତିରେ ପ୍ରଯୁକ୍ତିବିଦ୍ୟା, ଉନ୍ନତି ସାଧନ, କୌଶଳୀ କାରିଗର, ପୁଞ୍ଜି, ଅଭିନବ ପ୍ରକ୍ରିୟା ଇତ୍ୟାଦିର ବ୍ୟବହାର ଦ୍ୱାରା ଦ୍ରବ୍ୟ ଓ ସେବାର ଯୋଗାଣରେ ପରିବର୍ତ୍ତନ ଘଟିଥାଏ । ଦ୍ରବ୍ୟ ଓ ସେବାର ଚାହିଦାର ପରିବର୍ତ୍ତନ, ମୁଣ୍ଡ ପିଛା ଆୟର ବୃଦ୍ଧି, ଉପଭୋକ୍ତାମାନଙ୍କର ଅଭିରୁଚିରେ ପରିବର୍ତ୍ତନ, ଜନସଂଖ୍ୟାରେ ପରିବର୍ତ୍ତନ ଇତ୍ୟାଦି ଯୋଗୁଁ ଦ୍ରବ୍ୟ ଓ ସେବାର ଚାହିଦାରେ ପରିବର୍ତ୍ତନ ଦେଖାଦେଇଥାଏ । ବର୍ତ୍ତମାନ ଭାରତୀୟ ବଜାରରେ ନୂତନ ପ୍ରକାରର ଦ୍ରବ୍ୟ ଯଥା : ମୋବାଇଲ ଫୋନ ଆଇପଡ, କମ୍ପ୍ୟୁଟର ଇତ୍ୟାଦି ବହୁ ପରିମାଣରେ ମିଳୁଛି ।

୫. **ଲୋକମାନଙ୍କର ଦୃଷ୍ଟିଭଙ୍ଗୀରେ ପରିବର୍ତ୍ତନ (change in the attitude of the people) :** ଅର୍ଥନୈତିକ ବିକାଶ ଲୋକମାନଙ୍କ ଚିନ୍ତାଧାରାରେ ମଧ୍ୟ ପରିବର୍ତ୍ତନ ଆଣିଛି । ପୂର୍ବରୁ ଲୋକମାନଙ୍କ ଚିନ୍ତାଧାରା ଅଧିକ ଧର୍ମଭୀରୁ ଓ ଅନ୍ଧବିଶ୍ୱାସୀ ହେଉଥିଲା । ବର୍ତ୍ତମାନ ବିଚାରବନ୍ତ ଏବଂ ଯୁକ୍ତିଯୁକ୍ତ ଚିନ୍ତାଯୁକ୍ତ ହେଉଛନ୍ତି । ଉଦାହରଣ : ଯେତେବେଳେ ସ୍ତ୍ରୀ ଲୋକଙ୍କ କାର୍ଯ୍ୟ କରିବା ପାଇଁ ଆରମ୍ଭ କରୁଛି, ପରିବାରଟି ସୀମିତ (ଛୋଟ) ହୋଇଯାଉଛି । ପରିଣାମତଃ ପରିବାର ଏକ ଶିଶୁ କାର୍ଯ୍ୟକ୍ରମର ସୁବିଧାକୁ ବୁଝିପାରୁଛି ।



ମହିଳା କର୍ମଯୋଗାଣ (employment) ପାଇବା ଦ୍ୱାରା ଶିଶୁ ପୁତ୍ରର ଅଭିଳାଷ କମିଯାଇଛି । ଏହାଦ୍ୱାରା କନ୍ୟା ଭ୍ରୂଣ ହତ୍ୟା କମିଯାଇଛି । ଅର୍ଥାତ୍, ଅର୍ଥନୈତିକ ବିକାଶ ଲୋକମାନଙ୍କର ଦୃଷ୍ଟିଭଙ୍ଗୀରେ ପରିବର୍ତ୍ତନ ଆଣିବାରେ ସାହାଯ୍ୟ କରେ ।

ଅର୍ଥନୈତିକ ବିକାଶରେ ଥିବା ବିଭିନ୍ନ ଦିଗ (approach) ଯାହାକୁ କି ଏକ ଅବିକଶିତ ରାଷ୍ଟ୍ର ଅନୁସରଣ କରିପାରିବ । ଏଠାରେ ଆମେ ଗୋଟିଏ ବିଷୟ ଉପରେ ଆଲୋଚନା କରିବା ଯାହାକି ଟ୍ରିକଲ ଡାଉନ ତତ୍ତ୍ୱ (Trikle Down Theory) । ଏହି ତତ୍ତ୍ୱ ଅନୁସାରେ ସମୟକ୍ରମେ ବର୍ଦ୍ଧିତ ଉତ୍ପାଦନ ଦ୍ୱାରା ମୁଣ୍ଡ ପିଛା ଆୟ ମଧ୍ୟ ସମ୍ଭବ । ଫଳତଃ ଅର୍ଥନୈତିକ ବିକାଶ ଦ୍ୱାରା ଦେଶର ସମଗ୍ର ଜନତା ହିତ ସାଧନ ହୋଇପାରିବ । ସମଗ୍ର ଲୋକଙ୍କ ମଧ୍ୟରେ ଅଭିବୃଦ୍ଧି ବ୍ୟାପିଯିବ- ଏହା ହେଉଛି ଟ୍ରିକଲ ଡାଉନ ତତ୍ତ୍ୱ । ବିକାଶର ଏହି ଲୋକଙ୍କ ମଧ୍ୟରେ ପ୍ରସାରିତ ହେବାକୁ ଟ୍ରିକଲ ଡାଉନ ତତ୍ତ୍ୱ କୁହାଯାଏ । ଯାହାକି ବାସ୍ତବରେ ଏପର୍ଯ୍ୟନ୍ତ ସମ୍ଭବ ହୋଇନାହିଁ। ପରିଣାମତଃ ବର୍ତ୍ତମାନ ପରିସ୍ଥିତିରେ Trickle Down Theoryର ଫଳ ଅପେକ୍ଷା ଅର୍ଥନୈତିକ ବିକାଶରେ ବହୁ ଲୋକଙ୍କର ମୌଳିକ ଆବଶ୍ୟକତାକୁ ଦୃଷ୍ଟି ଦିଆଯାଇଛି । କେତେଗୁଡିଏ ଦେଶର ଅର୍ଥନୀତି, ଅର୍ଥନୈତିକ ବିକାଶ ଯୋଗୁଁ କେତେଗୁଡିଏ କ୍ଷେତ୍ରରେ ଅଧିକ ଉନ୍ନତ ଏବଂ ଦ୍ରୁତଗତିରେ ବୃଦ୍ଧି ପାଉଛି ଏବଂ ଆଉ କେତେଗୁଡିଏ କ୍ଷେତ୍ରରେ ପଛୁଆ ଓ ଅବିକଶିତ ରହିଛନ୍ତି ।

**ପୁନଃ ବଣ୍ଟନ ସହିତ ବିକାଶ (Growth with Redistribution) :** ଲୋକଙ୍କର ମୌଳିକ ଆବଶ୍ୟକତା ପୂରଣ କରିବାରେ ଅର୍ଥନୈତିକ ବିକାଶ ପୁନଃ ବଣ୍ଟନ ଉପରେ ଗୁରୁତ୍ୱ ପ୍ରଦାନ କରିଛି । ପୁଣି ଏହା ବହୁ ଲୋକଙ୍କର ମୌଳିକ ଆବଶ୍ୟକତା ପୂରଣ କରିବାରେ ସଫଳ ହୋଇଥାଏ। ଏହି ତତ୍ତ୍ୱ (Approach) ଅର୍ଥନୀତିର ପରିବର୍ତ୍ତନର ଆବଶ୍ୟକତା ଉପରେ ଗୁରୁତ୍ୱ ପ୍ରଦାନ କରିଥାଏ। ଯାହାକି ସାଧାରଣ ଲୋକଙ୍କର ମୌଳିକ ଆବଶ୍ୟକତା ଯଥା : ଜଳ, ଖାଦ୍ୟ, ସ୍ୱାସ୍ଥ୍ୟ ତଥା ଶିକ୍ଷାଗତ ସୁବିଧା ସୁଯୋଗ ଓ କର୍ମଯୋଗାଣର ଆବଶ୍ୟକତାକୁ ପୂରଣ କରିପାରିବ । ଯଦି ଜନସଂଖ୍ୟାର ଗୋଟିଏ ଭାଗ ଏହି ସୁବିଧା ଉପଲବ୍ଧ କରିପାରିଲେ ନାହିଁ, ତେବେ ଅର୍ଥନୈତିକ ବିକାଶର ଫାଇଦା ସେମାନଙ୍କ ନିକଟରେ ପହଞ୍ଚିପାରିଲା ନାହିଁ । ସେମାନଙ୍କ ଆଡକୁ କ୍ଷରିତ ହୋଇପାରିବ (have trickle down to them) ବା କ୍ଷରିତ ହୋଇପାରିଲା ନାହିଁ । ଉଦାହରଣ : ଯଦି ଅର୍ଥନୀତିରେ ମୁଣ୍ଡପିଛା ପ୍ରକୃତ ଆୟ ବୃଦ୍ଧି ପାଇବା ସହିତ ବିକାଶ ଗ୍ରାମୀଣ କ୍ଷେତ୍ରରେ (Rural sector)ର ଭିତ୍ତି ସଂରଚନାରେ ବିକାଶ ଘଟେ, ତାହାହେଲେ ଗ୍ରାମାଞ୍ଚଳର ଲୋକମାନେ କୃଷିକ୍ଷେତ୍ର ଆଡୁ ଅଣ କୃଷି କ୍ଷେତ୍ରକୁ ଆକୃଷ୍ଟ ହେବେ । ସମୟକ୍ରମେ ଗ୍ରାମାଞ୍ଚଳରେ ଶିଳ୍ପ, ବ୍ୟାଙ୍କ, ଡାକ୍ତରଖାନା, ବିଦ୍ୟାଳୟ ଇତ୍ୟାଦି ଗଢିଉଠିବ, ଯାହାଦ୍ୱାରା ଲୋକମାନଙ୍କର ଚାହିଦା ଓ ଯୋଗାଣରେ ପରିବର୍ତ୍ତନ ଘଟିବ । ଗ୍ରାମ୍ୟ ଲୋକମାନଙ୍କ ଜୀବନ ଧାରଣ ଶୈଳୀରେ (life style) ପ୍ରଭୃତ ପରିବର୍ତ୍ତନ ଆସିପାରିବ । ଅର୍ଥନୈତିକ ମାଇକେଲ ଟଡାପଙ୍କ ମତରେ ଅର୍ଥନୈତିକ ବିକାଶ ସମଗ୍ର ସାମାଜିକ ପଦ୍ଧତିରେ ପରିବର୍ତ୍ତନକୁ ବୁଝାଏ ।



## ଅର୍ଥବ୍ୟବସ୍ଥା

ସର୍ବଶେଷରେ ଏହା କୁହାଯାଇପାରେ, ଅର୍ଥନୈତିକ ବିକାଶ, ବିଭିନ୍ନ ଅର୍ଥନୈତିକ ତଥା ଅଣ ଅର୍ଥନୈତିକ ବିଷୟକୁ ନେଇ ଗଠିତ । ଯାହାଦ୍ୱାରା ସମାଜ କଲ୍ୟାଣ ସମ୍ଭବ ହୋଇଥାଏ । କୋଲିନ୍ କ୍ଲାର୍କଙ୍କ ମତରେ ଅର୍ଥନୈତିକ ବିକାଶ କହିଲେ, ଅର୍ଥନୈତିକ କଲ୍ୟାଣକୁ ବୁଝାଏ ।

**କ'ଣ ଜାଣିଲେ :**

- ଅର୍ଥନୈତିକ ବିକାଶ ଶବ୍ଦଟି ଅର୍ଥନୈତିକ ଅଭିବୃଦ୍ଧି ଅପେକ୍ଷା ବ୍ୟାପକ ଅଟେ । ସହଜରେ କହିବାକୁ ଗଲେ ଏହା ଅର୍ଥନୈତିକ ଅଭିବୃଦ୍ଧି ସହିତ ପରିବର୍ତ୍ତନ ଯାହାକି ଜୀବନ ଧାରଣର ମାନରେ ଉନ୍ନତି ଆଣିଥାଏ ।
- ଅର୍ଥନୈତିକ ବିକାଶ ସମୟରେ ଏକ ଅର୍ଥନୀତିରେ ବିଭିନ୍ନ ପରିବର୍ତ୍ତନ ଆସିଥାଏ । ସେଗୁଡିକ ହେଲା ମୁଣ୍ଡପିଛା ପ୍ରକୃତ ଆୟରେ ବୃଦ୍ଧି, ଲୋକଙ୍କର ବୃତ୍ତିଗତ ଢାଞ୍ଚାରେ ପରିବର୍ତ୍ତନ ଉତ୍ପାଦନ ପଦ୍ଧତିରେ ପରିବର୍ତ୍ତନ, ନୂତନ ଯାନ୍ତ୍ରିକ କୌଶଳ ପ୍ରବର୍ତ୍ତନ, ଭିତ୍ତି ସଂରଚନାରେ ବିକାଶ ଏବଂ ଲୋକମାନଙ୍କ ଦୃଷ୍ଟିଭଙ୍ଗୀରେ ପରିବର୍ତ୍ତନ ।
- ଅର୍ଥନୈତିକ ବିକାଶ ବିଭିନ୍ନ ଅର୍ଥନୈତିକ ଅଣ ଅର୍ଥନୈତିକ ଅଂଶର ଫଳାଫଳ ।
- ଅଭିବୃଦ୍ଧି ସହିତ ପୁନଃ ବଣ୍ଟନ ଅର୍ଥନୈତିକ ବିକାଶର କେନ୍ଦ୍ରବିନ୍ଦୁ ।
- ଅର୍ଥନୈତିକ ବିକାଶରେ ଟ୍ରିକଲ ଡାଉନ ଥିଓରି ଫଳପ୍ରଦ ହୋଇପାରି ନାହିଁ, କାରଣ ଏହା ବିଭିନ୍ନ ଅର୍ଥନୀତିରେ ଥିବା ତାରତମ୍ୟକୁ ଠିକ୍ ଭାବରେ ବୁଝାଇପାରି ନାହିଁ ।

### ୩.୨ ପ୍ରଶ୍ନ

'କ' ବିଭାଗର ଉକ୍ତି 'ଖ' ବିଭାଗର ଉକ୍ତିକୁ ଯୋଡି ବାକ୍ୟଟିକୁ ଶେଷ କର

| 'କ' | 'ଖ' |
|---|---|
| ୧. ଯେତେବେଳେ କୃଷି କାର୍ଯ୍ୟରେ ଯୋଗ ଦେଇଥିବା ଜନସଂଖ୍ୟା ଅଣ କୃଷି କ୍ଷେତ୍ରରେ ଯୋଗ ଦିଅନ୍ତି । | କ. ଅର୍ଥ ବ୍ୟବସ୍ଥା ଦ୍ରବ୍ୟ ଓ ସେବାରେ ଉନ୍ନତି |
| ୨. ନୂତନ ପ୍ରଯୁକ୍ତିବିଦ୍ୟାର ଉପସ୍ଥାପନା ଦ୍ୱାରା | ଖ. ଟ୍ରିକଲ ଡାଉନ ତତ୍ତ୍ୱ |
| ୩. ସବୁଠାରୁ ଦରିଦ୍ର ଲୋକମାନଙ୍କର ଅର୍ଥନୀତିର ବିକାଶର ଉଦାହରଣ | ଗ. ଏହି ଜନସଂଖ୍ୟାର ବୃତ୍ତିଗତ ଢାଞ୍ଚାରେ ପରିବର୍ତ୍ତନ |
| ୪. ଯଦି ବିକାଶନ୍ମୁଖୀ ଅର୍ଥ ବ୍ୟବସ୍ଥାରେ ଆୟରେ ଅସମାନତା ରହେ । | ଘ. ଲୋକମାନଙ୍କର କଲ୍ୟାଣରେ ଉନ୍ନତି |
| ୫. ଅର୍ଥନୈତିକ ବିକାଶ । | ଙ. ଦାରିଦ୍ର୍ୟ ଦୃଷ୍ଟିରୁ ଆୟର ପୁନଃ ବଣ୍ଟନ ନଥାଏ । |



୩.୪ ଅର୍ଥନୈତିକ ଅଭିବୃଦ୍ଧି ତଥା ଅର୍ଥନୈତିକ ବିକାଶ ମଧ୍ୟରେ ଥିବା ପାର୍ଥକ୍ୟ (The differences between Economic growth & Economic Development) ଅର୍ଥନୈତିକ ଅଭିବୃଦ୍ଧିର ପରିସର ସୀମିତ ଓ ଏହା କେବଳ ଏକ ଦୀର୍ଘକାଳ ପାଇଁ ଅର୍ଥନୀତିରେ ମୁଣ୍ଡପିଛା ଉତ୍ପାଦନର ବୃଦ୍ଧି ବୁଝାଇଥାଏ । ଅନ୍ୟପକ୍ଷରେ ଅର୍ଥନୈତିକ ବିକାଶର ପରିସର ବ୍ୟାପକ ଅଟେ । ଏହା ମୁଣ୍ଡପିଛା ଉତ୍ପାଦନରେ ବୃଦ୍ଧି ସହିତ ଅର୍ଥନୀତିର ଅନ୍ୟ କେତେଗୁଡିଏ ପରିବର୍ତ୍ତନ ଘଟିଥାଏ ଯଥା : ଆୟ ଓ ସମ୍ପଦରେ ଥିବା ତାରତମ୍ୟର ହ୍ରାସ, ଦାରିଦ୍ର୍ୟ ଓ ବେକାରୀ ସମସ୍ୟାରେ ହ୍ରାସ ଇତ୍ୟାଦି ବୁଝାଇଥାଏ ।

| ଅର୍ଥନୈତିକ ଅଭିବୃଦ୍ଧି | ଅର୍ଥନୈତିକ ବିକାଶ |
|---|---|
| ୧. ଅର୍ଥନୈତିକ ଅଭିବୃଦ୍ଧି କହିଲେ ପରିମାଣାତ୍ମକ ପରିବର୍ତ୍ତନ ବୁଝାଏ (quantitative change) ଯେମିତିକି ଦୀର୍ଘ ସମୟ ମୁଣ୍ଡପିଛା ଉତ୍ପାଦନରେ ବୃଦ୍ଧି । | ୧. ଅର୍ଥନୈତିକ ବିକାଶ କହିଲେ ଦୁଇଟି (ପରିମାଣାତ୍ମକ ଓ ଗୁଣାତ୍ମକ) ଯାକକୁ ବୁଝାଇଥାଏ । ଏହା ମୁଣ୍ଡପିଛା ଉତ୍ପାଦନର ବୃଦ୍ଧି ସହିତ ଢାଞ୍ଚାଗତ ପରିବର୍ତ୍ତନକୁ ବୁଝାଏ । |
| ୨. ଦୀର୍ଘ ସମୟ ନିମନ୍ତେ ମୁଣ୍ଡପିଛା ଆୟରେ ବୃଦ୍ଧିକୁ ଅର୍ଥନୈତିକ ଅଭିବୃଦ୍ଧି କୁହାଯାଏ । | ୨. ଅର୍ଥନୈତିକ ବିକାଶ ମୁଣ୍ଡ ପିଛା ଆୟରେ ବୃଦ୍ଧି ସହ ଦାରିଦ୍ର୍ୟ, ବେକାରୀ, ଆୟରେ ଥିବା ହ୍ରାସ ଓ ତାରତମ୍ୟକୁ ବୁଝାଏ । |
| ୩. ଅର୍ଥନୈତିକ ଅଭିବୃଦ୍ଧିକୁ ସହଜରେ ମାପି ହୁଏ । ଉଦାହରଣ- ମୁଣ୍ଡ ପିଛା ଆୟ | ୩. ଅର୍ଥନୈତିକ ବିକାଶକୁ ମାପିବା କଷ୍ଟ, କାରଣ ଏହା ଗୁଣାତ୍ମକ କାହିଁକିନା, ଏହା ମାନବୀୟ ଚିନ୍ତାଧାରାରେ ଉନ୍ନତି ପ୍ରଯୁକ୍ତିବିଦ୍ୟା ଉପଯୋଗକୁ ବୁଝାଇଥାଏ । |
| ୪. ଅର୍ଥନୈତିକ ଅଭିବୃଦ୍ଧି କହିଲେ ବିକଶିତ ରାଷ୍ଟ୍ରର ଅର୍ଥନୈତିକ ଉନ୍ନତିକୁ ବୁଝାଏ । | ୪. ବିକଶିତ ରାଷ୍ଟ୍ରର ମୁଖ୍ୟ ଅର୍ଥନୈତିକ ସୁଧାରକୁ ବୁଝାଇଥାଏ । |

ଉପରୋକ୍ତ ସାରଣୀକୁ ଦେଖିଲେ ଅର୍ଥନୈତିକ ଅଭିବୃଦ୍ଧି ଓ ଅର୍ଥନୈତିକ ବିକାଶ ଯେ ଦୁଇଟି ଅଲଗା ଅଲଗା ଧାରଣା ତାହା ସ୍ପଷ୍ଟ ହେଉଛି । କିନ୍ତୁ ଏହା କହିବାକୁ ପଡିବ ଯେ ଦୁଇଟି ଧାରଣା ମଧ୍ୟରେ ଏକ ଘନିଷ୍ଠ ସମ୍ପର୍କ ରହିଛି । ଏବେ ଜାଣିବା ଏ ସମ୍ପର୍କଟି କିପରି ଅଛି ।

ଅର୍ଥନୈତିକ ଅଭିବୃଦ୍ଧି ଓ ଅର୍ଥନୈତିକ ବିକାଶ ମଧ୍ୟରେ ସମ୍ପର୍କ ଘନିଷ୍ଠ । ଅର୍ଥନୈତିକ ଅଭିବୃଦ୍ଧି, ଅର୍ଥନୈତିକ ବିକାଶ ଛଡ଼ା ସମ୍ଭବ । ରବର୍ଟ କ୍ଲୋୟାର ଏକ ପ୍ରଖ୍ୟାତ ଅର୍ଥଶାସ୍ତ୍ରୀ ଲାଇବେରିଆ ସମ୍ପର୍କରେ ଏହାକୁ ବୁଝାଇଥିଲେ । କ୍ଲୋୟାର କହିଥିଲେ ବିଦେଶୀ କମ୍ପାନୀଗୁଡିକୁ ରିହାତି ଦେବା ଦ୍ୱାରା ଅର୍ଥନୀତିର ଅନ୍ୟ କୌଣସି ବିଷୟରେ ବୃଦ୍ଧି ନଘଟି ରପ୍ତାନି ଓ ମୋଟ ଜାତୀୟ ଉତ୍ପାଦନ






(GNP)ରେ ବୃଦ୍ଧି ହେଲା । ଏଥିରୁ ମିଳୁଥିବା ସମସ୍ତ ସୁବିଧା ଲାଇବେରିଆର ଜନସଂଖ୍ୟା ମଧ୍ୟରେ ବଣ୍ଟନ କରାଗଲା ନାହିଁ ।

ଆମଦେଶରେ ମଧ୍ୟ ବୃଦ୍ଧିର ହାର ଦ୍ରୁତଗତିରେ ହେଲେ ମଧ୍ୟ ଆୟରେ ବିଷମତା ରହିଛି । ୨୦୦୬ ମସିହାରେ ପାଖାପାଖି ୧୦୦ ଜଣ ତୁଳୀ ଚାଷୀ (ବିଦର୍ଭ, ମହାରାଷ୍ଟ୍ର) ଆତ୍ମହତ୍ୟା କରିଥିଲେ । ଆଞ୍ଚଳିକ ମହାଜନମାନଙ୍କ ଠାରୁ ଅଧିକ ସୁଧରେ ଅର୍ଥ ନେଇଥିଲେ । କିନ୍ତୁ ତୁଳା ଚାଷ ସେମାନଙ୍କୁ ଅଧିକ ଆୟର ସୁଯୋଗ ନଦେବାରୁ, ସେମାନେ ଏପରି ପଦକ୍ଷେପ ନେଲେ । ଏହି ସମୟରେ ଭାରତବର୍ଷରେ ଅର୍ଥନୀତିରେ ମୋଟ ଜାତୀୟ ଉତ୍ପାଦନ GDP ବୃଦ୍ଧିର ହାର ୮% ଥିଲା । ମୋଟ ଜାତୀୟ ଉତ୍ପାଦନର ବୃଦ୍ଧିର ହାର ଯେ ସାଧାରଣ ଲୋକଙ୍କ ନିକଟକୁ କ୍ଷରିତ ହୁଏ ନାହିଁ, ତାହା ଏଥିରୁ ଜଣାପଡୁଛି । ଆସ୍ତେ ଆସ୍ତେ ଏହା ଗ୍ରାମ୍ୟ ଓ ସହର ମଧ୍ୟରେ ବିଭକ୍ତି ହୋଇଯାଉଛି । ଅର୍ଥନୈତିକ ଅଭିବୃଦ୍ଧି, ବିକାଶ ବିନା ଯେ ବୃଦ୍ଧି ପାଇପାରେ ନା ଏହା ତା'ର ଏକ ଉଦାହରଣ । ରବର୍ଟ କ୍ଲୋୟାର ଏହାକୁ ବିକାଶ ରହିତ ଅଭିବୃଦ୍ଧି (Growth without Development) ବୋଲି କହିଛନ୍ତି ।

ଆସ ଦେଖିବା ଅର୍ଥନୈତିକ ବିକାଶ କିପରି ଅର୍ଥନୈତିକ ଅଭିବୃଦ୍ଧି ବ୍ୟତୀତ ଅସମ୍ଭବ । ଏହା ଜାଣିବା ପାଇଁ ଅର୍ଥନୈତିକ ବିକାଶ ଓ ଅର୍ଥନୈତିକ ଅଭିବୃଦ୍ଧିର ପ୍ରାକ୍ ଧାରଣା ଆବଶ୍ୟକ । ଅର୍ଥନୀତିରେ ଜାତୀୟ ଆୟର ଯୁକ୍ତିଯୁକ୍ତ ବୃଦ୍ଧି ବ୍ୟତୀତ ଅର୍ଥନୈତିକ ବିକାଶ ଏବଂ ଅର୍ଥନୈତିକ ସାମାଜିକ ପ୍ରଗତି ଅସମ୍ଭବ । ଉଦାହରଣ : ଗୋଟିଏ ଦେଶର ଜାତୀୟ ଉତ୍ପାଦନରେ କୃଷିଭିତ୍ତିକ ଦ୍ରବ୍ୟର ଉତ୍ପାଦନରେ ବୃଦ୍ଧି ହେଲା । ଏହା ଦେଶ ମଧ୍ୟରେ କେତେଗୁଡିଏ କୃଷିଭିତ୍ତିକ ଶିଳ୍ପ ଗଢି ଉଠିବାକୁ ପ୍ରୋତ୍ସାହିତ କଲା । ଏଗୁଡିକ ଗ୍ରାମ୍ୟ ଲୋକଙ୍କୁ କର୍ମନିଯୁକ୍ତି ଯୋଗାଇବା ପାଇଁ ଗ୍ରାମମାନଙ୍କରେ ପ୍ରତିଷ୍ଠା କରାଗଲା । ପରିଣାମତଃ ଗ୍ରାମ୍ୟ ଲୋକମାନଙ୍କର କର୍ମ ଯୋଗାଣରେ ପରିବର୍ତ୍ତନ ଦେଖାଦେବ, ଏହାଦ୍ୱାରା ଲୋକମାନଙ୍କ ଦୃଷ୍ଟି କୃଷିକ୍ଷେତ୍ରରୁ ଓହରି ଆସି ଶିଳ୍ପ କ୍ଷେତ୍ରକୁ ଏବଂ ଆସ୍ତେ ଆସ୍ତେ ସେବା କ୍ଷେତ୍ର ଆଡକୁ ଅଗ୍ରସର ହେବ ।

ଏ ପ୍ରକାର କର୍ମଯୋଗାଣର ଢାଞ୍ଚାରେ ପରିବର୍ତ୍ତନ ଜାତୀୟ ଉତ୍ପାଦନ ବୃଦ୍ଧିରେ ସ୍ଫୁଲିଙ୍ଗ ସୃଷ୍ଟି କରିବ ।





**ଆସ ମନେ ରଖିବା :**

- ଅର୍ଥନୈତିକ ଅଭିବୃଦ୍ଧି, ଅର୍ଥନୈତିକ ବିକାଶ ବିନା ହୋଇପାରେ, କିନ୍ତୁ ଏହାର ବିପରୀତ ହୁଏ ନାହିଁ ।
- ଅର୍ଥନୈତିକ ବିକାଶ ବିକାଶମୁଖୀ ଅର୍ଥନୀତିର ବ୍ୟାପାର । ବିକଶିତ ଅର୍ଥନୀତି କେବଳ ଅର୍ଥନୈତିକ ବିକାଶ ସହ ସମ୍ପୃକ୍ତ ।
- ଅର୍ଥନୈତିକ ବିକାଶ, ଅର୍ଥନୈତିକ ଅଭିବୃଦ୍ଧିକୁ ବୁଝାଏ । କିନ୍ତୁ ଏହାର ବିପରୀତକୁ ନୁହେଁ ।

**ପ୍ରଶ୍ନ ୩.୩**

୧. ବନ୍ଧନୀ ମଧ୍ୟରୁ ଉପଯୁକ୍ତ ଶବ୍ଦ ଅଛି ଶୂନ୍ୟସ୍ଥାନ ପୂରଣ କର ।

୧. ଅର୍ଥନୈତିକ ଅଭିବୃଦ୍ଧି ହେଉଛି ଏକ ............... ପରିବର୍ତ୍ତନ (ପରିମାଣାତ୍ମକ/ଗୁଣାତ୍ମକ)

୨. ଅର୍ଥନୈତିକ ବିକାଶରେ ମୁଣ୍ଡ ପିଛା ପ୍ରକୃତ ଆୟର ନିରବଚ୍ଛିନ୍ନ ........................ରେ ହ୍ରାସ ଦେଖାଦିଏ । (ଦାରିଦ୍ର୍ୟ, କେଶରୀ ଏବଂ ଆୟ ଏବଂ ସମ୍ପଦରେ ଅସମତା/ ପ୍ରଦୂଷଣ)

୩. ଅର୍ଥନୈତିକ ବିକାଶ ଅର୍ଥନୈତିକ ଅଭିବୃଦ୍ଧି .............. କେବେ ମଧ୍ୟ ସମ୍ଭବ ନୁହେଁ (ସହ /ବିନା)

୪. ଅର୍ଥନୈତିକ ଅଭିବୃଦ୍ଧି ହେଉଛି ଏକ ଧାରଣା .............. ଅର୍ତନୀତିରେ (ବିକଶିତ / ବିକାଶନ୍ମୁଖୀ)

୫. ଅର୍ଥନୈତିକ ଅଭିବୃଦ୍ଧିର ହାର .............ରେ ମପାଯାଏ (ଲୋକମାନଙ୍କର ମୁଣ୍ଡ ପିଛା ପ୍ରକୃତ ଆୟର ଲୋକମାନଙ୍କର କଲ୍ୟାଣ)

୬. ଅର୍ଥନୈତିକ ବିକାଶ............... ଦ୍ୱାରା ମପାଯାଏ । (ମୁଣ୍ଡପିଛା ଆୟରେ ବୃଦ୍ଧି/ ଲୋକଙ୍କର କଲ୍ୟାଣରେ ବୃଦ୍ଧି)

## ୩.୫ ଅବାରିତ ବିକାଶ (Sustainable Development)

ଅର୍ଥନୈତିକ ବିକାଶ ପରିବେଶକୁ ନଷ୍ଟ ନକରିବା ଉଚିତ । କିନ୍ତୁ ଦୁଃଖର କଥା ଯେ ପୃଥିବୀରେ ଚାରିଆଡେ ଅର୍ଥନୈତିକ ବିକାଶ ଦ୍ୱାରା ପରିବେଶ ପ୍ରଦୂଷିତ ହେଉଛି । ଏହାର ଉଦାହରଣ ହେଲା- ବିଭିନ୍ନ ପରିବେଶ ଜଡିତ ସମସ୍ୟା ଯେପରିକି- ଓଜନ ସ୍ତରରେ ନିଃଶେଷ (ozone



depletion) ଉତ୍ତପ୍ତ ବିଶ୍ୱ (Global warming) ପାଣି ଓ ବାୟୁଜନିତ ରୋଗ, ପ୍ରାଣୀ ଜଗତର ଲୋପ ଇତ୍ୟାଦି । ଏହି ପ୍ରଦୂଷଣ ଜନିତ ସମସ୍ୟା, ବିକଶିତ ଦେଶର ଜୀବନଶୈଳୀ ଓ ବିକାଶନ୍ମୁଖୀ ଦେଶର ଜନସଂଖ୍ୟା ବୃଦ୍ଧି ତ୍ୱରାନ୍ୱିତ ହୋଇଥାଏ ।

ଏହି ପ୍ରଦୂଷଣ ସମସ୍ୟା ଦ୍ରୁତ ଔଦ୍ୟୋଗିକ ବିକାଶ ଯୋଗୁଁ ଦେଖାଦେଇଥାଏ । ବଡ଼ ବଡ଼ ସହରମାନଙ୍କରେ ଗଢି ଉଠୁଥିବା କୋଠାବାଡି, ଭିତ୍ତିଭୂମିର ବିକାଶ ଯୋଗୁଁ ଏହା ଦିନକୁ ଦିନ ଇଟା ଓ କଂକ୍ରିଟ୍ ଦ୍ୱାରା ଆଚ୍ଛାଦିତ ହୋଇପଡୁଛି । ତେଣୁ ପର୍ଯ୍ୟବରଣ, ଅର୍ଥନୀତି ଓ ବିକାଶର ସନ୍ତୁଳନ ଏକାନ୍ତ ଆବଶ୍ୟକ । ବିକାଶ ତତ୍ତ୍ୱବିଦ୍‌ମାନେ ଏହି ବିକାଶ ପ୍ରକ୍ରିୟାକୁ ଏକ ନୂତନ ନାମରେ ନାମିତ କରିଛନ୍ତି । ତାହା ହେଲା ଅବାରିତ ବିକାଶ (Sustaiable Development) । ଏହି ବିକାଶ କେବଳ ଅର୍ଥନୈତିକ ବିକାଶ ଉପରେ ଗୁରୁତ୍ୱ ନଦେଇ ବର୍ତ୍ତମାନ ଓ ଭବିଷ୍ୟତ ପାଇଁ ଉନ୍ନତ ଜୀବନ ଧାରଣର ସୁଯୋଗ ସୃଷ୍ଟି ପ୍ରତି ଦୃଷ୍ଟି ଦେଇଥାଏ ।

ଏହା ପ୍ରାକୃତିକ ସମାଜର ବ୍ୟବହାରରେ ବର୍ତ୍ତମାନ ଓ ଭବିଷ୍ୟତ ବଂଶଧର ମଧ୍ୟରେ ସମାନତା ରକ୍ଷା କରିଥାଏ । ତେଣୁ ପ୍ରାକୃତିକ ସମ୍ପଦର ଅପବ୍ୟବହାର ହୋଇନଥାଏ ।

ଭବିଷ୍ୟତ ପିଢିର ସ୍ୱାର୍ଥ ଜଳାଞ୍ଜଳି ନହୋଇ ବର୍ତ୍ତମାନ ପିଢି ପାଇଁ ଉନ୍ନତ ମାନର ଜୀବନ ଧାରଣର ସୃଷ୍ଟିକୁ ଅବାରିତ ବିକାଶ କୁହାଯାଏ । ଏହି ବିକାଶ ପରିବେଶ ସୁରକ୍ଷା ଉପରେ ଗୁରୁତ୍ୱ ଦେଇଥାଏ । ବିକାଶର ଧାରାକୁ ଚାଲୁ ରଖିବା ପାଇଁ ନବୀକରଣ ସାଧନ (Renewable Resources) ଯେପରିକି ବଣ, ଜଙ୍ଗଲ, ବାୟୁ ଇତ୍ୟାଦିର ଉନ୍ନତିର ଉପଯୋଗ ଅବାରିତ ବିକାଶର ବୈଶିଷ୍ଟ୍ୟ । ପ୍ରାକୃତିକ ସମ୍ପଦର ଅବକ୍ଷୟ ନକରି ବିକାଶର ପ୍ରକ୍ରିୟାକୁ ତ୍ୱରାନ୍ୱିତ କରିବା ହିଁ ଅବାରିତ ବିକାଶ ।

ଅବାରିତ ବିକାଶର କେତେଗୁଡିଏ ଉପାୟ,

* ଅନବୀକରଣ ସାଧନ (Non-renewable resources)ର ପେଟ୍ରୋଲ ଓ କୋଇଲାର ସଠିକ୍ ବ୍ୟବହାର (economizing)
* ନୂତନ ସାଧନର ସୃଷ୍ଟି ଯେପରିକି ବାୟୁ ଦ୍ୱାରା ଉତ୍ପନ୍ନ ଶକ୍ତି, ଗୋବର ଗ୍ୟାସ୍, ସୌର ଶକ୍ତି ।
* ନବୀକରଣ ସାଧନର ବିକାଶ ଯେପରି ଗଛ ଲଗାଇବା, ପଶୁପକ୍ଷୀ ଓ ପ୍ରାକୃତିକ ପରିବେଶର ସୁରକ୍ଷା କରିବା ।
* ଗ୍ରୀନ୍ ହାଉସ୍ ଗ୍ୟାସ (Green House Gas) ନିର୍ଗଳ
* ପରିବେଶ ପ୍ରଦୂଷଣ କରୁଥିବା ପଦାର୍ଥ ଓ ଗ୍ୟାସ୍‌ଗୁଡିକର ନିୟନ୍ତ୍ରଣ ।



ଭାରତୀୟ ସହରମାନଙ୍କରେ ଅବାରିତ ବିକାଶର ଧାରାକୁ ପ୍ରୟୋଗ କରିଛି । ଏହାର ବସ୍ ଓ ଅଟୋଗୁଡିକ (CNG) ଦ୍ୱାରା ପରିଚାଳିତ । ବମ୍ବେରେ ମଧ୍ୟ ଲୋକମାନଙ୍କ ଦ୍ୱାରା ସୌରଶକ୍ତି ବ୍ୟବହାର କରାଯାଉଛି । ଏହା ଟ୍ରାଫିକ୍ ଲାଇଟରେ ତିଆରିରେ ବ୍ୟବହାର କରାଯାଉଛି । ତେଣୁ ଅବାରିତ ବିକାଶ, ପରିବେଶ ସୁରକ୍ଷା ଓ ଅର୍ଥନୈତିକ ଅଭିବୃଦ୍ଧି ଉପରେ ଗୁରୁତ୍ୱ ଦେଇଥାଏ ।

**କ'ଣ ଜାଣିଲେ :**

- 'ଓଜୋନ' ସ୍ତରରେ ନିଃଶେଷ, ଉତ୍ତପ୍ତ ବିଶ୍ୱ, ସୃଷ୍ଟି ହୋଇପାରୁନଥିବା ପ୍ରାକୃତିକ ସମ୍ପଦର କ୍ଷୟକ୍ଷତି, ଉଦ୍ଭିଦ ଓ ପ୍ରାଣୀ ଜଗତର ନିଶ୍ଚିହ୍ନ ହେବା ଇତ୍ୟାଦି ବିଶ୍ୱ ପରିବେଶ ଜନିତ ସଂକଟର କେତେକ ସୂଚକ ।
- ଭବିଷ୍ୟତ ପିଢିର ସ୍ୱାର୍ଥ ଜଳାଞ୍ଜଳି ନଦେଇ ବର୍ତ୍ତମାନ ପିଢି ପାଇଁ ଉନ୍ନତ ଜୀବନ ଧାରଣର ସୁଯୋଗ ସୃଷ୍ଟିକୁ ଅବାରିତ ବିକାଶ କୁହାଯାଏ ।
- ପ୍ରତ୍ୟେକ ଅର୍ଥନୀତି ଅବାରିତ ବିକାଶ ପାଇଁ କୌଶଳ ଅବଲମ୍ବନ କରିବା ଉଚିତ ।
- ଅବାରିତ ବିକାଶକୁ ଉନ୍ନତ ଦେଶ ପାଇଁ ସେମାନଙ୍କ ଜୀବନଧାରଣ ମାନରେ ପରିବର୍ତ୍ତନ ଆଣିବା ଦରକାର ଓ ବିକାଶନ୍ମୁଖୀ ଦେଶମାନେ ତାଙ୍କର ଜନସଂଖ୍ୟାକୁ ହ୍ରାସ କରାଇବା ଉଚିତ ।

## ୩.୪ ପ୍ରଶ୍ନ

ଠିକ୍ ଓ ଭୁଲ ବାଛ :

୧. ଅବାରିତ ବିକାଶ କହିଲେ ପରିବେଶ ସୁରକ୍ଷାକୁ ବୁଝାଏ । ☐

୨. ଉତ୍ତପ୍ତ ବିଶ୍ୱ ଉଦ୍ଭିଦ ପ୍ରାଣୀଙ୍କ ନିଃଶେଷ ପରିବେଶ ଜନିତ ସଂକଟର ଧାରଣା ଦେଇଥାଏ । ☐

୩. ଉନ୍ନତ ଦେଶମାନେ ତାଙ୍କର ଜନସଂଖ୍ୟା ହ୍ରାସ କରାଇବା ଉଚିତ ☐

୪. ଗୋବର ଗ୍ୟାସ୍ (Fossile Fuel) ଏକ ନବୀକରଣ ପ୍ରାକୃତିକ ସାଧନ । ☐

୫. ସୂର୍ଯ୍ୟ ଓ ବାୟୁର ଉତ୍ପନ୍ନ ଶକ୍ତିର ବ୍ୟବହାର ଅବାରିତ ବିକାଶକୁ ତ୍ୱରାନ୍ୱିତ କରାଇଥାଏ । ☐

୬. ପ୍ରତ୍ୟେକ ଅର୍ଥନୀତିରେ ଧନୀମାନଙ୍କର ଜୀବନ ଶୈଳୀକୁ ଅନୁସରଣ କରିବା ଆବଶ୍ୟକ । ☐





## ୩.୬ ଜୀବନ ଧାରଣର ମାନ (Quality of life)

୧୯୯୧ ମସିହାର ବିଶ୍ୱ ବିକାଶ ତଥ୍ୟ ଅନୁଯାୟୀ ଜୀବନ ଧାରଣ ମାନରେ ଉନ୍ନତି ଆଣିବା ହେଉଛି ବିକାଶର ଏକ ମୂଳ ଲକ୍ଷ୍ୟ । ଏହା କେବଳ ଆୟରେ ସୀମିତ ନରହି ଉତ୍ତମ ଶିକ୍ଷା, ଉତ୍ତମ ସ୍ୱାସ୍ଥ୍ୟ, କମ୍ ଦାରିଦ୍ର୍ୟ, ପରିଷ୍କାର ପରିବେଶ, ବ୍ୟକ୍ତିଗତ ସ୍ୱାଧୀନତା ଓ ଉତ୍କୃଷ୍ଟ ସାମାଜିକ ଜୀବନ ଧାରାକୁ ବୁଝାଏ । ତେଣୁ ଅର୍ଥନୈତିକ ବିକାଶ ସଂଜ୍ଞାରେ କିଛିଟା ପରିବର୍ତ୍ତନ ଆସିଛି । ବର୍ତ୍ତମାନ ଅର୍ଥନୈତିକ ବିକାଶ କହିଲେ, ଗୋଟିଏ ଅଞ୍ଚଳର ଲୋକମାନଙ୍କର ସ୍ୱତନ୍ତ୍ର ଆବଶ୍ୟକତା ଉପରେ ପର୍ଯ୍ୟବେଶିତ । ଯେପରିକି ଉପକୂଳ ଅଞ୍ଚଳ ତୁଳନାରେ ମରୁଭୂମି ଅଞ୍ଚଳର ବିକାଶ ଭିନ୍ନ ଅଟେ । ଦୁଇଟିଯାକ ଅଞ୍ଚଳରେ ଗୋଟିଏ ପ୍ରକାରର ବିକାଶର ଧାରା ବ୍ୟବହାର କରାଯାଇପାରବ ନାହିଁ । ତେଣୁ ବିଭିନ୍ନ ଅଞ୍ଚଳ ସେଠିକାର ଲୋକମାନଙ୍କର ଆବଶ୍ୟକତା ଏବଂ ଉପଲବ୍ଧ ପ୍ରାକୃତିକ ସମ୍ପଦ ଉପରେ ବିକାଶର ଧାରା ନିର୍ଭର କରେ । ସଂକ୍ଷେପରେ କହିବାକୁ ଗଲେ ଅର୍ଥନୈତିକ ବିକାଶର ନୂଆ ବିକାଶର ସଂଜ୍ଞା ହେଲା- ଜୀବନ ଧାରଣ ମାନର ଉନ୍ନତି ବା ଏକ ଦେଶର ମାନବ ସମ୍ବଳର ବିକାଶ ।

ଅର୍ଥନୈତିକ ବିକାଶର କ୍ରିୟାତ୍ମକ ସୂଚକ ହେଉଛି ଜୀବନ ଧାରଣର ମାନ । ଏହା କେବଳ ଉତ୍ପାଦନ, କର୍ମଯୋଗାଣ, ସଂସ୍ଥା ପରିବର୍ତ୍ତନ, ଉନ୍ନତ ମାନର ପ୍ରଯୁକ୍ତିବିଦ୍ୟା ଇତ୍ୟାଦିର ଗଠନର ପରିବର୍ତ୍ତନ ନୁହେଁ, ଏହା କେତେ ପରିମାଣର ସଫଳତା ଲାଭ କରିଛି ତାହା ମାପିବା ।

ଜୀବନ ଧାରଣର ମାନ କହିଲେ, ପ୍ରକୃତରେ ଲୋକଙ୍କର କଲ୍ୟାଣକୁ ବୁଝାଏ । ଗୋଟିଏ ଦେଶର ଲୋକମାନେ ସୁଖକର ଓ ସନ୍ତୋଷଜନକ ଜୀବନ ବିତାଇବା ଉଚିତ । ଯଦି ଗୋଟିଏ ଅଞ୍ଚଳରେ ସବୁବେଳେ ଯୁଦ୍ଧ ଲାଗି ରହେ, କିନ୍ତୁ ତାର ମୁଣ୍ଡ ପିଛା ଆୟ ଖୁବ୍ ଅଧିକ ହୋଇଥିଲେ ମଧ୍ୟ ସେଠିକାର ଲୋକେ ଶାନ୍ତିପୂର୍ଣ୍ଣ ଜୀବନ ବିତାଇ ପାରନ୍ତି ନାହିଁ। ତେଣୁ ଏଠାରେ ତାଙ୍କର କଲ୍ୟାଣ ବାଧାପ୍ରାପ୍ତ ହୁଏ। ଲୋକମାନଙ୍କର ସୁସ୍ଥାବସ୍ଥା ଜାଣିବା ଏତେ ସହଜ ନୁହେଁ । ଲୋକମାନଙ୍କର ଜୀବନଧାରଣର ମାନ ବାଛିବା ପାଇଁ ଅନେକଗୁଡିଏ ସୂଚକ ରହିଛି । ସେମାନଙ୍କ ମଧ୍ୟରେ କେତେଗୁଡିଏ ମପାଯାଇପାରେ, ଆଉ କେତେଗୁଡିଏ ମପାଯାଇପାରେ ନାହିଁ । ଯେଉଁଗୁଡିକ ମାପିବା କଷ୍ଟ, ସେଗୁଡିକ ହେଲା- ପରିବେଶ ସୁରକ୍ଷା, ଲିଙ୍ଗଗତ ସମାନତା, ସମାନ ସୁଯୋଗ, ବୈଧାନିକ ସ୍ୱାଧୀନତା ଏବଂ ଏକ ଧନୀ ସାଂସ୍କୃତିକ ଜୀବନ ଶୈଳୀ ଇତ୍ୟାଦି। ଏଗୁଡିକ ମଧ୍ୟ ଜୀବନ ଧାରଣ ପାଇଁ ନ୍ୟୂନତମ ଆବଶ୍ୟକତା ଯଥା : ଖାଦ୍ୟ, ବସ୍ତ୍ର, ବାସଗୃହ, ଆବଶ୍ୟକ ଥିବା ସେବା ଯଥା : ପାନୀୟ ଜଳ, ପରିମଳ, ଶିକ୍ଷା ଓ ସ୍ୱାସ୍ଥ୍ୟର ସୁବିଧା ଦରକାର ।

ମୋରିସ ଡି ମୋରିସ (Moris D Morris) ୭୦ ଦଶକରେ ଜୀବନ ଧାରଣର ମାନକୁ ମାପିବା ପାଇଁ ଏକ ସୂଚକ (Index) ପ୍ରସ୍ତୁତ କରିଥିଲେ। ଏହାକୁ ଜୀବନ ଧାରଣ ମାନର ଭୌତିକ ସୂଚକାଙ୍କ Physical Quality of life Index (PQLI) । ଏହି



ସୂଚକଟି ତିନିଭାଗରେ ବିଭକ୍ତ ଯଥା : ୧. ଶିଶୁ ମୃତ୍ୟୁ ହାର {Infant Morality Rate (IMR)} ୨. ଜନ୍ମ ସମୟରେ ଆୟୁ ପ୍ରତ୍ୟାଶ ସୂଚକ (Life Expertancy of birth) ୩. ସାକ୍ଷରତା ହାର (Literacy Rate) ଏହି ସୂଚକମାନଙ୍କର ଭିନ୍ନ ଭିନ୍ନ ସହଜ ହାରାହାରି ମୂଲ୍ୟକୁ ନିଆଯାଇ ବିଭିନ୍ନ ଅର୍ଥନୀତିର ତୁଳନା କରାଯାଏ ।

ନିମ୍ନ ସାରଣୀଟି ଜୀବନ ଧାରଣ ମାନର ଭୌତିକ ସୂଚକାଙ୍କ ଏବଂ ମୋଟ ଜାତୀୟ ଉତ୍ପାଦନ (GNP) ଦିଆଯାଇଛି ।

| ଦେଶ | PQLI ଜୀବନ ଧାରଣ ମାନର ଭୌତିକ ସୂଚକାଙ୍କ | GNP (per capita in) ମୁଣ୍ଡପିଛା ମୋଟ ଜାତୀୟ ଉତ୍ପାଦନ (ଟଙ୍କା) |
|---|---|---|
| ଭାରତ | ୪୨ | ୨୫୩ |
| ଚୀନ | ୭୫ | ୩୦୪ |
| ଶ୍ରୀଲଙ୍କା | ୮୨ | ୩୦୨ |
| ସିଙ୍ଗାପୁର | ୮୬ | ୫,୨୨୦ |
| ସାଉଦିଆରବ | ୪୦ | ୧୨୭୨୦ |

ଜୀବନ ଧାରଣର ଭୌତିକ ସୂଚକାଙ୍କ (PQLI)ର ମୂଲ୍ୟ ପରିସର O ଠାରୁ ୧୦୦ ମଧ୍ୟରେ । ଶୂନ (୦) ହେଉଛି ସବୁଠାରୁ ନିକୃଷ୍ଟ ଏବଂ ଶହେ (୧୦୦) ହେଉଛି ସବୁଠାରୁ ଉତ୍କୃଷ୍ଟ । ଏହା ଜୋହାନ୍ ପି. ଲୁଇସ (John P. Lewis) ଏବଂ ଭେଲିରିଆନ କେଲାବ (Veleriana Kellab) କହିଥିଲେ । ଏହି ସାରଣୀରେ ମୁଣ୍ଡ ପିଛା ଆୟ ମୋଟ ଜାତୀୟ ଉତ୍ପାଦନ ଏବଂ ଜୀବନ ଧାରଣ ମାନର ଭୌତିକ ସୂଚକାଙ୍କ (PQLI) ମଧ୍ୟରେ ପ୍ରତ୍ୟକ୍ଷ ସମ୍ପର୍କ ନାହିଁ । ସାଉଦି ଆରବର ଏକ ମୁଣ୍ଡପିଛା ଆୟ ଅଧିକ ଥିବାବେଳେ PQLI ଖୁବ୍ କମ୍ । ପୁଣି ଶ୍ରୀଲଙ୍କା ଓ ଚୀନ ଅର୍ଥନୀତିରେ ମୁଣ୍ଡପିଛା ମୋଟ ଜାତୀୟ ଉତ୍ପାଦନ କମ୍ ଥିବାବେଳେ PQLI ଖୁବ୍ ବେଶୀ । ତୈଳ ରାଷ୍ଟ୍ର ସାଉଦିଆରବର ବିତ୍ତୀୟ ସାଧନ ଯଥେଷ୍ଟ ଯାହାକି ସେଠା ଲୋକମାନଙ୍କର ମୌଳିକ ଆବଶ୍ୟକତା ପୂରଣ କରିବା ସକ୍ଷମ ଥିଲାବେଳେ, ସାମାଜିକ ଅର୍ଥନୈତିକ ଦିଗ ଯଥା ସ୍ୱାସ୍ଥ୍ୟ ଓ ଶିକ୍ଷାକୁ ଜାତୀୟ ଉନ୍ନତିରେ ପ୍ରତିଫଳିତ ହୋଇନାହିଁ । ଅନ୍ୟପକ୍ଷରେ କହିଲେ, କେତେଗୁଡିଏ ବିକାଶମୁଖୀ ରାଷ୍ଟ୍ର ସେମାନଙ୍କର କମ୍ ଆର୍ଥିକ ସ୍ଥିତି ସତ୍ତ୍ୱେ PQLIରେ ଅଧିକ ମୂଲ୍ୟ ଦେଖାଏ । କାରଣ ଏହି ଅର୍ଥନୀତିଗୁଡିକ ସ୍ୱାସ୍ଥ୍ୟ, ଶିକ୍ଷା ଓ ପରିମଳ ଇତ୍ୟାଦି କ୍ଷେତ୍ରରେ ଅଧିକ ଖର୍ଚ୍ଚ କରିଥାନ୍ତି, ଯାହାକି ସେମାନଙ୍କ ଲୋକମାନଙ୍କର ସୁସ୍ଥାବସ୍ଥାରେ ଉନ୍ନତି କରାଇଥାଏ ।

PQLI ଅର୍ଥନୈତିକ ବିକାଶ ଏକ ବ୍ୟାପକ ସୂଚକ ନୁହେଁ । କାରଣ ଏହା ଅର୍ଥନୈତିକ





ସୂଚକ ଯେପରିକି ଜାତୀୟ ଆୟ ବା ମୁଣ୍ଡପିଛା ଜାତୀୟ ଆୟକୁ ଅନ୍ତର୍ଭୁକ୍ତ କରିନାହିଁ। ୧୯୯୦ ମସିହାରେ ପ୍ରମୁଖ ଅର୍ଥନୀତିଜ୍ଞ ମହବୁବ ଉଲ୍ ହକ୍ (Mahbul ul-Haq) ଜୀବନର ଗୁଣାତ୍ମକ ମାନକୁ ମାପିବା ପାଇଁ ମାନବ ବିକାଶ ସୂଚକାଙ୍କ Human Development Index-HDI) ପ୍ରବର୍ତ୍ତନ କଲେ । ଏହା ବିଶ୍ୱର ୧୮୬ଟି ଦେଶକୁ ନେଇ ଗଣନା କରାଯାଇଛି । ଏହି ତିନୋଟି ସୂଚକାଙ୍କର ହାରାହାରି ମୂଲ୍ୟକୁ ନେଇ ଗଠିତ ।

ସେଗୁଡିକ ହେଲା :

୧. ଆୟୁପ୍ରତ୍ୟଶ ସୂଚକ (Life Expetancy Index) LEI

୨. ଶିକ୍ଷାପ୍ରାପ୍ତି ସୂଚକ (Educational Attainment Index) EAI

୩. ଜୀବନ ଧାରଣ ମାନର ସୂଚକ (Standard of Living Index) SLI

ଜୀବନ ଧାରଣ ମାନର ସୂଚକ ମୋଟ ଜାତୀୟ ଉତ୍ପାଦନ (GDP)କୁ ନେଇ ଗଠିତ । ନିର୍ଦ୍ଧାରଣ ପଦ୍ଧତି ହେଲା (LEI + EAI + SLI) ଏହି ସୂଚକ ଅନୁସାରେ ଦେଶଗୁଡିକ ବିଭିନ୍ନ ସ୍କେଲରେ ଭାଗ କରାଯାଇଛି, ଯଥା ନିମ୍ନତମ (୦ରୁ ୦.୫) ମଧ୍ୟମ (.୫ରୁ .୮) ଏବଂ ଉତ୍ତମ (.୮ରୁ ବେଶୀ) କେତେଗୁଡିଏ ନିର୍ଦ୍ଦିଷ୍ଟ ଦେଶମାନଙ୍କର । ମାନବ ବିକାଶର ସୂଚକାଙ୍କ (HDI) ଏବଂ ମୁଣ୍ଡପିଛା ମୋଟ ଜାତୀୟ ଉତ୍ପାଦନ (GDP) ୨୦୧୧ ମସିହାର ମାନବ ବିକାଶ ତତ୍ତ୍ୱର ତଥ୍ୟଗୁଡିକ ନିମ୍ନରେ ପ୍ରଦତ୍ତ ହେଲା-

| ଦେଶ | ମାନବ ବିକାଶ ସୂଚକାଙ୍କ | ମୁଣ୍ଡପିଛା ମୋଟ ଜାତୀୟ ଉତ୍ପାଦନ (ଡଲାରରେ) |
|---|---|---|
| ନରୱେ | .୯୪୩ | ୫୫୦୦୯ |
| ଆମେରିକା | .୯୧୦ | ୪୯,୯୨୨ |
| ସିଙ୍ଗାପୁର | .୮୬୬ | ୬୦.୪୧୨ |
| ସାଉଦିଆରବ | .୮୪୬ | ୩୧,୨୭୫ |
| ଶ୍ରୀଲଙ୍କା | .୬୧୫ | ୬୧୦୭ |
| ଭାରତ | .୫୫୪ | ୩୮୩୦ |

ମାନବ ବିକାଶ ସୂଚକାଙ୍କର ମୂଲ୍ୟ (୦) ଠାରୁ (୧) ମଧ୍ୟରେ ବିସ୍ତାର ଲାଭ କରିଛି । ଯେଉଁଠାରେ ଶୂନ (୦) ହେଉଛି ନିକୃଷ୍ଟ ଏବଂ (୧) ଏକ ହେଉଛି ଉତ୍କୃଷ୍ଟ । ମାନବ ବିକାଶ ରିପୋର୍ଟ ୨୦୧୨ ଅନୁଯାୟୀ ଭାରତର ସ୍ଥାନ ସମଗ୍ର ପୃଥିବୀରେ ୧୮୬ଟି ଦେଶ ମଧ୍ୟରୁ ୧୩୬



ସ୍ଥାନରେ ରହିଛି । ଭାରତର ମାନବ ବିକାଶ ସୂଚକାଙ୍କ (HDI) ଅଛି .୫୪୩ ।

ଏକ ଉତ୍ତମ ମାନବ ବିକାଶ ସୂଚକାଙ୍କ (HDI) ଅଧିକ କଲ୍ୟାଣ ବା ସମାଜର ହିତକୁ ବୁଝାଏ । ନିମ୍ନ ସାରଣୀରୁ ବୁଝିହେବ ।

ମୁଣ୍ଡ ପିଛା ପ୍ରକୃତ ଉତ୍ପାଦନ
ପ୍ରକୃତ ଜାତୀୟ ଆୟ
ଅର୍ଥନୈତିକ ଅଭିବୃଦ୍ଧି

ଉତ୍ପାଦନରେ ବୃଦ୍ଧି
ଗଠନ ସମ୍ବନ୍ଧୀୟ ପରିବର୍ତ୍ତନ
ବେକାରୀ ସମସ୍ୟାରେ ହ୍ରାସ ପାଇବା
ଦାରିଦ୍ର୍ୟ ସୀମାରେଖା ତଳେ ଥିବା ଲୋକସଂଖ୍ୟା କମିବା
ମୁଣ୍ଡ ପିଛା ପ୍ରକୃତ ଉତ୍ପାଦନ
ପ୍ରକୃତ ଜାତୀୟ ଆୟ
ଅର୍ଥନୈତିକ ବିକାଶ

ପ୍ରଦୂଷଣ ହ୍ରାସ
ଅ-ନବୀକରଣ ସାଧନର ସଂରକ୍ଷଣ
ଉତ୍ପାଦନରେ ବୃଦ୍ଧି
ଗଠନ ସମ୍ବନ୍ଧୀୟ ପରିବର୍ତ୍ତନ
ବେକାରୀ ସମସ୍ୟାରେ ହ୍ରାସ ପାଇବା
ଦାରିଦ୍ର୍ୟ ସୀମାରେଖା ତଳେ ଥିବା ଲୋକସଂଖ୍ୟା କମିବା
ମୁଣ୍ଡପିଛା ପ୍ରକୃତ ଉତ୍ପାଦନ
ପ୍ରକୃତ ଜାତୀୟ ଆୟ
ଅବାରିତ ବିକାଶ

ଉନ୍ନତମାନର ସାଂସ୍କୃତିକ ଜୀବନ
ନିର୍ବାଚନ କରିବାରେ ସ୍ୱାଧୀନତା
ଉତ୍ତମ ଶିକ୍ଷା ଓ ସ୍ୱାସ୍ଥ୍ୟର ସୁଯୋଗ
ପ୍ରଦୂଷଣ ହ୍ରାସ
ଅ-ନବୀକରଣ ସାଧନର ସଂରକ୍ଷଣ
ଉତ୍ପାଦନରେ ବୃଦ୍ଧି
ଗଠନ ସମ୍ବନ୍ଧୀୟ ପରିବର୍ତ୍ତନ
ବେକାରୀ ସମସ୍ୟା ହ୍ରାସ ପାଇବା
ଦାରିଦ୍ର୍ୟ ସୀମାରେଖା ତଳେ ଥିବା ଲୋକସଂଖ୍ୟା କମିବା
ମୁଣ୍ଡପିଛା ପ୍ରକୃତ ଉତ୍ପାଦନ
ପ୍ରକୃତ ଜାତୀୟ ଆୟ
ଜୀବନ ଧାରଣର ମାନ





## ଅର୍ଥନୈତିକ ବିକାଶ ଏବଂ ଅଭିବୃଦ୍ଧିର ସୂଚକାଙ୍କ

ଏକ ଅର୍ଥ ବ୍ୟବସ୍ଥାର ବିକାଶ ମୂଲ୍ୟାୟନ କରିବା ପାଇଁ ମାନବ ବିକାଶ ସୂଚକାଙ୍କ (HDI)ଏକ ପ୍ରମୁଖ ସୂଚକ । ଏହା ଏକ ବ୍ୟାପକ ସୂଚକ ଯାହାକି ଅର୍ଥନୈତିକ ଓ ସାମାଜିକ ଦୁଇଟିଯାକ ଅନ୍ତର୍ଭୁକ୍ତ କରାଏ । ଉପରୋକ୍ତ ସାରଣୀଟି ଅର୍ଥନୈତିକ ବିକାଶର ଧାରା ସମ୍ପର୍କରେ ଆଲୋଚନା କରିଛି । ପୂର୍ବରୁ ମୁଣ୍ଡପିଛା ପ୍ରକୃତ ଉତ୍ପାଦନ ଅର୍ଥନୈତିକ ବିକାଶର ସୂଚକାଙ୍କ ହୋଇଥିବାବେଳେ ବର୍ତ୍ତମାନ ଜୀବନ ଧାରଣ ମାନର ବିକାଶର ଗୁରୁତ୍ୱ ଅଧିକ ।

**କ'ଣ ଜାଣିଲେ :**

- ଜୀବନ ଧାରଣର ମାନ କହିଲେ ଲୋକମାନଙ୍କର କଲ୍ୟାଣକୁ ବୁଝାଏ ।
- ୭୦ ଦଶକରେ ଜୀବନ ଧାରଣ ମାନର ଭୌତିକ ସୂଚକାଙ୍କ (PQLI) ଅର୍ଥନୀତିଜ୍ଞ ମୋରିସ୍‌ଙ୍କ ଦ୍ୱାରା ବ୍ୟବହାର କରାଯାଇ, ଜୀବନ ଧାରଣର ମାନକୁ ମପାଯାଇପାରିଲା ନାହିଁ ।
- ଏହାପରେ ମହବୁଲ-ଉଲ୍-ହକ୍ ମାନବ ବିକାଶ ସୂଚକାଙ୍କ ବ୍ୟବହାର କରି ଜୀବନ ଧାରଣର ମାନକୁ ମାପିଥିଲେ ।
- ମାନବ ବିକାଶ ରିପୋର୍ଟ ୨୦୧୨ ଅନୁଯାୟୀ ବିଶ୍ୱର ୧୮୬ଟି ଦେଶ ମଧ୍ୟରେ ଭାରତର ସ୍ଥାନ ୧୩୬ତମ ଅଟେ ।
- ସୂଚକାଙ୍କ ମୂଲ୍ୟ .୫୪୩
- ମାନବ ବିକାଶ ସୂଚକାଙ୍କ ମୂଲ୍ୟ ଯେତେ ଅଧିକ ହେବ ଲୋକମାନଙ୍କର କଲ୍ୟାଣ ସେତେ ଅଧିକ ହେବ ।

### ପ୍ରଶ୍ନ : ୩.୫

ଶୂନ୍ୟସ୍ଥାନ ପୂରଣ କର

୧. ................. ଏବଂ ............. ଅର୍ଥନୈତିକ ବିକାଶ ଅଣ ଅର୍ଥନୈତିକ ସୂଚକାଙ୍କ ।

୨. ଅର୍ଥନେତିକ ବିକାଶର ସହାୟକ କହିଲେ ................ ଲୋକମାନଙ୍କର ।

୩. ଯୁକ୍ତରାଷ୍ଟ୍ର ବିକାଶର କାର୍ଯ୍ୟକ୍ରମ ପ୍ରସ୍ତୁତ କରିଛି ................ ଜୀବନ ଧାରଣ ମାନକୁ ମାପିବା ନିମନ୍ତେ ।



୪. ମାନବ ବିକାଶର ସୂଚକାଙ୍କ ଯେତେ ବଢିବ, ସେତେ ବଢିବ ............. ଲୋକମାନଙ୍କର ।

୫. ମାନବ ବିକାଶ ସୂଚକାଙ୍କ ............. ଦ୍ୱାରା ପ୍ରବର୍ତ୍ତନ କରାଯାଇଛି ।

୬. ୨୦୧୧-୧୨ର HDI ଅନୁଯାୟୀ ୧୮୬ଟି ଦେଶ ମଧ୍ୟରୁ ଭାରତର ସ୍ଥାନ .................. ଅଟେ ।

## ୩.୭ ସାମର୍ଥ୍ୟ ମାର୍ଗ (Capability Approach):

ନୋବେଲ ପ୍ରାଇଜ ବିଜେତା ଅମର୍ତ୍ତ୍ୟସେନଙ୍କ ମତରେ ଅର୍ଥନୈତିକ ବିକାଶ ଲୋକଙ୍କର କାର୍ଯ୍ୟ କରିବାର ସାମର୍ଥ୍ୟର ବୃଦ୍ଧି ଉପରେ ନିର୍ଭର କରେ। ଅର୍ଥନୈତିକ ବିକାଶ ସହିତ ଲୋକମାନଙ୍କର ସାମର୍ଥ୍ୟରେ ମଧ୍ୟ ବିକାଶ ହେବା ଉଚିତ । କେବଳ ଦ୍ରବ୍ୟ ଓ ସେବାର ଉପଲବ୍ଧି ଯଥେଷ୍ଟ ନୁହେଁ, ଏହା ଲୋକମାନଙ୍କର କ୍ଷମତାକୁ ବଢାଇବା ଦରକାର । ଗୋଟିଏ ଦେଶର ଲୋକମାନଙ୍କର କଲ୍ୟାଣରେ ଅଗ୍ରଗତି ହୋଇଥାଏ। ଯେତେବେଳେ ସମାଜରେ ଲୋକମାନଙ୍କର କାର୍ଯ୍ୟ କରିବାର ସାମର୍ଥ୍ୟ ବୃଦ୍ଧିପାଏ । ଉଦାହରଣ : ଗୋଟିଏ ଗ୍ରାମର ସମସ୍ତ ସ୍କୁଲକୁ କମ୍ପ୍ୟୁଟର ଯୋଗାଇ ଦିଆଯିବା ସତ୍ତ୍ୱେ ଏହା ବ୍ୟବହାର ନହୋଇ ପଡି ରହିଲା । ଏହି ପରିସ୍ଥିତିକୁ ଗ୍ରାମର କଲ୍ୟାଣ ହେଉଛି ବୋଲି କହିପାରିବା ନାହିଁ।

ଯେତେବେଳେ କମ୍ପ୍ୟୁଟରଗୁଡିକ ପିଲାଙ୍କ ସାମର୍ଥ୍ୟ ବଢାଇବାରେ ସାହାଯ୍ୟ କରିବ। ସେତେବେଳେ ସେହି ଗ୍ରାମର ଲୋକମାନଙ୍କର ଜୀବନ ଧାରଣ ମାନରେ ପରିବର୍ତ୍ତନ ହେବ। ତେଣୁ ବିକାଶର ସର୍ବୋତ୍ତମ ସୂଚକାଙ୍କ ଲୋକମାନଙ୍କର ସାମର୍ଥ୍ୟ ବୃଦ୍ଧିକୁ ବୁଝାଏ।

### ଏପର୍ଯ୍ୟନ୍ତ କ'ଣ ଶିଖିଲ

- ଅର୍ଥନୈତିକ ବିକାଶ କହିଲେ ଲୋକମାନଙ୍କର ସାମର୍ଥ୍ୟରେ ବୃଦ୍ଧି ।
- ଅର୍ଥନୈତିକ ବିକାଶ ମାନବର ବିକାଶର ଅଗ୍ରଗତି ଦ୍ୱାରା ମପାଯିବା ଉଚିତ ।

## କ'ଣ ଜାଣିଲେ

- ଅର୍ଥନୈତିକ ଅଭିବୃଦ୍ଧି ଏକ ବ୍ୟବସ୍ଥା ଯେଉଁଥିରେ ପ୍ରକୃତ ଆୟ କ୍ରମାନ୍ୱୟରେ ବଢିଥାଏ। ଅପରପକ୍ଷରେ ଅର୍ଥନୈତିକ ବିକାଶ ହେଉଛି ବ୍ୟାପକ, ଏହା ଅର୍ଥ ଅର୍ଥନୈତିକ ଅଭିବୃଦ୍ଧି ଓ ପ୍ରଗତିଶୀଳ ପରିବର୍ତ୍ତନର ଏକ ଅଂଶ ଯାହାକି ଲୋକମାନଙ୍କର କଲ୍ୟାଣକୁ ବୁଝାଏ। ଗୋଟିଏ ବର୍ଷରେ ଉତ୍ପନ୍ନ ହେଉଥିବା ଦ୍ରବ୍ୟ ଓ ସେବାର ବଜାର ଦରକୁ ଜାତୀୟ ଆୟ କୁହାଯାଏ।
- ଭବିଷ୍ୟତ ବଂଶଧର ବା ପିଢିର ସ୍ୱାର୍ଥକୁ ଉପେକ୍ଷା ନକରି ବର୍ତ୍ତମାନ ପିଢି ପାଇଁ ଉନ୍ନତ



## ଅର୍ଥବ୍ୟବସ୍ଥା

ଜୀବନ ଧାରଣର ସୁଯୋଗ ସୃଷ୍ଟିକୁ ଅବାରିତ ବିକାଶ କୁହାଯାଏ ।

- ଜୀବନ ଧାରଣର ଗୁଣାତ୍ମକ ମାନ ଏକ ବ୍ୟାପକ ଶବ୍ଦ ଅଟେ ।

### ପ୍ରଶ୍ନ

**ନିମ୍ନ ପ୍ରଶ୍ନଗୁଡିକର ଉତ୍ତର ଲେଖ :**

୧ ୧. ପ୍ରକୃତ ଜାତୀୟ ଆୟ ନୁହେଁ ମୁଣ୍ଡପିଛା ପ୍ରକୃତ ଜାତୀୟ ଆୟ ହେଉଛି ଅର୍ଥନୈତିକ ଅଭିରୁଚିର ଏକ ପ୍ରମୁଖ ସୂଚକ । କାରଣ ?

୨. ଅର୍ଥନୈତିକ ବିକାଶ ଓ ଅର୍ଥନୈତିକ ଅଭିରୁଚି ମଧ୍ୟରେ ଥିବା ପାର୍ଥକ୍ୟ ଲେଖ ?

୩. ଅବାରିତ ବିକାଶର ଆବଶ୍ୟକତା ଆଲୋଚନା କର । ଏହାର ଉନ୍ନତି ନିମନ୍ତେ କାର୍ଯ୍ୟପନ୍ଥାର ପ୍ରସ୍ତାବ ଦିଅ ।

୪. ଅର୍ଥନୈତିକ ବିକାଶ କିପରି ଲୋକମାନଙ୍କର ଜୀବନ ଧାରଣ ମାନରେ ଉନ୍ନତି ଘଟାଇଥାଏ ? ବର୍ଣ୍ଣନା କର ।

୫. ଅର୍ଥନୈତିକ ବିକାଶର ମୁଣ୍ଡପିଛା ପ୍ରକୃତ ଆୟ ଅପେକ୍ଷା HDI ଏକ ଉନ୍ନତ ସୂଚକ ? କାହିଁକି ?

୬. ଯଦି ଗୋଟିଏ ଅର୍ଥ ବ୍ୟବସ୍ଥାରେ ପ୍ରକୃତ ମୁଣ୍ଡପିଛା ଆୟରେ ବୃଦ୍ଧି ଘଟେ, ନିରକ୍ଷରଙ୍କର ସଂଖ୍ୟା ବଢିଯାଏ ଏବଂ ଲିଙ୍ଗଗତ ଅସାମାନତା ଥାଏ, ତେବେ ଏହି ଅର୍ଥ ବ୍ୟବସ୍ଥାକୁ ବିକଶିତ ଅର୍ଥ ବ୍ୟବସ୍ଥା କହିବା କି ? ଯଥାର୍ଥତା ପ୍ରତିପାଦନ କର ।

୨. ବାକ୍ୟଗୁଡିକୁ ପୂରଣ କର

୧. ଅର୍ଥନୈତିକ ବିକାଶର ଏକ ଉନ୍ନତ ସୂଚକ ହେଉଛି .................. (ମୁଣ୍ଡ ପିଛା ପ୍ରକୃତ ଆୟ/ HDI)

୨. ଅର୍ଥନୈତିକ ବିକାଶ ହେଉଛି ଏକ ମୁଖ୍ୟ ଉଦ୍‌ବେଗ .................. ଅର୍ଥ ବ୍ୟବସ୍ଥା (ବିକାଶନ୍ମୁଖୀ/ ବିକଶିତ)

୩. ବର୍ତ୍ତମାନର ଜାତୀୟ ଆୟର ଆଧାର ବର୍ଗ ହେଉଛି ............ (୧୯୯୩-୯୪/ ୨୦୦୪-୦୫)

୪. ଜୀବନ ଧାରଣର ମାନରେ ଉନ୍ନତି .......................... ଉନ୍ନତି ଆଣିଥାଏ (ମନୋବୃତ୍ତି/ କଲ୍ୟାଣରେ)



୫. ଉତ୍ତପ୍ତ ବିଶ୍ୱ ହେଉଛି .................. ଏକ ସୂଚକ । (ପରିବେଶ ଜନିତ ସଂକଟ/ ଜନସଂଖ୍ୟା ବୃଦ୍ଧି)

୬. ସ୍ୱାଧୀନ ଅଭିରୁଚି ଓ ସମାନ ସୁବିଧା ସୁଯୋଗ ଅର୍ଥନୈତିକ .............. ଆବଶ୍ୟକ । (ଅଭିବୃଦ୍ଧି/ ବିକାଶ)

## ଉତ୍ତର

**୩.୧**

୧. ଠିକ୍

୨. ଭୁଲ

୩. ଠିକ୍

୪. ଠିକ୍

୫. ଭୁଲ

୬. ଭୁଲ

୭. ଠିକ୍

**୩.୨**

୧. (ଗ)

୨. (କ)

୩. (ଖ)

୪. (ଙ)

୫. (ଘ)

**୩.୩**

୧. ପରିମାଣାତ୍ମକ

୨. ଦାରିଦ୍ର୍ୟ, ବେକାରୀ ଏବଂ ଆୟରେ ଅସମାନତା

୩. ବିନା

୪. ବିକଶିତ

୫. ମୁଣ୍ଡପିଛା ପ୍ରକୃତ ଆୟ

୬. କଲ୍ୟାଣ

**୩.୪**

୧. ଠିକ୍

୨. ଠିକ୍





୩. ଭୁଲ

୪. ଠିକ୍

୫. ଠିକ୍

୬. ଭୁଲ

**୩.୫**

୧. କମ୍ ବେକାରୀ, ପ୍ରଯୁକ୍ତିବିଦ୍ୟାରେ ଉନ୍ନତି

୨. ଜୀବନ ଧାରଣର ମାନ

୩. ମାନବ ବିକାଶର ସୂଚକାଙ୍କ

୪. କଲ୍ୟାଣ

୫. ମହବୁଲ-ଉଲ-ହକ୍

୬. ୧୩୧

**ଦୀର୍ଘ ନିମନ୍ତେ ସହାୟକ**

୧. ୩.୮ ପଢନ୍ତୁ

୨. ୩.୬ ପଢନ୍ତୁ

୩. ୩.୭ ପଢନ୍ତୁ

୪. ୩.୮ ପଢନ୍ତୁ

୫. ୩.୮ ପଢନ୍ତୁ

୬. ୩.୮ ଓ ୩.୫ ପଢନ୍ତୁ

**ଶୂନ୍ୟସ୍ଥାନ ପୂରଣ**

କ. ମାନବ ବିକାଶ ସୂଚକାଙ୍କ HDI

ଖ. ବିକାଶନ୍ମୁଖୀ

ଗ. ୨୦୦୪-୦୫

ଘ. କଲ୍ୟାଣ

ଙ. ପରିବେଶଜନିତ ସଂକଟ

ଚ. ବିକାଶ



# 4

# ଭାରତୀୟ ଅର୍ଥନୀତି ଏକ ବିକାଶନ୍ମୁଖୀ ଅର୍ଥନୀତି

## (Indian Economy- A Developing Economy)

ଭାରତ ଏକ ବିକାଶନ୍ମୁଖୀ ରାଷ୍ଟ୍ର । ଦୀର୍ଘ ୬୦ ବର୍ଷର ଯୋଜନା ଫଳରେ ଭାରତ କେତେକ କ୍ଷେତ୍ରରେ ଅଗ୍ରଗତି କରିଥିଲାବେଳେ ଅନ୍ୟ କେତେକ କ୍ଷେତ୍ରରେ ପଛୁଆ ହୋଇ ରହିଛି । ଏହି ଅଧ୍ୟାୟରେ ଏକ ବିକାଶନ୍ମୁଖୀ ରାଷ୍ଟ୍ରର ବୈଶିଷ୍ଟ୍ୟ ସମ୍ପର୍କରେ ଆଲୋଚନା କରାଯାଇଛି ।

### ଉଦ୍ଦେଶ୍ୟ :

- ଭାରତୀୟ ଅର୍ଥନୀତିର ମୁଖ୍ୟ ବୈଶିଷ୍ଟ୍ୟଗୁଡିକୁ ଚିହ୍ନଟ କରିବା ।
- ଭାରତୀୟ ଅର୍ଥନୀତିକୁ କାହିଁକି ବିକାଶନ୍ମୁଖୀ ଅର୍ଥନୀତି କୁହାଯାଏ, ତାହା ଜାଣିବା ।

### ୪.୧ ସ୍ୱଳ୍ପ ଆୟ (Low Level Income)

ଭାରତୀୟ ଜନସଂଖ୍ୟା ତୁଳନାରେ ଏହାର ଜାତୀୟ ଆୟ ଖୁବ୍ କମ୍ ଅଟେ । ତେଣୁ ସ୍ୱଳ୍ପ ମୁଣ୍ଡ ପିଛା ଆୟ । ଏହାର ଏକ ପ୍ରମୁଖ ବୈଶିଷ୍ଟ୍ୟ। ପୃଥିବୀର ୨୫ଟି ଗରିବତମ ଦେଶମାନଙ୍କ ମଧ୍ୟରୁ ଭାରତ ଗୋଟିଏ। ଭାରତରେ ମୁଣ୍ଡପିଛା ଆୟ ହେଉଛି ୬୧-୫୬୪ ।

ଭାରତର ଜାତୀୟ ଆୟର ବୃଦ୍ଧି ଖୁବ୍ ଆସ୍ତେ ଆସ୍ତେ ହୋଇଛି । ଏହି ବୃଦ୍ଧିର ଫଳ ସମାଜର ସବୁ ସ୍ତରର ଲୋକଙ୍କ ନିକଟରେ ପହଞ୍ଚିପାରିନାହିଁ । ଏପର୍ଯ୍ୟନ୍ତ ଲୋକମାନଙ୍କର ଜୀବନ ଧାରଣ ମାନରେ ଉନ୍ନତି ହୋଇନାହିଁ। ଏହାର ମୁଖ୍ୟ କାରଣ ହେଉଛି, ଜନସଂଖ୍ୟା ବୃଦ୍ଧି।

ଭାରତୀୟ ଅର୍ଥନୀତିରେ ସ୍ୱଳ୍ପ ମୁଣ୍ଡ ପିଛା ଆୟ ସହିତ ଆଉ ଏକ ସମସ୍ୟା ମଧ୍ୟ ରହିଛି । ତାହା ହେ।, ଆୟ ବଣ୍ଟନରେ ଅସମାନତା । ବୃଦ୍ଧି ହୋଇଥିବା ଆୟ ଅଳ୍ପ କିଛି ଲୋକଙ୍କ ହାତରେ ପହଞ୍ଚିପାରିଛି । ଯାହାକି ଭାରତୀୟ ଅର୍ଥନୀତିରେ ଧନୀ ଓ ଦାରିଦ୍ର୍ୟ ଗୋଷ୍ଠୀ ମଧ୍ୟରେ ବ୍ୟବଧାନ ସୃଷ୍ଟି କରାଇଛି । ଏହା କୁହାଯାଇପାରେ ଯେ ବହୁ ସଂଖ୍ୟକ ଭାରତୀୟ ଦାରିଦ୍ର୍ୟ ଚକ୍ର ମଧ୍ୟରେ ବାନ୍ଧି ହୋଇ ରହିଛନ୍ତି। ଆୟ ଯେତେବେଳେ ସ୍ୱଳ୍ପ, ସେତେବେଳେ ସଞ୍ଚୟ ମଧ୍ୟ ସ୍ୱଳ୍ପ ହୋଇଥାଏ। ସ୍ୱଳ୍ପ ସଞ୍ଚୟ ଯୋଗୁଁ ସ୍ୱଳ୍ପ ପୁଞ୍ଜି ଲଗାଣ ହୋଇଥାଏ। ଫଳରେ, ଉତ୍ପାଦନ ଓ କର୍ମସଂସ୍ଥାରେ ସ୍ୱଳ୍ପତା ଦେଖାଯାଏ, ଏହା ଆୟ ସ୍ୱଳ୍ପତାରେ ବଦଳିଥାଏ।





**ସାରଣୀ ୪.୧**

**ଭାରତରେ ମୋଟାମୋଟି ଦାରିଦ୍ର୍ୟର ପ୍ରବୃତ୍ତି**

| ବର୍ଷ | ଗରିବଙ୍କ ସଂଖ୍ୟା (କୋଟି) | ଶତକଡ଼ାରେ ଦାରିଦ୍ର୍ୟ ସଂଖ୍ୟା ମୋଟ ଜନସଂଖ୍ୟାରୁ ହାରାହାରି |
|---|---|---|
| ୧୯୭୯-୮୦ | ୩୩ | ୪୮ |
| ୧୯୮୬-୮୭ | ୨୭ | ୩୪ |
| ୧୯୯୦-୯୧ | ୩୧ | ୩୯ |
| ୧୯୯୩-୯୪ | ୩୨ | ୩୬ |
| ୧୯୯୬-୯୭ | ୨୭ | ୨୯ |
| ୧୯୯୯-୨୦୦୦ | ୨୬ | ୨୬ |
| ୨୦୦୨-୦୩ | | ୨୫ |
| ୨୦୦୮-୦୯ | ୨୬ | |
| ୨୦୧୧-୧୨ | ୩୫ | ୨୭ |

**ସାରଣୀ ୪.୨**

**ଦାରିଦ୍ର୍ୟ ସୀମାରେଖା ତଳେ ଥିବା ଶତକଡ଼ା ଜନସଂଖ୍ୟା**

| | ୧୯୮୭-୮୮ | ୧୯୯୩-୯୪ | ୧୯୯୯-୨୦୦୦ | ୨୦୦୬-୦୭ | ୨୦୧୧-୧୨ |
|---|---|---|---|---|---|
| ଗ୍ରାମ | ୩୯ | ୪୧ | ୨୭ | ୨୧ | ୨୬ |
| ସହର | ୪୦ | ୩୫ | ୨୪ | ୧୫ | ୨୦ |
| ମୋଟ | ୩୯.୩ | ୩୬ | ୨୬ | ୧୯ | ୨୨ |

ଜନସଂଖ୍ୟା ବୃଦ୍ଧିର ହାର ଅଧିକ ଥିବାରୁ ଦାରିଦ୍ର୍ୟ ସୀମାରେଖା ତଳେ ମଣିଷମାନଙ୍କର ସଂଖ୍ୟା ଗ୍ରାମ ଓ ସହରରେ ବଢିବାକୁ ଲାଗିଲା ଏବଂ ମୋଟାମୋଟି ଶତକଡାର ହାର କମିଲା ପରି ଲାଗିଲା ।

- ଭାରତୀୟ ଅର୍ଥନୀତି ଏକ ବିକାଶନ୍ମୁଖୀ ଅର୍ଥନୀତି ।
- ଏହାର ଆୟ ସ୍ୱଳ୍ପ ଅଟେ ।
- ଏଥିରେ ଆୟ ବଣ୍ଟନରେ ଅସମାନତାର ସମସ୍ୟା ରହିଛି ।



### ପ୍ରଶ୍ନ ୪.୧

ଶୂନ୍ୟସ୍ଥାନ ପୂରଣ କର

୧. ଭାରତୀୟ ଅର୍ଥନୀତି ............ ଅର୍ଥନୀତି । (ବିକଶିତ / ବିକାଶନ୍ମୁଖୀ)

୨. ଭାରତରେ ମୁଣ୍ଡ ପିଛା ଆୟର ସ୍ତର ଭାରୀ............. । (କମ୍ / ବେଶୀ)

୩. ଭାରତୀୟ ଅର୍ଥନୀତିରେ ଅତ୍ୟଧିକ ........... ବଣ୍ଟନ ନିୟମ ରହିଛି । (ସମାନତା / ଅସମାନତା)

## ୪.୨ ବେକାରୀ (Unemployment)

ବେକାରୀ ସମସ୍ୟା ଦାରିଦ୍ର୍ୟର ପ୍ରତିଫଳନ ମାତ୍ର । ଭାରତର ଜନସଂଖ୍ୟା ବୃଦ୍ଧି ଅନୁଯାୟୀ ଭାରତୀୟ ଅର୍ଥନୀତି ଅଧିକ କର୍ମସଂସ୍ଥା ଯୋଗାଇପାରି ନାହିଁ । ବଢୁଥିବା ଶ୍ରମ ଶକ୍ତି (labour force) ନିଜ ପାଇଁ କାର୍ଯ୍ୟ (job)ର ସୁଯୋଗ ପାଇପାରିନାହାନ୍ତି। ବେକାରୀ ସମସ୍ୟ ଆମ ସମାଜରେ ଦାରିଦ୍ର୍ୟ ରୂପରେ ରହିଛି । ଗତ ୨୦ ବର୍ଷରେ ବର୍ଷକୁ ଶ୍ରମଶକ୍ତି ୨.୫% ହାରରେ ବଢିଲା ବେଳେ କର୍ମସଂସ୍ଥା ବର୍ଷକୁ ୨.୨% ହାରରେ ବଢୁଛି । ପରିଣାମତଃ ବେକାରୀ ସଂଖ୍ୟା ମୋଟାମୋଟି ସମୟ ଅନୁସାରେ ବଢିଛନ୍ତି । ଦେଶ ଅବିକଶିତ ହେବାର ଏକ ମୁଖ୍ୟ କାରଣ ହେଉଛି- ବେକାରୀ ସମସ୍ୟା ।

ଭାରତରେ ଯେତେ ଲୋକ କର୍ମସଂସ୍ଥା (employment) ପାଇଛନ୍ତି ବା ଶ୍ରମିକ ଜନସଂଖ୍ୟା (worker population) ର ହାର ନିମ୍ନ ସାରଣୀରେ ପ୍ରଦତ୍ତ କରାଯାଇଛି ।

ସାରଣୀ- ୪.୩

ଶ୍ରମିକ-ଜନସଂଖ୍ୟାର ହାର (୨୦୧୧-୧୨)

| ବ୍ୟକ୍ତି | ଶ୍ରମିକ ଜନସଂଖ୍ୟା ହାର | | |
|---|---|---|---|
| | ମୋଟ | ଗ୍ରାମ | ସହର |
| ପୁରୁଷ | ୫୧.୭ | ୪୨.୯ | ୬୦.୫ |
| ସ୍ତ୍ରୀ | ୨୫.୬ | ୩୩.୮ | ୧୭.୪ |
| ମୋଟ | ୩୯.୮ | ୩୭.୨ | ୪୨.୪ |

ସାରଣୀ ୪.୩ରେ ଆମେ ୨୦୧୧-୧୨ ସମ୍ପର୍କରେ ଜାଣିଲେ





୧. ଭାରତର ଶ୍ରମିକ ଜନସଂଖ୍ୟାର ହାର କମ୍ ।

୨. ଗ୍ରାମାଞ୍ଚଳର ସ୍ତ୍ରୀ ଲୋକମାନେ ସହରାଞ୍ଚଳ ସ୍ତ୍ରୀ ଲୋକମାନଙ୍କ ଅପେକ୍ଷା ଅଧିକ ଭାବରେ କାର୍ଯ୍ୟରେ ସହଯୋଗ କରିଥାନ୍ତି । ଗ୍ରାମାଞ୍ଚଳରେ ଶିକ୍ଷା ସୁବିଧା ଉପଲବ୍ଧି କମ୍ ଥିବାରୁ ଅଳ୍ପ ବୟସର ଲୋକମାନେ କାର୍ଯ୍ୟ କରିବାକୁ ବାହାରି ଆସିଥାନ୍ତି ।

୩. ସ୍ତ୍ରୀ ଲୋକମାନଙ୍କର କାର୍ଯ୍ୟରେ ଭାଗିଦାରୀର ପରିମାଣ ପୁରୁଷଙ୍କ ତୁଳନାରେ ଖୁବ୍ କମ୍ । ଅତଏବ କର୍ମସଂସ୍ଥାର ପରିମାଣ ଭାରତରେ ବହୁତ କମ୍, ଯାହା ଫଳରେ ଜାତୀୟ ଆୟ ବହୁତ୍ କମ୍ ।

- ଭାରତୀୟ ଅର୍ଥନୀତିରେ ବେକାରୀ ସମସ୍ୟା ଅଧିକ ।
- ଭାରତରେ ଅଧିକ ଲୋକ ନିର୍ଭରଶୀଳ ।
- ଶ୍ରମଭିତ୍ତିରେ ପୁରୁଷଙ୍କ ତୁଳନାରେ ସ୍ତ୍ରୀ ଲୋକଙ୍କର କାର୍ଯ୍ୟରେ ସହଯୋଗ ବହୁତ କମ୍ ।

### ପ୍ରଶ୍ନ ୪.୨

* ଠିକ୍ ଉକ୍ତି ନିକଟରେ ଠିକ୍ (✓)ଚିହ୍ନ ଦିଅ ।

୧. ଭାରତୀୟ ଅର୍ଥନୀତି ଜନସଂଖ୍ୟା ବୃଦ୍ଧିକୁ ଆଖି ଆଗରେ ରଖି କର୍ମସଂସ୍ଥା ଯୋଗାଇ ପାରିଛି ।

୨. ଭାରତରେ ଶ୍ରମିକ ଜନସଂଖ୍ୟାର ହାର ବହୁତ ବେଶୀ । (          )

୩. ଅଧିକାଂଶ ଭାରତୀୟ ମହିଳା କାର୍ଯ୍ୟରତ । (       )

## ୪.୩ କୃଷିର ପ୍ରାଧାନ୍ୟ (Predominance of Agriculture)

ବିକାଶନ୍ମୁଖୀ ଅର୍ଥନୀତିରେ, ଅର୍ଥନୀତି ଢାଞ୍ଚାରେ ପରିବର୍ତ୍ତନ ନିରବଚ୍ଛିନ୍ନ ହୋଇଥାଏ । ନିରବଚ୍ଛିନ୍ନ ପରିବର୍ତ୍ତନ ଯୋଗୁଁ ଚାହିଦା ଏବଂ ଉତ୍ପାଦନ ପ୍ରକ୍ରିୟାରେ ଅନୁରୂପ ପରିବର୍ତ୍ତନ ଦେଖାଦେଇଥାଏ ।

ଦେଖାଯାଇଛି ଯେ ଅର୍ଥନୀତିର ଅଭିବୃଦ୍ଧିରେ ପ୍ରାଥମିକ କ୍ଷେତ୍ରର (Primary Sector) ଜାତୀୟ ଘରୋଇ ଉତ୍ପାଦନର ଶତକଡ଼ା ଅବଦାନ ଆସ୍ତେ ଆସ୍ତେ କମିଯାଏ । କିନ୍ତୁ ଦ୍ୱିତୀୟ କ୍ଷେତ୍ର (Secondary Sector) ଓ ତୃତୀୟ କ୍ଷେତ୍ର (Tertiary Sector) ଏହା ଆସ୍ତେ ଆସ୍ତେ ବଢିଥାଏ । ଉଦାହରଣ ସ୍ୱରୂପ, ଜାପାନ ଓ ଆମେରିକା ପରି ବିକାଶଶୀଳ ରାଷ୍ଟ୍ରମାନଙ୍କରେ ମୋଟ ଜନସଂଖ୍ୟାର ଯଥାକ୍ରମେ ୫% ଓ ୩% ଜନସଂଖ୍ୟା କୃଷିକାର୍ଯ୍ୟରେ ନିୟୋଜିତ ହୋଇଛନ୍ତି । ସେମାନଙ୍କର କୃଷି କ୍ଷେତ୍ରରୁ ଉତ୍ପନ୍ନ ଜାତୀୟ ଆୟ ମୋଟ ଜାତୀୟ ଆୟର ପାଖାପାଖି ୨% (ସାରଣୀ ୪.୪. ଓ



୪.୫)। ପକ୍ଷାନ୍ତରରେ, ଭାରତରେ ୬୦% ଜନସଂଖ୍ୟା କୃଷିକାର୍ଯ୍ୟରେ ହୋଇଛନ୍ତି ଏବଂ ଏହାର ଅବଦାନ ଜାତୀୟ ଆୟରେ ପାଖାପାଖି ୩୦%। ଏଥିରୁ ଭାରତ ଯେ ଏକ ବିକାଶନ୍ମୁଖୀ ରାଷ୍ଟ୍ର ତାହା ସ୍ୱତଃ ଜଣାପଡୁଛି।

**ସାରଣୀ ୪.୪**

**ଜାତୀୟ ଘରୋଇ ଉତ୍ପାଦନର (ଶତକଡ଼ାରେ) କ୍ଷେତ୍ରୀୟ ଯୋଗଦାନ ୨୦୧୨ରେ**

| ମାନବ ବିକାଶ ସୂଚକାଙ୍କରେ ସ୍ଥାନ HDI | ଦେଶ | କୃଷିକ୍ଷେତ୍ର | ଶିଳ୍ପ କ୍ଷେତ୍ର | ସେବା କ୍ଷେତ୍ର |
|---|---|---|---|---|
| ୧ | ନରୱେ | ୨.୬ | ୩୮.୩ | ୫.୯ |
| ୪ | ଆମେରିକା | ୧.୨ | ୧୯.୧ | ୭୯.୭ |
| ୧୦ | ଜାପାନ | ୧.୨ | ୨୭.୫ | ୭୧.୩ |
| ୨୫ | ଇଟାଲି | ୨ | ୨୩.୯ | ୭୪.୧ |
| ୧୩୬ | ଭାରତ | ୧୪ | ୨୧ | ୬୫ |
| ୧୪୬ | ପାକିସ୍ତାନ | ୨୧.୮ | ୨୩.୬ | ୫୯.୬ |

**ସାରଣୀ ୪.୫**

**ଅନ୍ୟାନ୍ୟ କ୍ଷେତ୍ରରେ ଶତକଡ଼ା ଜନସଂଖ୍ୟା**

| ମାନବ ବିକାଶ ସୂଚକାଙ୍କରେ ସ୍ଥାନ HDI | ଦେଶ | କୃଷିକ୍ଷେତ୍ର | ଶିଳ୍ପ କ୍ଷେତ୍ର | ସେବା କ୍ଷେତ୍ର |
|---|---|---|---|---|
| ୧ | ନରୱେ | ୪ | ୨୧ | ୭୫ |
| ୪ | ଆମେରିକା | ୩ | ୨୨ | ୭୫ |
| ୧୦ | ଜାପାନ | ୫.୫ | ୩୦ | ୬୪.୫ |
| ୨୫ | ଇଟାଲି | ୧୦ | ୧୮.୭ | ୭୧.୩ |
| ୧୩୬ | ଭାରତ | ୫୦ | ୨୪ | ୨୬ |
| ୧୪୬ | ପାକିସ୍ତାନ | ୬୫ | ୧୫ | ୨୦ |





କୃଷି କ୍ଷେତ୍ର ହିଁ ଭାରତର ମୁଖ୍ୟ ନିୟୋଜନକାରୀ । କିନ୍ତୁ ଉତ୍ପାଦନ ଦୃଷ୍ଟିରୁ ଏହା ବହୁତ କମ୍ । କୃଷି କ୍ଷେତ୍ରରେ ଜଳସେଚନ ପାଇଁ ଏହା ମୁଖ୍ୟତଃ ବର୍ଷା ଜଳ ଉପରେ ନିର୍ଭର କରିଥାଏ । ବର୍ଷାର ଅନିୟମିତତା କୃଷକମାନଙ୍କର କ୍ଲେଶକୁ ବଢାଇଥାଏ । କରଜ କରିଥିବା ହେତୁ କ୍ଲେଶ ବଢିଥାଏ । ବିସ୍ତୃତ କୃଷିକ୍ଷେତ୍ରଗୁଡିକରେ କେବଳ ଆଦି କୌଶଳ (Primitive techniques) ଚାଷ ପାଇଁ ବ୍ୟବହାର କରାଯାଇଥାଏ । ସାମାଜିକ ଏବଂ ଅର୍ଥନୈତିକ ଦୂରାବସ୍ଥା ଯୋଗୁଁ ଗ୍ରାମୀଣ (Rural) ଅଣକୃଷି କ୍ଷେତ୍ରଗୁଡିକ (Non-form) ଅବିକଶିତ । ଅଧିକାଂଶ କାରଖାନା କ୍ଷୁଦ୍ର ଶିଳ୍ପ ବା ସେବା କ୍ଷେତ୍ରରେ ଅନ୍ତର୍ଭୁକ୍ତ । କାରଣ ମୌଳିକ ସୁବିଧା ସୁଯୋଗ ଯଥା- ଉଧାର ନେବା, ବଜାରରେ କିଣାବିକା, ପରିବହନ, ଯୋଗାଯୋଗ ବ୍ୟବସ୍ଥାର ଅଭାବ ଯୋଗୁଁ, ମାନବ ସମ୍ବଳକୁ ଉପଯୁକ୍ତ ତାଲିମ ଦିଆଯାଇପାରେ ନାହିଁ । ଅନ୍ୟପକ୍ଷରେ ବିକଶିତ ଅର୍ଥନୀତିରେ କୃଷିକ୍ଷେତ୍ରରେ କାର୍ଯ୍ୟ କରୁଥିବା ଲୋକଙ୍କ ସଂଖ୍ୟା ବହୁତ କମ୍, କାରଣ କୃଷିକ୍ଷେତ୍ରରେ ଅଧିକ ଯାନ୍ତ୍ରିକ ଶକ୍ତି ବ୍ୟବହାର କରାଯାଏ । ବିକଶିତ ରାଷ୍ଟ୍ରମାନଙ୍କରେ କ୍ଷୁଦ୍ରଶିଳ୍ପ ହେଉ ବା ବୃହତ୍ ଶିଳ୍ପ, ଅତ୍ୟାଧୁନିକ ଯନ୍ତ୍ରପାତି କାରଖାନାମାନଙ୍କରେ ବ୍ୟବହାର କରାଯାଇଥାଏ ଏବଂ ଏକ ସେବା କ୍ଷେତ୍ର ଦ୍ୱାରା ସମର୍ଥନ ପାଉଥାଏ । ଏ ପ୍ରକାରର କାରଖାନାଗୁଡିକ ଅଧିକ ଆୟ ଏବଂ କର୍ମସଂସ୍ଥା ସୃଷ୍ଟି କରିଥାଏ ।

## ୪.୪ ନିଅଣ୍ଟିଆ ପୁଞ୍ଜି (Capital Deficiency)

ବେକାରୀ (unemployment) ଏବଂ ଅର୍ଦ୍ଧବେକାରୀ (under employment) ସମସ୍ୟା ସ୍ୱଳ୍ପ ଆୟର କାରଣ ହୋଇଥାଏ । ଫଳତଃ, ସଞ୍ଚୟରେ ସ୍ୱଳ୍ପତା ଦେଖାଦିଏ । ପରିମାଣତଃ, ସ୍ୱଳ୍ପ ପୁଞ୍ଜି ଲଗାଣ ହୋଇଥାଏ ଏବଂ ସଂରଚନା ମଧ୍ୟ କମ୍ ହୁଏ । ସମସ୍ତ ଅର୍ଥନୀତିରେ ଦାରିଦ୍ର୍ୟର ସ୍ଥାନ ରହିଛି । କିନ୍ତୁ ଭାରତ ପରି ବିକାଶନ୍ମୁଖୀ ରାଷ୍ଟ୍ରରେ ଏହା ଏକ ଉଦ୍‌ବେଗଜନକ ସମସ୍ୟା । ଏଠାରେ ସୀମିତ ସାଧନ । ଏହି ସାଧନକୁ ବିକାଶ ଦିଗରେ ବ୍ୟବହାର କରାଯାଇପାରିଥାନ୍ତା । ତାହାକୁ ଦାରିଦ୍ର୍ୟ ଦୂରୀକରଣ ପାଇଁ ବିନିଯୋଗ କରାଯାଉଛି । ଅପରପକ୍ଷରେ ଭାରତର ବହୁତଗୁଡିଏ ସାଧନ ଯଥା : ଜଙ୍ଗଲ, ଶକ୍ତି, ଜଳ ଏବଂ ଖଣିଜ ପଦାର୍ଥକୁ ପୁଞ୍ଜିର ଅଭାବ ଯୋଗୁଁ ଉପଯୁକ୍ତ ବିନିଯୋଗ କରାଯାଇପାରି ନାହିଁ ।

## ୪.୫ ପଛୁଆ ଜ୍ଞାନ କୌଶଳ (Technological Backwardness)

ଆମ ଭାରତୀୟ ଅର୍ଥନୀତିର ବିଭିନ୍ନ କ୍ଷେତ୍ରରେ ବ୍ୟବହାର ହେଉଥିବା ଜ୍ଞାନକୌଶଳ ଅଧିକାଂଶ ପୁରୁଣା । ସେହି ପୁରୁଣା ଜ୍ଞାନକୌଶଳ କ୍ରମାଗତ ଭାବରେ କମ୍ ଉତ୍ପାଦନ ଏବଂ ସ୍ୱଳ୍ପ ଆୟର କାରଣ- ଏକ ପକ୍ଷରେ ପୁଞ୍ଜିର ସ୍ୱଳ୍ପତା ଯୋଗୁଁ ଏପରି ପଛୁଆ ଜ୍ଞାନକୌଶଳ ବ୍ୟବହାର ଏବଂ ଅନ୍ୟପକ୍ଷରେ ମାନବ ସମ୍ବଳର ନୂତନ ଜ୍ଞାନକୌଶଳ ବ୍ୟବହାର କରି ଅଧିକ ଉତ୍ପାଦନ କରିବାରେ ଅନଗ୍ରହ ଭାବ ।



## ୪.୬ ସ୍ୱଳ୍ପ ଆଧାରିତ ସଂରଚନା (Inadequate Infrastructural Facilities)

ସଂରଚନା ସମସ୍ତ ସେବାର ସମର୍ଥନକୁ ଅନ୍ତର୍ଭୁକ୍ତ କରାଇଥାଏ, ଯାହାକି କୃଷି ଓ ଶିଳ୍ପ କ୍ଷେତ୍ରରେ ଅଧିକ ଉତ୍ପାଦନ କରାଇଥାଏ। ଶିକ୍ଷା, ପରିବହନ, ସ୍ୱାସ୍ଥ୍ୟ, ଯୋଗାଯୋଗ, ଶକ୍ତି, ଜଳସେଚନ ଇତ୍ୟାଦି ଏହି ସେବାର ଅନ୍ତର୍ଭୁକ୍ତ ।

ସଂରଚନା ଦୁଇ ପ୍ରକାରରେ ଅର୍ଥନୀତିର ଅଭିବୃଦ୍ଧି ସହ ସଂଶ୍ଳିଷ୍ଟ । ଏହା ଅର୍ଥନୀତି ଅଭିବୃଦ୍ଧିକୁ ପ୍ରୋତ୍ସାହନ ଦେଇଥାଏ। ଯାହା ବଦଳରେ ସଂରଚନାରେ ପରିବର୍ତ୍ତନ ଆଣିଥାଏ। ପ୍ରତ୍ୟେକ ସ୍ୱଳ୍ପ ଆୟ କରିଥିବା ବିକାଶଶୀଳ ରାଷ୍ଟ୍ରମାନେ, ସ୍ୱଳ୍ପ ଆଧାରିତ ସଂରଚନା, ଯଥା- ଜଳ, ଜଳସେଚନ, ପରିବହନ, ଶକ୍ତି ଇତ୍ୟାଦି ପାଇଁ ଆବଶ୍ୟକ କରିଥାନ୍ତି । ଯଦି ଭାରତରେ ଏସବୁ ଜିନିଷଗୁଡ଼ିକ ଆବଶ୍ୟକତା ଠାରୁ ବହୁତ ଦୂରରେ । ଏହା ଉତ୍ପାଦନ ପ୍ରକ୍ରିୟାକୁ ଏବଂ ଭାରତୀୟ ଅର୍ଥନୀତିକୁ ପ୍ରଭାବିତ କରେ । ଅପରପକ୍ଷରେ ବିକଶିତ ରାଷ୍ଟ୍ରମାନେ ଯଥା- ଆମେରିକା ଓ ଜାପାନରେ ଉତ୍ତମ ଆଧାରିତ ସଂରଚନା ଅଧିକ ହୋଇଥିବାରୁ ସେ ରାଷ୍ଟ୍ରଗୁଡ଼ିକ ଅର୍ଥନୀତି ତଥା ସାମାଜିକ ଦୃଷ୍ଟିରୁ ମଧ୍ୟ ବିକଶିତ ।

- ଭାରତରେ କାର୍ଯ୍ୟଦକ୍ଷତାର ୬୦% ଜନସଂଖ୍ୟା କୃଷିକ୍ଷେତ୍ରରେ ନିୟୋଜିତ ହୋଇଛନ୍ତି ।
- ଭାରତରେ ଜାତୀୟ ଆୟରେ କୃଷିର ଭାଗିଦାରୀ କେବଳ ୧୪% ।
- କୃଷିକ୍ଷେତ୍ରରେ ସ୍ୱଳ୍ପ ଉତ୍ପାଦନର କାରଣ, ସ୍ୱଳ୍ପ ଆଧାରିତ ସଂରଚନା ଏବଂ ମାନବ ସମ୍ବଳରେ ତାଲିମର ଅଭାବ ।
- ସ୍ୱଳ୍ପ ପୁଞ୍ଜି ଯୋଗୁଁ ଗଚ୍ଛିତ ସାଧନଗୁଡ଼ିକର ବହୁଳ ବ୍ୟବହାର ହୋଇପାରୁନାହିଁ ।
- ଭାରତୀୟ ମାନବ ସମ୍ବଳ ନୂତନ ବୈଜ୍ଞାନିକ ଜ୍ଞାନକୌଶଳରେ ବ୍ୟବହାର କରି ଉତ୍ପାଦନ ବଢ଼ାଇବା ପାଇଁ ଅନିଚ୍ଛୁକ ।
- ଆମେରିକା, ଜାପାନ ପରି ରାଷ୍ଟ୍ରମାନେ ଆର୍ଥିକ ଓ ସାମାଜିକ ଦୃଷ୍ଟିରୁ ବିକଶିତ କାରଣ ସେମାନଙ୍କର ଉତ୍ତମ ଆଧାରିତ ସଂରଚନା ଯଥା- ସ୍ୱାସ୍ଥ୍ୟ, ଶିକ୍ଷା, ଯୋଗାଯୋଗ ଇତ୍ୟାଦି ।

### ପ୍ରଶ୍ନ ୪.୩

ନିମ୍ନ ଉକ୍ତିଗୁଡ଼ିକ ମଧ୍ୟରୁ ଠିକ୍, ଭୁଲ ବାଛ ।

୧. ଶ୍ରମ ଶକ୍ତିର ଅନେକ ଭାଗ ଶିଳ୍ପ କ୍ଷେତ୍ରରେ ନିୟୋଜିତ ହୋଇଛନ୍ତି । (     )

୨. ଭାରତରେ ଆଧାରିତ ସଂରଚନା ସମ୍ପୂର୍ଣ୍ଣ ବିକଶିତ । (     )

୩. ଭାରତର ସ୍ୱଳ୍ପ ପୁଞ୍ଜି ପାଇଁ ମୁଖ୍ୟତଃ ଆଧାରିତ ସଂରଚନା ଦାୟୀ । (     )





## ୪.୭ ଉଚ୍ଚ ଜନସଂଖ୍ୟା ବୃଦ୍ଧିର ହାର (High Rate of Growth of Population)

ପ୍ରତ୍ୟେକ ବିକାଶନ୍ମୁଖୀ ରାଷ୍ଟ୍ରର ଉଚ୍ଚ ଜନସଂଖ୍ୟା ବୃଦ୍ଧିର ହାର ଏକ ବିଶେଷ ବୈଶିଷ୍ଟ୍ୟ । ଭାରତର ପ୍ରବଳ ଜନସଂଖ୍ୟା ବୃଦ୍ଧିର ହାର ଯୋଗୁଁ ସାଧନଗୁଡ଼ିକ ମୌଳିକ ଆବଶ୍ୟକତା ପୂରଣ କରିବାରେ ଲଗାଯାଉଛି । ଜାତୀୟ ଆୟର ବୃଦ୍ଧି ଜନସଂଖ୍ୟା ବୃଦ୍ଧି ଯୋଗୁଁ ଆସ୍ତେ ଆସ୍ତେ କମିଯାଉଛି । ଏହାଫଳରେ ଭାରତର ମୁଣ୍ଡ ପିଛା ଆୟ ବହୁତ କମ୍ ହେଉଛି ।

**ସାରଣୀ ୪.୬**

**ଭାରତର ଜନସଂଖ୍ୟା ବୃଦ୍ଧି**

| ବର୍ଷ | ସମ୍ପୂର୍ଣ୍ଣ ବୃଦ୍ଧି | ହାରାହାରି ବାର୍ଷିକ ବୃଦ୍ଧି (ଶତକଡ଼ାରେ) |
|---|---|---|
| ୧୯୧୧-୨୧ | ୭,୭୨,୧୭୭ | (-) ୦.୦୩ |
| ୧୯୨୧-୩୧ | ୨,୭୬,୫୬,୦୨୫ | ୧.୦୪ |
| ୧୯୩୧-୪୧ | ୩,୯୬,୮୩,୩୪୨ | ୧.୩୩ |
| ୧୯୪୧-୫୧ | ୪,୨୪,୨୭,୫୧୦ | ୧.୨୫ |
| ୧୯୫୧-୬୧ | ୭,୮୧,୪୬,୬୮୧ | ୧.୯୬ |
| ୧୯୬୧-୭୧ | ୧୦,୮୯,୨୪,୮୮୧ | ୨.୨୨ |
| ୧୯୭୧-୮୧ | ୧୩,୫୧,୬୯,୪୪୫ | ୨.୨୦ |
| ୧୯୮୧-୯୧ | ୧୬,୩୦,୫୮,୭୯୧ | ୨.୧୪ |
| ୧୯୯୧-୨୦୦୧ | ୧୮,୦୬,୭୭,୩୫୯ | ୧.୯୩ |
| ୨୦୦୧-୨୦୧୧ | ୧୮,୧୪,୫୫,୯୮୬ | ୧.୮ |

ଉପରୋକ୍ତ ସାରଣୀଟି ଶେଷ ଦଶନ୍ଧିକୁ ପ୍ରଦର୍ଶିତ କରୁଛି

## ୪.୮ ଉଚ୍ଚ ନିରକ୍ଷର ହାର (High Illiteracy Rate)

ଭାରତରେ ଅଧିକାଂଶ ଲୋକ ନିରକ୍ଷର । କାର୍ଯ୍ୟକ୍ଷେତ୍ରରେ ନିଯୁକ୍ତି ପାଇଥିବା ଜନସଂଖ୍ୟାଙ୍କର ଶିକ୍ଷା ସୁଯୋଗ ଅଭାବରୁ ଉତ୍ପାଦନ କମ୍ ହୋଇଥାଏ । ଯଦିଓ ଶେଷ କିଛିବର୍ଷ ଧରି ପୁରୁଷ ଓ ସ୍ତ୍ରୀଙ୍କ ସାକ୍ଷରତା ହାରରେ ସୁଧାର ଆସିଛି । ତଥାପି ଗ୍ରାମାଞ୍ଚଳରେ ସହରାଞ୍ଚଳର ସାକ୍ଷରତା ହାର ବହୁତ କମ୍ ।



**ସାରଣୀ-୪.୭ ପୁରୁଷ-ମହିଳାଙ୍କ ସାକ୍ଷରତା ହାର (ଗ୍ରାମ-ସହରାଞ୍ଚଳର) ଶତକଡ଼ାରେ**

| ବର୍ଷ | ଗ୍ରାମ ପୁରୁଷ | ଗ୍ରାମର ମହିଳା | ସହରର ପୁରୁଷ | ସହରର ମହିଳା |
|---|---|---|---|---|
| ୧୯୫୧ | ୧୯.୦୨ | ୦୪.୮୭ | ୪୫.୬୦ | ୨୨.୩୩ |
| ୧୯୬୧ | ୩୪.୩୦ | ୧୦.୧୦ | ୬୬.୦୦ | ୪୦.୫୦ |
| ୧୯୭୧ | ୪୮.୬୦ | ୧୫.୫୦ | ୬୯.୮୦ | ୪୮.୮୦ |
| ୧୯୮୧ | ୪୯.୬୦ | ୨୧.୭୦ | ୭୬.୭୦ | ୫୬.୩୦ |
| ୧୯୯୧ | ୫୭.୯୦ | ୩୦.୦୦ | ୮୧.୧୦ | ୬୪.୦୦ |
| ୨୦୦୧ | ୭୧.୪୦ | ୪୬.୭୦ | ୮୬.୭୦ | ୭୩.୨୦ |
| ୨୦୧୧ | ୭୮.୫୭ | ୫୮.୭୫ | ୮୯.୬୭ | ୭୯.୯୨ |

ମହିଳା ସାକ୍ଷରତା ହାର ଆମ ଦେଶରେ ପ୍ରତି ସ୍ତରରେ ଅତି କମ୍ । ଉନ୍ନତ ଦେଶମାନଙ୍କରେ ମହିଳାମାନେ ଅଧିକ ଅନୁପାତରେ ଶ୍ରମ କାର୍ଯ୍ୟ ନିୟୋଜିତ ହୋଇଥାନ୍ତି । କିନ୍ତୁ ଭାରତରେ ଏହା ସେପରି ନୁହେଁ । ବିକାଶନ୍ମୁଖୀ ରାଷ୍ଟ୍ର ଶ୍ରୀଲଙ୍କା, ଚାଇନାରେ ମଧ୍ୟ ନିଯୁକ୍ତି ହାର ଭାରତ ଅପେକ୍ଷା ଅଧିକ ।

ସାରଣୀ ୪.୮ : କାର୍ଯ୍ୟକ୍ଷେତ୍ରରେ ମହିଳାଙ୍କ ସହଯୋଗ (୨୦୦୧)

| ଦେଶ | କାର୍ଯ୍ୟକ୍ଷେତ୍ରରେ ମହିଳାଙ୍କ ସହଯୋଗ (ହାରାହାରି) |
|---|---|
| ଭାରତ | ୩୧ |
| ଚାଇନା | ୪୭ |
| ଶ୍ରୀଲଙ୍କା | ୩୭ |

## ୪.୯ ଉଚ୍ଚ ଶିଶୁ ମୃତ୍ୟୁ ହାର (High Infant Morality Rate)

ଶିକ୍ଷା, ସ୍ୱାସ୍ଥ୍ୟ ଇତ୍ୟାଦି ମୌଳିକ ସୁଯୋଗର ଅଭାବ ଯୋଗୁଁ ଆମ ଦେଶର ଶିଶୁମାନେ ଏକ ବର୍ଷ ପୂରଣ ହେବା ପୂର୍ବରୁ ମୃତ୍ୟୁମୁଖରେ ପଡିଥାନ୍ତି । ଭାରତରେ ଏହା ପ୍ରତି ହଜାରରେ ଜନ୍ମରେ ୫୫ ଜଣ ପ୍ରତିବର୍ଷ ମୃତ୍ୟୁମୁଖରେ ପଡିଥାନ୍ତି । ଉନ୍ନତ ଦେଶମାନଙ୍କରେ ଏହି ସଂଖ୍ୟା ୫୩ରୁ ମଧ କମ୍ । ଆମ ଦେଶରେ କେରଳ ଶିଶୁ ମୃତ୍ୟୁ ହାର ସବୁଠାରୁ କମ୍ । କେରଳ, ଉତ୍ତର ପ୍ରଦେଶରେ ଶିଶୁ ମୃତ୍ୟୁହାର ସବୁଠାରୁ କମ୍ ।





## ୪.୧୦ ଜୀବନ ଏବଂ କର୍ମ ପାଇଁ ପାରମ୍ପରିକ ମନୋବୃତ୍ତି (Tradition Bound Attitude Towards Work and Life)

ଭାରତର ଅର୍ଥନୈତିକ ବିକାଶକୁ ଏହାର ପୁରୁଣା କାଳିଆ ପାରମ୍ପରିକ ମନୋବୃତ୍ତି ପ୍ରଭାବିତ କରିଥାଏ । ଉଦାହରଣ : ଆମ ଦେଶରେ ଆଜି ମଧ୍ୟ ଯୌଥ ପରିବାରର ବ୍ୟବସ୍ଥା ରହିଛି । ଯେଉଁଠାରେ ଅନେକ ସଦସ୍ୟଙ୍କୁ କର୍ମନିଯୁକ୍ତି ମିଳିନଥାଏ । ପରିବାରର ପ୍ରତିଟି ସଦସ୍ୟ ପାରିବାରିକ ବୃତ୍ତିରେ ସହଯୋଗ କରନ୍ତି । କିନ୍ତୁ କିଛି ସଦସ୍ୟଙ୍କର ମୋଟ ଉତ୍ପାଦନ ପ୍ରତି ଅବଦାନ ନଥାଏ ।

ଏହାଛଡ଼ା ଭାରତୀୟ ପରମ୍ପରାରେ ବିବାହ ଜୀବନର ଏକ ମୁଖ୍ୟ ସୋପାନ ଅଟେ । ଯାହା ଫଳରେ ବାଲ୍ୟ ବିବାହ, ପୁତ୍ର ସନ୍ତାନ ପ୍ରତି ଆସକ୍ତି ଭାବ ଇତ୍ୟାଦି ଦ୍ୱାରା ଜନସଂଖ୍ୟା ବୃଦ୍ଧି ହୋଇଥାଏ । ଏହାଛଡ଼ା ସ୍ୱଳ୍ପ ମୁଣ୍ଡପିଛା ଉପଭୋଗ, ଶିଳ୍ପର ସ୍ୱଳ୍ପ ବିକାଶ, କମ୍ ପରମାୟୁ, ବୃତ୍ତିଗତ ଢାଞ୍ଚା ଇତ୍ୟାଦି ମଧ୍ୟ ଭାରତରେ ବିକାଶ ପଥରେ ପ୍ରତିବନ୍ଧକ । ସ୍ୱାଧୀନତାର ୬୦ ବର୍ଷ ପରେ ଭାରତୀୟମାନେ ସୁସ୍ଥ ଏବଂ ଆରୋଗ୍ୟ ଜୀବନ ପାଇନାହାନ୍ତି ।

- ଭାରତର ଜନସଂଖ୍ୟା ଦ୍ରୁତ ହାରରେ ବୃଦ୍ଧି ଘଟୁଛି ।
- ଜାତୀୟ ଆୟ ବୃଦ୍ଧି ହେଲେ ମଧ୍ୟ ମୁଣ୍ଡପିଛା ଆୟରେ ହ୍ରାସ ।
- ଭାରତର ସ୍ୱଳ୍ପ ସାକ୍ଷରତା ହାର ।
- ଶିଶୁ ମୃତ୍ୟୁ ହାର ଅଧିକ ।
- ଭାରତୀୟମାନେ ପରମ୍ପରା ସହ ଜଡିତ ଯାହାକି ଆଧୁନିକ ବୈଜ୍ଞାନିକ ପଦ୍ଧତି ଆପଣେଇବା, ମନୋବୃତ୍ତିରେ ପ୍ରତିବନ୍ଧକ ।

### ପ୍ରଶ୍ନ ୪.୪

ଠିକ୍ କିମ୍ବା ଭୁଲ ବାଛ

୧. ଭାରତରେ ମୁଣ୍ଡପିଛା ଆୟ କମ୍ (    )

୨. ଭାରତର ସାକ୍ଷର ଜନସଂଖ୍ୟା ଅଧିକ (    )

୩. ବିକଶିତ ରାଷ୍ଟ୍ର ତୁଳନାରେ ଭାରତରେ ଶିଶୁ ମୃତ୍ୟୁହାର ଅଧିକ । (    )

### କ'ଣ ଜାଣିଲେ

- ଭାରତ ଏକ ବିକାଶନ୍ମୁଖୀ ରାଷ୍ଟ୍ର ।
- ବିକାଶନ୍ମୁଖୀ ରାଷ୍ଟ୍ରର ଯେଉଁସବୁ ବୈଶିଷ୍ଟ୍ୟ ରହିବା ଆବଶ୍ୟକ, ତାହା ଆମ ଦେଶରେ ଅଛି ।



- ଭାରତରେ ମୁଣ୍ଡପିଛା ଆୟ ବହୁତ କମ୍ । ଏହା ଫଳରେ ଆମ ଦେଶର ଜୀବନ ଧାରଣ ମାନ ବହୁତ କମ୍ ।
- ଭାରତୀୟ ଅର୍ଥ ବ୍ୟବସ୍ଥାର ବୈଶିଷ୍ଟ୍ୟ ହେଉଛି

  - କୃଷିର ପ୍ରାଧାନ୍ୟ

  - ନିଅଣ୍ଟିଆ ପୁଞ୍ଜି ଏବଂ ସ୍ୱଳ୍ପ ଆଧାରିତ ସଂରଚନା

  - ଜନବହୁଳ

  - ଶିଶୁ ମୃତ୍ୟୁହାର ଅଧିକ

  - ଅଧିକ ନିରକ୍ଷର

- ବିଗତ ୬୦ ବର୍ଷରେ ଭାରତର ଅର୍ଥବ୍ୟବସ୍ଥା ବିଭିନ୍ନ କ୍ଷେତ୍ରରେ ବହୁତ ଅଗ୍ରଗତି କରିଛି, କିନ୍ତୁ ଅଗ୍ରଗତିର ହାର ଜନସଂଖ୍ୟା ବୃଦ୍ଧି ହେତୁ ସେତେ ଆଖିଦୃଶିଆ ପରିବର୍ତ୍ତନ ହୋଇପାରି ନାହିଁ ।

## ପ୍ରଶ୍ନ

୧. ଭାରତୀୟ ଅର୍ଥବ୍ୟବସ୍ଥା ଏକ ବିକାଶଶୀଳ ନା ବିକଶିତ ଅର୍ଥବ୍ୟବସ୍ଥା ? ଭାରତୀୟ ଅର୍ଥବ୍ୟବସ୍ଥା କେତେଗୁଡ଼ିଏ ବୈଶିଷ୍ଟ୍ୟ ଉପସ୍ଥାପନ କର ।

୨. ଭାରତ ଯେ ଏକ ବିକାଶଶୀଳ ରାଷ୍ଟ୍ର, ତାହା ୪ଟି ମୁଖ୍ୟ ଅଂଶ ଲେଖ ।

## ଉତ୍ତର

**୪.୧**

୧. ବିକାଶଶୀଳ

୨. କମ୍

୩. ଅସମାନତା

**୪.୨**

(୧)

(୨)

(୩)

**୪.୩**

୧. ଭୁଲ

୨. ଭୁଲ

୩. ଠିକ୍

**୪.୪**

୧. ଠିକ୍

୨. ଭୁଲ

୩. ଠିକ୍

**ଶେଷ ପ୍ରଶ୍ନ**

୧. ବିକାଶନ୍ମୁଖୀ- ୪.୩, ୪.୪, ୪.୫, ୮.୬, ୮.୭, ୪.୮, ୪.୯, ୪-୧୦

୨. ୪.୩, ୪.୪, ୪.୫, ୪.୬, ୪.୭ (ଯେକୌଣସି ଚାରୋଟି)





# 5

# ପରିସଂଖ୍ୟାନ : ତାତ୍ପର୍ଯ୍ୟ, ପରିସର ଏବଂ ଅର୍ଥନୀତିରେ ଏହାର ଆବଶ୍ୟକତା

# Statistics : Meaning, scope and its need in Economics

ଆମେ ସମସ୍ତେ ଆମ ନିଜ ଚାରିପାଖେ ଘଟୁଥିବା ଘଟଣା ସମ୍ପର୍କରେ ଜାଣିବାକୁ ଚାହିଁଥାଉ । ପ୍ରତ୍ୟେକ ଜିନିଷର ପରିମାଣାତ୍ମକ ଏବଂ ଗୁଣାତ୍ମକ ତଥ୍ୟ ସମ୍ପର୍କରେ ଜାଣିଥାଉ । ଅନେକ ସମୟରେ ଆମେ ଗୋଟିଏ ଜିନିଷକୁ ପରିମାଣରେ ଅର୍ଥାତ ସଂଖ୍ୟାରେ ସହଜରେ ପ୍ରକାଶ କରିପାରୁ । ଉଦାହରଣ : ଆମେ ଭାରତ ଏବଂ ଯୁକ୍ତରାଷ୍ଟ୍ର ଆମେରିକାର ମୁଣ୍ଡ ପିଛା ଆୟ ତୁଳନା କରି ଭାରତ ଯେ ଏକ ବିକାଶନ୍ମୁଖୀ ରାଷ୍ଟ୍ର ଏବଂ ଯୁକ୍ତରାଷ୍ଟ୍ର ଆମେରିକା ଏକ ବିକଶିତ ରାଷ୍ଟ୍ର ବୋଲି କହୁ ।

ପରିସଂଖ୍ୟାନ ଶବ୍ଦଟି ଲାଟିନ ଶବ୍ଦରୁ 'ଷ୍ଟାଟିସ୍' (Statis)ରୁ ବା ଇଟାଲିଆନ ଶବ୍ଦ 'ଷ୍ଟାଟିଷ୍ଟ' (Statista)ରୁ ଜର୍ମାନ ଶବ୍ଦ 'ଷ୍ଟାଟିସ୍ଟିକ୍' (Statistick)ରୁ ଆସିଅଛି । ଏସବୁ ଶବ୍ଦଗୁଡ଼ିକର ଅର୍ଥ ରାଜନୀତିକ ଅବସ୍ଥା (Political State) । ପୂର୍ବକାଳରେ ଗୋଟିଏ ରାଜ୍ୟର ବ୍ୟାପାରଗୁଡ଼ିକର ଉଚିତ କାର୍ଯ୍ୟକାପ ନିମନ୍ତେ ପରିସଂଖ୍ୟାନର ଆବଶ୍ୟକତା ଥିଲା । ଅତଏବ ସେ କାଳରେ ପରିସଂଖ୍ୟାନକୁ ରାଜ୍ୟର (Science of State) ବା (Science of Kings) କୁହାଯାଉଥିଲା କାରଣ ଏହା ମୁଖ୍ୟତଃ ରାଜା ଏବଂ ରାଜ୍ୟ ବ୍ୟବହାର କରାଯାଉଥିଲା । ବର୍ତ୍ତମାନ ପରିସ୍ଥିତିରେ ପରିସଂଖାନ ସାମୂହିକ ବିଶ୍ଳେଷଣ, ତଥ୍ୟାବଳୀର ବ୍ୟାଖ୍ୟା ଏବଂ ଉପସ୍ଥାପନା ଆଦି କ୍ଷେତ୍ରର ଅଧ୍ୟୟନକୁ ବୁଝାଏ । ଏହି ଅଧ୍ୟାୟଟିରେ ଆମେ ପରିସଂଖ୍ୟାନର ତାତ୍ପର୍ଯ୍ୟ, ପରିସର ଏବଂ ଅର୍ଥନୀତିରେ ଏହାର ଆବଶ୍ୟକତା ସମ୍ପର୍କରେ ଆଲୋଚନା କରିବା ।

## ଉଦ୍ଦେଶ୍ୟ

ଏହି ଅଧ୍ୟାୟଟିକୁ ପଢିସାରିଲା ବେଳକୁ ଆମେ ବିଷୟ ସମ୍ପର୍କରେ ଅବଗତ ହେବା:

- ଅର୍ଥନୀତିର ପରିସଂଖ୍ୟାନର ତାତ୍ପର୍ଯ୍ୟ ଏବଂ ପରିସର
- ପରିସଂଖ୍ୟାନ୍ ତଥ୍ୟାବଳୀ ଏବଂ ପରିସଂଖ୍ୟାନର ପଦ୍ଧତି ମଧ୍ୟରେ ପାର୍ଥକ୍ୟ,
- ପରିସଂଖ୍ୟାନ ତଥ୍ୟାବଳୀର ଉତ୍ସ



## ୫.୧ ପରିସଂଖ୍ୟାନର ଆବଶ୍ୟକତା ଓ ତାତ୍ପର୍ଯ୍ୟ (Need & Scope of Statistics)

### (କ) ପରିସଂଖ୍ୟାନ ତଥ୍ୟାବଳୀର ଆବଶ୍ୟକତା (Need for Statistical Data)

ପରିସଂଖାନର ଅର୍ଥନୀତିରେ ଏକ ମୁଖ୍ୟ ଭୂମିକା ରହିଛି । ଜୀବନର ପ୍ରତ୍ୟେକ କ୍ଷେତ୍ରରେ ପରିସଂଖ୍ୟାନ ତଥ୍ୟାବଳୀର ଆବଶ୍ୟକତା ରହିଛି । ଏପରି କୌଣସି କ୍ଷେତ୍ର ନାହିଁ, ଯାହାର କାର୍ଯ୍ୟ ପରିମାଣାତ୍ମକ ତଥ୍ୟ ବିନା ସମ୍ଭବ । ଅର୍ଥନୀତିରେ ପରିସଂଖ୍ୟାନର ବ୍ୟାପକ ବ୍ୟବହାର ପାଇଁ ଉଦ୍ଦିଷ୍ଟ କେତେଗୁଡିଏ ନିମ୍ନରେ ଆଲୋଚନା କରାଯାଇଛି ।

### (କ.୧) ଅର୍ଥନୀତି ସିଦ୍ଧାନ୍ତର ଗଠନ (In Construction of Economic Theories)

ଏକ ଅର୍ଥନୀତି ସିଦ୍ଧାନ୍ତ ପ୍ରକୃତ ଜୀବନ ଅବଲୋକନକୁ ଆଧାର କରି ବିକାଶ ଲାଭ କରିଥିଲା । ଆମେ କୌଣସି ଜିନିଷକୁ ଗ୍ରହଣ କରିବା ପୂର୍ବରୁ ତାର ସତ୍ୟତା ଜାଣିବା ପାଇଁ ସମ୍ପର୍କିତ ପରିସଂଖ୍ୟାନ ତଥ୍ୟାବଳୀ ଖୋଜିଥାଉ । ଉଦାହରଣ : ଯେତେବେଳେ ଦ୍ରବ୍ୟଟିର ମୂଲ୍ୟ ବୃଦ୍ଧି ପାଏ, ସେତେବେଳେ ଉପଭୋକ୍ତାମାନଙ୍କର ସେ ଜିନିଷରୁ ଚାହିଦା କମିଥାଏ । ଯେତେବେଳେ ପ୍ରକୃତ ପରିସଂଖ୍ୟାନ ତତ୍ତ୍ୱ ଏହାକୁ ବୋଲି ପ୍ରମାଣ କରେ ଯଥା- ଉପଭୋକ୍ତାମାନଙ୍କର ଚାହିଦା ଜିନିଷର ମୂଲ୍ୟ ବଢିବା ସଂଗେ କମିଥାଏ, ସେତେବେଳେ ଏହା ଏକ ସିଦ୍ଧାନ୍ତ (Theory)ରେ ପରିଣତ ହୁଏ ।

### (କ-୨) ଯୋଜନାରେ (In Planning)

ପରିସଂଖ୍ୟାନ ଅର୍ଥନୈତିକ ଯୋଜନାର ଏକ ସାଧନ । ଯୋଜନାକାରୀମାନେ ଅର୍ଥନୈତିକ ବିକାଶର ନୀତି ନିର୍ଦ୍ଧାରଣ କରିବା ପାଇଁ ପରିସଂଖ୍ୟାନ୍ ତଥ୍ୟକୁ ବ୍ୟବହାର କରିଥାନ୍ତି । ଉଦାହରଣ : ଭାରତ ଏକ ଜନବହୁଳ ରାଷ୍ଟ୍ର । ଆମ ଦେଶରେ ଜନସଂଖ୍ୟା ସମ୍ପ୍ରସାରିତ ହୋଇଥିବା କଥା ଜନସଂଖ୍ୟା ସମ୍ପର୍କରେ ମିଳୁଥିବା ତଥ୍ୟ ତଥା ଏହାକୁ ସହାୟତା କରୁଥିବା ସାଧନରୁ ଜଣାପଡୁଛି । ଯେତେବେଳେ ଆମେ ଜାଣିବା ଯେ ଭାରତ ଏକ ଜନବହୁଳ ରାଷ୍ଟ୍ର, ସେତେବେଳେ ଆମେ ଜନସଂଖ୍ୟା ନିୟନ୍ତ୍ରଣ ପାଇଁ ବିଭିନ୍ନ ନୀତି ନିର୍ଦ୍ଧାରଣରେ ଲାଗିପଡୁ ।

### (କ-୩) ସରକାରୀ ନୀତିର ମୂଲ୍ୟ ନିର୍ଦ୍ଧାରଣରେ (In evaluation of policies of the Government)

କେବଳ ନୀତି ନିର୍ଦ୍ଧାରଣ କରିଦେଲେ ହେବ ନାହିଁ, ଏହା କାର୍ଯ୍ୟକାରିତା ଉପଯୁକ୍ତ କି ନୁହେଁ, ତାହା ମଧ୍ୟ ଜାଣିବା ଆବଶ୍ୟକ । ପରିସଂଖ୍ୟାନର ତଥ୍ୟ ଆମକୁ ସରକାରୀ ନୀତିଗୁଡିକର ମୂଲ୍ୟ ନିର୍ଦ୍ଧାରଣ କରିବାରେ ସାହାଯ୍ୟ କରିଥାଏ । ଉଦାହରଣ : ସରକାର ଉଚ୍ଚତର ଟିକସରୁ କେତେ ପରିମାଣରେ ରାଜସ୍ୱ ଆଦାୟ କଲେ ? ଏହି ପ୍ରଶ୍ନର ଉତ୍ତର ପାଇଁ ଆମକୁ ପରିସଂଖ୍ୟାନ





ତଥ୍ୟ ଉପରେ ନିର୍ଭର କରିବାକୁ ପଡିବ । ଯଥା- ଲୋକମାନେ କେତେ ପରିମାଣରେ କର (tax) ଦେଉଛନ୍ତି ଏବଂ ସରକାରଙ୍କର କେତେ ପରିମାଣରେ ରାଜସ୍ୱ ଉପାର୍ଜିତ ହେଉଛି । ଏ ସମସ୍ତ ତଥ୍ୟ ଅର୍ଥମନ୍ତ୍ରୀ ପରିସଂଖ୍ୟାନ ଅନୁସନ୍ଧାନରୁ ଜାଣିପାରନ୍ତି ।

### (କ.୪) ଅର୍ଥ ବ୍ୟବସ୍ଥାର ବୈଶିଷ୍ଟ୍ୟ ପ୍ରକାଶ ପାଇଁ (To reveal the structure of an economy)

ଅର୍ଥ ବ୍ୟବସ୍ଥାର ବୈଶିଷ୍ଟ୍ୟ ଅଧ୍ୟୟନ କରିବା ପାଇଁ ଜନସଂଖ୍ୟା, ପ୍ରାକୃତିକ ସମ୍ବଳ, କର୍ମନିଯୁକ୍ତି, ଜାତୀୟ ଆୟ, ଉତ୍ପାଦନ, ରପ୍ତାନି, ଆମଦାନୀ ଆଦି ତଥ୍ୟାବଳୀର ସାହାଯ୍ୟ ନେବାକୁ ପଡେ । ଏ ସବୁ ଆମେ ପରିସଂଖ୍ୟାନ ତଥ୍ୟରୁ ଜାଣିଥାଉ । ପରିସଂଖ୍ୟାନର ଜ୍ଞାନ ଆମକୁ ଅର୍ଥ ବ୍ୟବସ୍ଥାର ବୈଶିଷ୍ଟ୍ୟ ଓ ଏଥିରେ ହେଉଥିବା ପରିବର୍ତ୍ତନକୁ ଜାଣିବାରେ ସାହାଯ୍ୟ କରେ ।

### (ଖ) ପରିସଂଖ୍ୟାନର ପରିସର (Scope of statistics)

ରାଜ୍ୟଗୁଡିକରେ ପ୍ରଶାସନ ଉଦ୍ଦେଶ୍ୟରେ ପରିସଂଖ୍ୟାନକୁ ବ୍ୟବହାର କରାଯାଉଥିଲା । ବର୍ତ୍ତମାନ ପରିସ୍ଥିତିରେ ଏହାକୁ ବିଜ୍ଞାନର ସାଧନ (fool) ରୂପେ ବ୍ୟାପକ ଭାବେ ବ୍ୟବହାର କରାଯାଉଛି । ଏପରି କୌଣସି କ୍ଷେତ୍ର ନାହିଁ (ପ୍ରାଣୀ ବିଜ୍ଞାନ, ଜୀବ ବିଜ୍ଞାନ, ଜ୍ୟୋତିଷଶାସ୍ତ୍ର, ପଦାର୍ଥ ବିଜ୍ଞାନ, ରସାୟନ ବିଜ୍ଞାନ, ସାମାଜିକ ବିଜ୍ଞାନ ବା ମନୋ ବିଜ୍ଞାନ) ହେଉ, ଯେଉଁଠାରେ ପରିସଂଖ୍ୟାନ ସାଧନ ବ୍ୟବହାର ଦେଖାଯାଏ ନାହିଁ । ପରିସଂଖ୍ୟାନ ଦୁଇ ପ୍ରକାରରେ ବ୍ୟବହାର କରାଯାଏ- (କ) ବହୁବିଧ ତାତ୍ପର୍ଯ୍ୟ -(Plural sense) ଏବଂ (ଖ) ଅନ୍ୟାନ୍ୟ ତାତ୍ପର୍ଯ୍ୟ (Singular sense) ବହୁବିଧ ତାତ୍ପର୍ଯ୍ୟ ପରିମାଣାତ୍ମକ ଦୃଷ୍ଟିକୋଣରୁ (quantitative information) ବା ସହଜରେ କହିଲେ ପରିସଂଖ୍ୟାନ ତଥ୍ୟ । ଅନ୍ୟାନ୍ୟ ତାତ୍ପର୍ଯ୍ୟ କହିଲେ ପଦ୍ଧତି ବା ପଦ୍ଧତିଗୁଡିକ ଯାହା ପରିମାଣାତ୍ମକ ତଥ୍ୟରେ ପହଞ୍ଚାଇବାକୁ ସାହାଯ୍ୟ କରେ । ଏ ଦୁଇଟି ମଧ୍ୟରେ ଥିବା ପାର୍ଥକ୍ୟକୁ ନିମ୍ନ ସାରଣୀରୁ ବୁଝିହେବ ।

**ସାରଣୀ ୫.୧ (ଭାରତର ଜନସଂଖ୍ୟା ବୃଦ୍ଧି)**

| ବର୍ଷ | ଜନସଂଖ୍ୟା (କୋଟି) |
|---|---|
| ୧୯୭୧ | ୪୩.୯ |
| ୧୯୮୧ | ୫୪.୮ |
| ୧୯୯୧ | ୬୮.୫ |
| ୨୦୦୧ | ୮୪.୬ |
| ୨୦୧୧ | ୧୦୨.୮୭ (ଜନସଂଖ୍ୟା ଗଣନାରୁ) |



ଏହି ସାରଣୀ ୫.୧ରେ ବିଭିନନ ବର୍ଷମାନଙ୍କରେ ଜନସଂଖ୍ୟା ଦର୍ଶାଯାଉଅଛି । ଏଠାରେ ଆମେ ଜନସଂଖ୍ୟାର କେବଳ ପରିମାଣାତ୍ମକ ଦୃଷ୍ଟିକୋଣରୁ ଉପସ୍ଥାପନ କରିଛୁ । ଏଠାରେ ଆମେ ପରିସଂଖ୍ୟାନର ବହୁବିଧ ପଦ୍ଧତିକୁ ବ୍ୟବହାର କରିଛୁ । ଜନଗଣନା ପଦ୍ଧତି ଦ୍ୱାରା ଭାରତର ଜନସଂଖ୍ୟାକୁ ଅଟକଳ କରାଯାଇଛି, ତଥ୍ୟାବଳୀକୁ ସାଙ୍ଗିକ ଭାବେ ସାରଣୀରେ ଦିଆଯାଇଛି । ଏଥିରୁ ଜଣାପଡୁଛି ଯେ ଭାରତର ଜନସଂଖ୍ୟା କ୍ରମାନ୍ୱୟରେ ବଢିଚାଲିଛି । ଯେତେବେଳେ ଆମେ କହିବା ଆମ ଦେଶରେ ଜନମୃତ୍ୟୁର ହାର କମିଯିବାରୁ ଜନସଂଖ୍ୟା ବଢିଛି ସେତେବେଳେ ସଂଗ୍ରହ ଓ ଉପସ୍ଥାପନା ପଦ୍ଧତି ତଥ୍ୟାବଳୀର ବ୍ୟାଖ୍ୟା ଓ ବିଶ୍ଳେଷଣ ଆଦି କାର୍ଯ୍ୟର ପର୍ଯ୍ୟାୟକ୍ରମେ ବ୍ୟବହାର ହୋଇଛି । ଜଣାପଡିବ । ଏହି ପଦ୍ଧତିଗୁଡିକ ପରିସଂଖ୍ୟାନର ଅନ୍ତର୍ଭୁକ୍ତ । ଏଠାରେ ଆମେ ଅନନ୍ୟ ଦୃଷ୍ଟିରୁ ପରିସଂଖ୍ୟାନକୁ ବ୍ୟବହାର କରିଛେ ।

**ମନେ ରଖିବା**

- ପରିସଂଖ୍ୟାନ ହେଉଛି ପରିମାଣାତ୍ମକ ତଥ୍ୟାବଳୀର ଅଧ୍ୟୟନ
- ଅର୍ଥବ୍ୟବସ୍ଥା ସିଦ୍ଧାନ୍ତକୁ ଗ୍ରହଣ କରିବା ବା ନ କରିବା ପାଇଁ ପରିସଂଖ୍ୟାନ ତଥ୍ୟାବଳୀ ଆବଶ୍ୟକ ।
- ଯୋଜନା କରିବା ନିମନ୍ତେ ପରିସଂଖ୍ୟାନ ତଥ୍ୟାବଳୀ ଆବଶ୍ୟକ ।
- ବିଭିନ୍ନ କାର୍ଯ୍ୟକ୍ରମର ସଫଳତାକୁ ସମୀକ୍ଷା (assess) ଏବଂ ସରକାରୀ ନୀତି ନିର୍ଦ୍ଧାରଣ କରିବା ପାଇଁ ପରିସଂଖ୍ୟାନ ତଥ୍ୟାବଳୀ ଆବଶ୍ୟକ ।
- ଅର୍ଥ ବ୍ୟବସ୍ଥାର ବୈଶିଷ୍ଟ୍ୟ ପ୍ରକାଶ କରିବା ପାଇଁ ପରିସଂଖ୍ୟାନ ତଥ୍ୟାବଳୀର ଆବଶ୍ୟକ ।
- ଅଧ୍ୟୟନର ପ୍ରତ୍ୟେକ କ୍ଷେତ୍ରରେ ପରିସଂଖ୍ୟାନ ବହୁଳ ବ୍ୟବହାର ।
- ପରିସଂଖ୍ୟାନ ଶବ୍ଦଟି ବହୁବିଧ ଦୃଷ୍ଟିର ପରିମାଣାତ୍ମକ ସୂଚନା ବା ପରିସଂଖ୍ୟାନ ତଥ୍ୟାବୀକୁ ବୁଝାଇଥାଏ, ଯଥା- ଜନସଂଖ୍ୟା ପରିସଂଖ୍ୟାନ (population statistic) ଏବଂ କର୍ମନିଯୁକ୍ତି ପରିସଂଖ୍ୟାନ (employment statistics)
- ପରିସଂଖ୍ୟାନ ଶବ୍ଦଟି ଅନନ୍ୟ ଦୃଷ୍ଟିରୁ ପରିସଂଖ୍ୟାନ ତଥ୍ୟାବଳୀରେ ବ୍ୟବହାର କରାଯାଇଥିବା ପଦ୍ଧତିଗୁଡିକୁ ବୁଝାଇଥାଏ, ଯଥା- ପଦ୍ଧତିର ସଂଗ୍ରହ (collection), ସାରଣୀକରଣ (tabulation) ଉପସ୍ଥାପନା (presentation) ଏବଂ ବିଶ୍ଳେଷଣ (analyzing) ।





## ୫.୧ ପ୍ରଶ୍ନ

୧. ବନ୍ଧନୀ ମଧ୍ୟରୁ ଉପଯୁକ୍ତ ଶବ୍ଦ ବାଛି ଶୂନ୍ୟସ୍ଥାନ ପୂରଣ କର

(କ) ପୂର୍ବକାଳର ପରିସଂଖ୍ୟାନକୁ ................................ କୁହାଯାଉଥିଲା । (ବିଜ୍ଞାନର କର୍ମକୁଶଳତା, ରାଷ୍ଟ୍ରର ବିଜ୍ଞାନ)

(ଖ) ପରିସଂଖ୍ୟାନର ............... ଏକ ପ୍ରମୁଖ ସାଧନ । (ପଦ୍ଧତି, ଅର୍ଥନୈତିକ ଯୋଜନା)

(ଗ) ପରିସଂଖ୍ୟାନ ଶବ୍ଦଟି ବହୁବିଧ ଦୃଷ୍ଟିରୁ ପରିସଂଖ୍ୟାନର ...................... ବୁଝାଏ । (ପଦ୍ଧତି, ତଥ୍ୟାବଳୀ)

(ଘ) ପରିସଂଖ୍ୟାନ ଶବ୍ଦଟି ଅନନ୍ୟ ଦୃଷ୍ଟିରୁ ପରିସଂଖ୍ୟାନର .................................. ବୁଝାଏ । (ପଦ୍ଧତି, ତଥ୍ୟାବଳୀ)

୨. ନିମ୍ନ ଉକ୍ତି ମଧ୍ୟରୁ କେଉଁଗୁଡିକ (ପରିମାଣାତ୍ମକ/ଗୁଣାତ୍ମକ) ସୂଚାଅ ।

(କ) ସୀତାର ଉଚ୍ଚତା ୫'୬" ସେତେବେଳେ ମୀନାର ଉଚ୍ଚତା ୫'୦" (    )

(ଖ) ସୀତା ମୀନା ଠାରୁ ଅଧିକ ଉଚ୍ଚା । (    )

(ଗ) ୨୦୦୦-୦୧ ମସିହାରେ ଭାରତର ଖାଦ୍ୟ ଉତ୍ପାଦନ ୧୯୯.୫ ଅୟୁତ ଟନ୍ ହେବା ପାଇଁ ସ୍ଥିର କରାଯାଇଥିଲା (    )

(ଘ) ଅଞ୍ଜୁ ହେଉଛି ଶ୍ରେଣୀରେ ସବୁଠାରୁ ନୀଚ୍ଚା (    )

## ୫.୨ ପରିସଂଖ୍ୟାନ ତଥ୍ୟାବଳୀ (Statistical Data in Plural Sense)

ବହୁବିଧ ଦୃଷ୍ଟିରୁ ପରିସଂଖ୍ୟାନ ହେଉଛି ତଥ୍ୟଗୁଡିକର ସାଂଖିକ ବକ୍ତ ତଥ୍ୟାବଳୀର ବର୍ଣ୍ଣନା ଯେପରି- ଉତ୍ପାଦନ, ଜନସଂକ୍ୟା ଦରଦାମ ଇତ୍ୟାଦି । ଅନ୍ୟପକ୍ଷରେ ପରିସଂଖ୍ୟାନ ହେଉଛି ତଥ୍ୟଗୁଡିକର ସାଂକ୍ଷିକ ମଧ୍ୟକ । ଏହି ପରିସଂଖ୍ୟାନ ତଥ୍ୟଗୁଡିକ କିପରି ଦେଖାଯାଏ ? ସାରଣୀ ୫.୧ ଏହାର ଏକ ଦୃଷ୍ଟାନ୍ତ । ଯେତେବେଳେ ଭାରତର ଜନସଂଖ୍ୟାର ପରିସଂଖ୍ୟାନ ତଥ୍ୟ ସମ୍ପର୍କରେ ଆଲୋଚନା କରିବା । ସେତେବେଳେ ଆମେ କେବଳ ଜନସଂଖ୍ୟାର ପରିମାଣାତ୍ମକ ଦିଗଟି ସମ୍ପର୍କରେ ଦୃଷ୍ଟି ଦେବା । ଏଠାରେ ଆମେ ପରିସଂଖ୍ୟାନ ଶବ୍ଦଟିକୁ ଶବ୍ଦଟିକୁ ବହୁବିଦ ଦୃଷ୍ଟିରୁ ବ୍ୟବହାର କରିଥାଉ ।



**ଲକ୍ଷଣ**

(କ) ପରିସଂଖ୍ୟାନ ତଥ୍ୟାବଳୀ ହେଉଛି ତଥ୍ୟ ସମୂହ **(Statistical data are aggregates of facts)**

କେବଳ ନିରୀକ୍ଷଣ କରିବା ପରିସଂଖ୍ୟାନ ନୁହେଁ । ଉଦାହରଣ, ରାମ ପରୀକ୍ଷାରେ ୧୦୦ରୁ ୮୦ ରଖିଛି, ଏହା ପରିସଂଖ୍ୟାନ ନୁହେଁ । କିନ୍ତୁ ଯେତେବେଳେ ଏକା ପରି ନମ୍ବର ଗୋଟିଏ ବର୍ଗ (group) ପିଲାମାନଙ୍କର ପରିସରକୁ ଆସେ ତାହାକୁ ପରିସଂଖ୍ୟାନ କୁହାଯାଏ । ଯେପରି ରାମ ମୋହନ, ବଣ୍ଟି, ଅଙ୍କିତାଙ୍କର ପ୍ରାପ୍ତାଙ୍କ : ୩୦, ୬୫, ୭୬ ଓ ୮୫ ନମ୍ବର କ୍ରମାନ୍ୱୟରେ ପାଇଥାନ୍ତି । ଏହି ସଂଖ୍ୟାର ବର୍ଗକୁ ପରିସଂଖ୍ୟାନ କୁହାଯିବ । ବର୍ତ୍ତମାନ ଆମେ ଏ ସଂଖ୍ୟାଗୁଡ଼ିକ ମଧ୍ୟରେ ତୁଳନା, ବିଶ୍ଳେଷଣ କରି କିଛି ନିଷ୍ପତ୍ତି ନେଇପାରିବା । ଉଦାହରଣ : ସବୁଠାରୁ ଅଧିକ ନମ୍ବର-୮୫

ସବୁଠାରୁ କମ୍ ନମ୍ବର-୩୦

ନମ୍ବର ବିସ୍ତାର (Marks Range) ୩୦ରୁ ୮୫

$$\text{ହାରାହରି ନମ୍ବର-}\ \frac{୩୦+୬୫+୭୬+୮୫}{୪} = \frac{୨୫୬}{୪} = ୬୪\ \text{ନମ୍ବର}$$

**(ଖ) ପରିସଂଖ୍ୟାନ ବହୁବିଧ କାରଣ ଦ୍ୱାରା ବିଶେଷ ଭାବେ ପ୍ରଭାବିତ ହୁଏ (Statistics are affected by multiplicity of causes)** : ସାଂକ୍ଷିକ ତଥ୍ୟଗୁଡ଼ିକ ବିଭିନ୍ନ କାରଣ ଦ୍ୱାରା ବିଶେଷ ଭାବେ ପ୍ରଭାବିତ ହୋଇଥାଏ । ଏକା ସାଙ୍ଗରେ କାର୍ଯ୍ୟ କରୁଥିବା କେତେଗୁଡିଏ କାରଣ ଦ୍ୱାରା ଆକୃତି ଓ ତଥ୍ୟଗୁଡ଼ିକ ପ୍ରଭାବିତ ହୋଇଥାନ୍ତି ।

ଉଦାହରଣ : ଧାନ ଉତ୍ପାଦନ ବିଶେଷ ଭାବରେ ବର୍ଷା, ଚାଷ ପ୍ରଣାଳୀ, ବିହନ, ଖତ, ଜମିର ଉର୍ବରତା ଇତ୍ୟାଦି ଉପରେ ନିର୍ଭର କରେ । କିନ୍ତୁ ଧାନ ଚାଷରେ ଏଗୁଡ଼ିକର ଅଲଗା ଅଲଗା ପ୍ରଭାବ ଅଧ୍ୟୟନ କରିବା କଷ୍ଟସାଧ୍ୟ ।

**(ଗ) ପରିସଂଖ୍ୟାନ ତଥ୍ୟାବଳୀର ସାଂକ୍ଷିକ ଅଭିବ୍ୟକ୍ତି ହୋଇପାରେ** (Statistical data are numerically expressed) ପରିସଂଖ୍ୟାନ ସାଂଖିକ ଅଭିବ୍ୟକ୍ତି ଅଟେ । ଗୁଣାତ୍ମକ ଉକ୍ତି ଯଥା : "ଜନସଂଖ୍ୟାର ଦ୍ରୁତ ବୃଦ୍ଧି'' ବା "ଭାରତରେ ମୁଣ୍ଡପିଛା ଆୟ କମ୍"କୁ ପରିସଂଖ୍ୟାନ କୁହାଯାଇପାରିବ ନାହିଁ। ଯେତେବେଳେ ଯାଏଁ ଏଥିରେ କିଛି ସାଂଖିକ ମୂଲ୍ୟ ନିରୂପଣ କରାଯାଇନଥିବ ସେ ପର୍ଯ୍ୟନ୍ତ ଏହା ପରିସଂଖ୍ୟାନ ନୁହେଁ।

**(ଘ) ବ୍ୟବସ୍ଥାପିତ ପଦ୍ଧତିରେ ସଂଗୃହୀତ** (Select in a systematic manner)

ତଥ୍ୟାବଳୀଗୁଡ଼ିକ ଶୃଙ୍ଖଳିତ ଓ ବିଜ୍ଞାନ ସମ୍ମତ ଭାବେ ସଂଗ୍ରହ କରାଯିବା ଉଚିତ । ତଥ୍ୟାବଳୀ





ସଂଗ୍ରହ କରିବା ପୂର୍ବରୁ ସଂଗ୍ରହ ନିମନ୍ତେ ଏକ ଯୋଜନା ପ୍ରସ୍ତୁତ କରାଯିବା ଉଚିତ । ଯେଉଁ ତଥ୍ୟବଳୀଗୁଡିକ ଅଶୃଙ୍ଖଳିତ ତାହା ନିଷ୍ପତ୍ତି ନେବାରେ ପଥଭ୍ରଷ୍ଟ କରାଇଥାଏ ।

(ଙ) ପରିସଂଖ୍ୟାନ ହେଉଛି ସାଂଖିକ ବିବୃତ୍ତି (Statistical data must be obtaind with reasonable degree of accuracy) ପରିସଂଖ୍ୟାନ ହେଉଛି ସାଂଖିକ ବିବୃତ୍ତି । ଯଦି ପର୍ଯବେକ୍ଷଣର ସଂଖ୍ୟା କମ୍ ହୋଇଥାଏ, ତେବେ ତଥ୍ୟର ଶୁଦ୍ଧତା ହାସଲ କରାଯାଇପାରିବ । ସମୟ ସମୟରେ ଏକ ନିର୍ଦ୍ଦିଷ୍ଟ କ୍ଷେତ୍ରର ତଦନ୍ତରେ ପ୍ରକୃତ ମାପର ଆକୃତିଗୁଡିକ ସମ୍ଭବ ହୁଏ ନାହିଁ, ତାପରେ ଅଟକଳ ବା ଆନୁମାନିକ ପଦ୍ଧତି ବ୍ୟବହାର କରାଯାଏ । ଉଦାହରଣ : ମନେକର ଏକ ବିଦ୍ୟାଳୟର ଏକାଦଶ ଶ୍ରେଣୀରେ ୩୦ ଜଣ ଛାତ୍ରଛାତ୍ରୀ ଅଛନ୍ତି । ଏହାକୁ ଆମେ ଗଣିପାରିବା, ତେଣୁ ଶତ ପ୍ରତିଶତ ଶୁଦ୍ଧ ତଥ୍ୟ । କିନ୍ତୁ ଯେତେବେଳେ ଆମେ କହିବା କ୍ରିକେଟ ଖେଳକୁ ୨୦ ହଜାର ଲୋକ ଦେଖୁଛନ୍ତି ସେତେବେଳେ ଆମେ ପରସ୍ଥିତିରୁ ଅଟକଳ କରିଥାନ୍ତି ଅର୍ଥାତ୍ ଆନୁମାନିକ ଭାବେ କୁହନ୍ତି ।

(ଚ) ପରିସଂଖ୍ୟାନ ହେଉଛି ପୂର୍ବ ନିର୍ଦ୍ଧାରିତ ଉଦ୍ଦେଶ୍ୟ ସଂଗୃହୀତ (Statistics are collected for a predetermined purpose)

ପରିସଂଖ୍ୟାନରେ ତଥ୍ୟାବଳୀ ସଂଗ୍ରହର ଉଦ୍ଦେଶ୍ୟ ପୂର୍ବରୁ ସ୍ଥିର କରାଯାଇଥାଏ । ଉଦ୍ଦେଶ୍ୟକୁ ପୂର୍ବରୁ ନିର୍ଦ୍ଦିଷ୍ଟ କରାଯିବା ଉଚିତ, ନଚେତ ଏହି ସଂଗୃହୀତ ତଥ୍ୟ କୌଣସି କାର୍ଯ୍ୟରେ ଲାଗିପାରିବ ନାହିଁ । ମନେକର ମାଧ୍ୟମିକ ସ୍ତର ପିଲାମାନଙ୍କର ଗୋଟିଏ ବା ଦୁଇଟି ବିଷୟରେ ଫଳାଫଳ (Performance)କୁ ତୁଳନା କରାଯିବ । ଏହି ତୁଳନାର ନମୁନା ସଂଗ୍ରହ କରିବା ପୂର୍ବରୁ ଆମକୁ ବିଷୟ ଓ ନିର୍ଦ୍ଦିଷ୍ଟ କରିବାକୁ ପଡିବ ।

**ଆସ ମନେ ରଖିବା**

- ପରିସଂଖ୍ୟାନ ବହୁବିଧ ଦୃଷ୍ଟିରୁ ପରିସଂଖ୍ୟାନ ତଥ୍ୟାବଳୀକୁ ବୁଝାଇଥାଏ ।
- ପରିସଂଖ୍ୟାନ ହେଉଛି ତଥ୍ୟ ସମୁହ ଏବଂ ସାଂଖିକ ଭାବେ ପ୍ରକାଶିତ ।
- ପରିସଂଖ୍ୟାନ ବହୁବିଧ କାରଣ ଦ୍ୱାରା ପ୍ରଭାବିତ ହୁଏ ।
- ପରିସଂଖ୍ୟାନ ବ୍ୟବସ୍ଥାପିତ ଭାବେ ସଂଗୃହୀତ ହୁଏ ।
- ପରିସଂଖ୍ୟାନ ତଥ୍ୟାବଳୀଗୁଡିକର ଶୁଦ୍ଧତା ଆବଶ୍ୟକ ।
- ପରିସଂଖ୍ୟାନ ପୂର୍ବ ନିର୍ଦ୍ଧାରିତ ଉଦ୍ଦେଶ୍ୟ ରଖି ସଂଗୃହୀତ ହୋଇଥାଏ ।
- ସମସ୍ତ ପରିସଂଖ୍ୟାନ ତଥ୍ୟର ସାଂଖିକ ବିବରଣୀ ହୋଇଥିଲେ ହେଁ ସମସ୍ତ ସାଂଖିକ ତଥ୍ୟ ପରିସଂଖ୍ୟାନ ପଦବାଚ୍ୟ ନୁହନ୍ତି ।



## ପ୍ରଶ୍ନ-୫.୨

୧. ଠିକ ଉକ୍ତି ନିକଟରେ ଠିକ୍ ଚିହ୍ନ (✓)ଦିଅ

ପରିସଂଖ୍ୟାନ ତଥ୍ୟାବଳୀଗୁଡ଼ିକ :

(କ) ସାଂଖିକ ଉକ୍ତିଗୁଡ଼ିକର ତଥ୍ୟ ( )

(ଖ) ଗୁଣାତ୍ମକ ତଥ୍ୟ ( )

(ଗ) ପରିମାଣାତ୍ମକ ତଥା ଗୁଣାତ୍ମକ ତଥ୍ୟ ( )

(ଘ) ଅନନ୍ୟ ତଥା ଅଲଗା ତଥ୍ୟ ଓ ଆକୃତି ( )

(ଙ) ତଥ୍ୟ ସମୁହ ( )

୨. ନିମ୍ନ ଉକ୍ତିଗୁଡ଼ିକ ଠିକ୍ କି ଭୁଲ ସୂଚାଅ

(କ) ପରିସଂଖ୍ୟାନ ହେଉଛି ସାଂଖିକ ଉକ୍ତିର ତଥ୍ୟ ( )

(ଖ) ପରିସଂଖ୍ୟାନ ତଥ୍ୟାବଳୀ ଅନନ୍ୟ ବା ଅଲଗା ଆକୃତି ନୁହେଁ । ( )

(ଗ) ପରିସଂଖ୍ୟାନ ତଥ୍ୟାବଳୀ ଗୁଣାତ୍ମକ ତଥ୍ୟାବଳୀ ( )

(ଘ) ପରିସଂଖ୍ୟାନ ନିମନ୍ତେ ତଥ୍ୟ ପୂର୍ବ ନିର୍ଦ୍ଧାରିତ ଉଦ୍ଦେଶ୍ୟ ରଖି ସଂଗ୍ରହ କରାଯାଏ । ( )

## ୫.୩ ପରିସଂଖ୍ୟାନ ପଦ୍ଧତି (ଅନନ୍ୟ ଦୃଷ୍ଟିରୁ)

## Statistical methods (Singular sense)

(କ) ଅନନ୍ୟ ଅର୍ଥରେ ପରିସଂଖ୍ୟାନ କହିଲେ ପରିସଂଖ୍ୟାନ ବିଜ୍ଞାନ ବା ପରିସଂଖ୍ୟାନ ପଦ୍ଧତି କୁହାଯାଏ । ସାଂଖିକ ତଥ୍ୟାବଳୀର ସଂଗ୍ରହ ଶ୍ରେଣୀ ବିଭାଗ କରଣ, ଉପସ୍ଥାପନ, ବିଶ୍ଳେଷଣ ଏବଂ ପରିମାଣାତ୍ମକ ତଥ୍ୟାବଳୀର ବ୍ୟାଖ୍ୟା ଆଦି କୌଶଳ ବା ପଦ୍ଧତିକୁ ବୁଝାଏ । ଏଗୁଡ଼ିକ ହେଉଛି ପ୍ରତ୍ୟେକ ପରିସଂଖ୍ୟାନ ପଦ୍ଧତିରେ ଅନୁସନ୍ଧାନର ଗୋଟିଏ ଗୋଟିଏ ପର୍ଯ୍ୟାୟ । ବର୍ତ୍ତମାନ ଆମେ ଏହି ପର୍ଯ୍ୟାୟଗୁଡ଼ିକର ବିଶଦ ଆଲୋଚନା କରିବା, ପରିସଂଖ୍ୟାନ ସଂକ୍ରାନ୍ତୀୟ ଅନୁସନ୍ଧାନର ପର୍ଯ୍ୟାୟ (Stages of Statistical Enquiry)

* ପରିସଂଖ୍ୟାନ ଏକ ଅନନ୍ୟ ଦୃଷ୍ଟିରୁ ବିଭିନ୍ନ ପରିସଂଖ୍ୟାୟ ଅଧ୍ୟୟନର ବିଭିନ୍ନ ପର୍ଯ୍ୟାୟ ।

**(କ) ତଥ୍ୟ ସଂଗ୍ରହ** (Collection of data)

କୌଣସି ତଦନ୍ତର ପ୍ରଥମ ପର୍ଯ୍ୟାୟ ହେଉଛି ତଥ୍ୟ ସଂଗ୍ରହ। ଅନୁସନ୍ଧାନକାରୀ ବିଭିନ୍ନ ସୂତ୍ରରୁ





ଏହି ତଥ୍ୟ ସଂଗ୍ରହ କରିଥାଆନ୍ତି । ସମ୍ପୂର୍ଣ୍ଣ ତଥ୍ୟ ପ୍ରତ୍ୟକ୍ଷ ଭାବରେ ସଂଗ୍ରହ କରାଗଲେ ତାହାକୁ ପ୍ରାଥମିକ ତଥ୍ୟ (Primary data) କୁହାଯାଏ । କିନ୍ତୁ ସଂଗୃହୀତ ପ୍ରାଥମିକ ତଥ୍ୟ ପୁନର୍ବାର ବ୍ୟବହାର ହେଲେ ତାହାକୁ ପରୋକ୍ଷ ତଥ୍ୟ (Secondary data) କୁହାଯାଏ । ଉଦାହରଣ : ଭାରତୀୟ ରିଜର୍ଭ ବ୍ୟାଙ୍କ ଇସ୍ତାହାର, ଜାତୀୟ ଆୟବ୍ୟୟ ହିସାବ ଫର୍ଦ୍ଦ (Accounts)ର ପରିସଂଖ୍ୟାନଗୁଡିକ ପ୍ରକାଶିତ ତଥ୍ୟ ଅର୍ଥାତ ପରୋକ୍ଷ ତଥ୍ୟ ।

### (ଖ) ତଥ୍ୟର ସଂଗଠନ ବା ସଜ୍ଜୀକରଣ (Organisation of Data)

ତଥ୍ୟ ସଂଗଠନର ଅଙ୍କ ବା ଆକୃତିର ସଜ୍ଜୀକରଣ ଏପରି କରାଯାଇଥାଏ ଯେପରି ଏକ ଗୋଷ୍ଠୀର ତଥ୍ୟକୁ ତୁଳନା କରାଇବା ବା ବିଶ୍ଳେଷଣ କରିବା ସମୟରେ ସୁବିଧା ହେବ । ଏକ ଗୁରୁତ୍ୱପୂର୍ଣ୍ଣ ତଥ୍ୟ ସଂଗଠନର ପଦ୍ଧତି ହେଉଛି ଲକ୍ଷଣ ଉପରେ ଅଧିକ ଦୃଷ୍ଟି ଦେଇ ବିଭିନ୍ନ ଶ୍ରେଣୀ ବା ଉପଶ୍ରେଣୀର ବିଭାଗୀକରଣ କରାଇବା । ଏ ପ୍ରକାର ପଦ୍ଧତିକୁ ତଥ୍ୟର ବିଭାଗୀକରଣ (classification) ମଧ୍ୟ କୁହାଯାଏ ।

### (ଗ) ତଥ୍ୟର ଉପସ୍ଥାପନା (Presentation)

ତଥ୍ୟର ଉପସ୍ଥାପନା ଅର୍ଥ ଶୁଦ୍ଧ ଏବଂ ଆକର୍ଷଣୀୟ ତଥ୍ୟର ପ୍ରଦର୍ଶିତ ହେବ, ଯେପରି ଏଗୁଡିକ ସହଜରେ ବୁଝିହେବ ଏବଂ ବିଶ୍ଳେଷଣ କରାଯାଇପାରିବ । ତଥ୍ୟର ଉପସ୍ଥାପନା ବିଭିନ୍ନ ପ୍ରକାରରେ କରାଯାଇପାରେ, ତନ୍ମଧ୍ୟରୁ ବିଶେଷ ଭାବରେ ବ୍ୟବହାର କରାଯାଉଥିବା ପ୍ରକାର ନିମ୍ନରେ ଆଲୋଚନା କରାଗଲା । ଯଥା- ପାଠ୍ୟ ବିଷୟଗତ ବା ବର୍ଣ୍ଣନାତ୍ମକ ଉପସ୍ଥାପନା, ସାରଣୀ ମାଧ୍ୟମରେ ଉପସ୍ଥାପନା, ଚିତ୍ର ମାଧ୍ୟମରେ ଉପସ୍ଥାପନା । ପରବର୍ତ୍ତୀ ପର୍ଯ୍ୟାୟରେ ଏ ସମ୍ପର୍କରେ ବିଶେଷ ଆଲୋଚନା କରାଯିବ ।

### (ଘ) ତଥ୍ୟର ବିଶ୍ଳେଷଣ (Analysis of data)

ତଥ୍ୟଗୁଡିକ ସଂଗୃହୀତ, ସଂଗଠିତ ଏବଂ ଉପସ୍ଥାପନ ହୋଇସାରିବା ପରେ ସେଗୁଡିକର ବିଶ୍ଳେଷଣ କରାଯିବା ଆବଶ୍ୟକ । ତଥ୍ୟର ବିଶ୍ଳେଷଣ ହେଉଛି ଏକ ପ୍ରକାର କୌଶଳ ଯାହା ମାଧ୍ୟମରେ ମିଳିଥିବା ସାଂଖ୍ୟିକ ତଥ୍ୟରୁ ଗୁରୁତ୍ୱପୂର୍ଣ୍ଣ ତଥ୍ୟ ବାହାର କରାଯାଏ । ତଥ୍ୟ ବିଶ୍ଳେଷଣର ସବୁଠାରୁ ମୁଖ୍ୟ ଉଦ୍ଦେଶ୍ୟ ହେଲା ଯେପରି ମିଳିଥିବା ଏକମାତ୍ର ମୂଲ୍ୟରୁ ସମ୍ପୂର୍ଣ୍ଣ ତଥ୍ୟର ଲକ୍ଷ୍ୟଣ ସମ୍ପର୍କରେ ବିଶଦ ଭାବରେ ଜାଣିହେବ । କେତେଗୁଡିଏ ପରିସଂଖ୍ୟାନ ସାଧନର (tool) ଯଥା- ମିନ୍ (mean), ମିଡିୟାନ (median) ଏବଂ ମୋଡ (mode) ବ୍ୟବହାର ବିନା ଆମ ଅର୍ଥନୈତିକ ବା ଅନ୍ୟାନ୍ୟ ସମସ୍ୟା ବିଶ୍ଳେଷଣ କରିପାରିବା ନାହିଁ ।

### (ଙ) ତଥ୍ୟାବଳୀର ସ୍ୱରୂପ ନିରୂପଣ (Interpretation of data)

ପରିସଂଖ୍ୟାନ ଅନୁସନ୍ଧାନ ଶେଷ ପର୍ଯ୍ୟାୟ ହେଉଛି ତଥ୍ୟାବଳୀର ସ୍ୱରୂପ ନିରୂପଣ । ବିଭିନ୍ନ



ପରିସଂଖ୍ୟାନ କୌଶଳ ବ୍ୟବହାର କରି ବିଶ୍ଳେଷଣ କରିସାରିବା ପରେ ଶେଷ ପର୍ଯ୍ୟାୟରେ ଆମେ ତଥ୍ୟାବଳୀର ସ୍ୱରୂପ ନିରୂପଣ କରୁ । ଯାହାକି ବିଭିନ୍ନ ନୀତି ନିର୍ଦ୍ଧାରଣ କରିବାରେ ସାହାଯ୍ୟ କରେ । ସ୍ୱରୂପ ନିରୂପଣ କରିବା ସମୟରେ ଖୁବ୍ ସାବଧାନତା ଅବଲମ୍ବନ କରିବା ଆବଶ୍ୟକ । ଯଦି ସ୍ୱରୂପ ନିରୂପଣରେ ଭୁଲ ହୋଇଯାଏ ତେବେ ଏହା ଭୁଲ ନୀତି ନିର୍ଦ୍ଧାରଣ କରାଇବା ଏବଂ ଭଲ ଅପେକ୍ଷା ଅଧିକ ଖରାପ କରାଇବ ।

**ଆସ ମନେ ରଖିବା**

- ପରିସଂଖ୍ୟାନ ଅନନ୍ୟ ଦୃଷ୍ଟିର ପରିସଂଖ୍ୟାନ ପଦ୍ଧତିଗୁଡ଼ିକୁ ବୁଝାଏ ।
- ପରିସଂଖ୍ୟାନ ଅନୁସନ୍ଧାନ ତଥ୍ୟର ସଂଗ୍ରହ, ସଂଗଠନ, ଉପସ୍ଥାପନ, ବିଶ୍ଳେଷଣ ଏବଂ ସ୍ୱରୂପ ନିର୍ଦ୍ଧାରଣକୁ ଅନ୍ତର୍ଭୁକ୍ତ କରାଏ ।
- ତଥ୍ୟଗୁଡ଼ିକ ପ୍ରଥମେ ପ୍ରାଥମିକ ପରୋକ୍ଷ ଭାବେ ସଂଗ୍ରହ କରାଯାଏ । ପରେ ପରେ ଏହାକୁ ସାରଣୀ (table), ଲେଖଚିତ୍ର (graphs), ରେଖାଚିତ୍ର (diagram) ଏବଂ ଚିତ୍ର (picture) ମାଧ୍ୟମରେ ଉପସ୍ଥାପନା କରାଯାଏ ।
- ପରିସଂଖ୍ୟାନ ସର୍ବେକ୍ଷଣର ପ୍ରଥମ ଏବଂ ମୁଖ୍ୟ କାର୍ଯ୍ୟ ହେଲା ତଥ୍ୟ ସଂଗ୍ରହ କରିବା ।
- ସଂଗୃହୀତ ତଥ୍ୟଗୁଡ଼ିକ ବିଭାଗୀକରଣ କରାଯାଇ ସଂଗଠିତ କରାଯାଏ । ସଂଗୃହୀତ ତଥ୍ୟଗୁଡ଼ିକ ସେମାନଙ୍କର ସର୍ବସମତା ବା ସମାନତା ଅନୁସାରେ ବିଭିନ୍ନ ବିଭାଗ/ଶ୍ରେଣୀରେ ବର୍ଗୀକରଣ (grouping) କରିବାକୁ ବିଭାଗୀକରଣ କୁହାଯାଏ ।
- ପରିସଂଖ୍ୟାନ କୌଶଳକୁ ବ୍ୟବହାରକରି ବର୍ଗୀକରଣ ହୋଇଥିବା ତଥ୍ୟର ବିଶ୍ଳେଷଣ କରାଯିବା ଅର୍ଥାତ ତଥ୍ୟର ଶେଷ ପର୍ଯ୍ୟାୟରେ ପହଞ୍ଚିବା ।
- ତଥ୍ୟର ସ୍ୱରୂପ ନିରୀକ୍ଷଣ ଅର୍ଥାତ ଶେଷ ପର୍ଯ୍ୟାୟରେ ପହଞ୍ଚିବା ଯାହାକି ନୀତି ନିର୍ଦ୍ଧାରଣରେ ବ୍ୟବହାର କରାଯାଇପାରିବ ।

## ୫.୩ ପ୍ରଶ୍ନ

୧. ଉକ୍ତିଗୁଡ଼ିକୁ ସମ୍ପୂର୍ଣ୍ଣ କର

(କ) ପରିସଂଖ୍ୟାନ ବହୁବିଧ ଦୃଷ୍ଟିରୁ...........କୁ ବୁଝାଏ ।

(ଖ) ପରିସଂଖ୍ୟାନ ଅନନ୍ୟ ଦୃଷ୍ଟିରୁ .................କୁ ବୁଝାଏ ।

(ଗ) ପରିସଂଖ୍ୟାନ ତଥ୍ୟ ............. ଦ୍ୱାରା ସଂଗ୍ରହ କରାଯାଏ ।





(ଘ) ପରିସଂଖ୍ୟାନ ଅନୁସନ୍ଧାନର ପ୍ରଥମ ପର୍ଯ୍ୟାୟ ହେଉଛି ................ ।

(ଙ) ପରିସଂଖ୍ୟାନ ଅନୁସନ୍ଧାନ ଶେଷ ପର୍ଯ୍ୟାୟ ହେଉଛି........... ।

(ଚ) ତଥ୍ୟର ବିଶ୍ଳେଷଣ ଅର୍ଥ ତଥ୍ୟର ଶେଷ ପର୍ଯ୍ୟାୟରେ ପହଞ୍ଚିବ.............ର ସାହାଯ୍ୟ ନେଇ ।

(ଛ) ଭାରତୀୟ ରିଜର୍ଭ ବ୍ୟାଙ୍କର ଇସ୍ତାହାର ଏବଂ ଜାତୀୟ ଆୟବ୍ୟୟ ପରିସଂଖ୍ୟାନ ...... ତଥ୍ୟର ଉତ୍ସ ।

୨. 'କ' ସ୍ତମ୍ଭ ଓ 'ଖ' ସ୍ତମ୍ଭ ମିଳାଅ

| 'କ' ସ୍ତମ୍ଭ | 'ଖ' ସ୍ତମ୍ଭ |
|---|---|
| (କ) ତଥ୍ୟ ସଂଗ୍ରହ | ୧. ମିନ୍, ମେଡିୟାନ, ମୋଡ |
| (ଖ) ତଥ୍ୟ ଉପସ୍ଥାପନା | ୨. ପ୍ରତ୍ୟକ୍ଷ ଏବଂ ପରୋକ୍ଷ ଉତ୍ସ |
| (ଗ) ତଥ୍ୟ ବିଶ୍ଳେଷଣ | ୩. ସମାପ୍ତିରେ ପହଞ୍ଚିବା |
| (ଘ) ତଥ୍ୟର ସ୍ୱରୂପ ନିର୍ଦ୍ଧାରଣ | ୪. ସାରଣୀ, ଲେଖଚିତ୍ର, ଚିତ୍ର |

## କ'ଣ ଶିଖିଲେ

(କ) ଅର୍ଥନୀତିରେ ପରିସଂଖ୍ୟାନର ଏକ ପ୍ରମୁଖ ଭୂମିକା ରହିଛି ।

(ଖ) ପରିସଂଖ୍ୟାନ ବ୍ୟବହାର କରାଯାଏ : (୧) ଅର୍ଥନୈତିକ ତତ୍ତ୍ୱ (theory) ତିଆରି କରାଗଲା ବେଳେ (୨) ଯୋଜନା ସମୟରେ (୩) ସରକାରୀ ନୀତିର ମୂଲ୍ୟାୟନ ସମୟରେ ଏବଂ (୪) ଅର୍ଥବ୍ୟବସ୍ଥାର ବୈଶିଷ୍ଟ୍ୟ ଜାଣିବାବେଳେ ।

(ଗ) ପରିସଂଖ୍ୟାନ ଦୁଇ ପ୍ରକାରରେ ବ୍ୟବହାର କରାଯାଏ (୧) ବହୁବିଧ ଦୃଷ୍ଟିରୁ, ପରିସଂଖ୍ୟାନ ପରିମାଣାତ୍ମକ ତଥ୍ୟ ବା ପରିସଂଖ୍ୟାନ ତଥ୍ୟକୁ ବୁଝାଏ । (୨) ଅନନ୍ୟ ଦୃଷ୍ଟିରୁ ପରିସଂଖ୍ୟାନ ପଦ୍ଧତିକୁ ସୂଚାଏ । ପରିସଂଖ୍ୟାନ ତଥ୍ୟର ସଂଗ୍ରହ, ସଂଗଠନ, ଉପସ୍ଥାପନ, ବିଶ୍ଳେଷଣ ଏବଂ ସ୍ୱରୂପ ନିରୂପଣର ବିଜ୍ଞାନକୁ ବୁଝାଏ ।

(ଘ) ପରିସଂଖ୍ୟାନ ତଥ୍ୟାବଳୀ ହେଉଛି (୧) ତଥ୍ୟର ସମୂହ (୨) ବହୁବିଧ କାରଣ ଦ୍ୱାରା ବିଶେଷ ଭାବେ ପ୍ରଭାବିତ (୩) ସାଂଖ୍ୟିକ ଅଭିବ୍ୟକ୍ତି (୪) ବ୍ୟବସ୍ଥାପିତ ପଦ୍ଧତିରେ ସଂଗୃହୀତ (୫) ସାଂଖ୍ୟିକ ବିବୃତିର ଶୁଦ୍ଧତାର (୬) ପୂର୍ବ ନିର୍ଦ୍ଧାରିତ ଉଦ୍ଦେଶ୍ୟରେ ସଂଗୃହୀତ ।



(ଙ) ଗୋଟିଏ ପରିସଂଖ୍ୟାନ ଅନୁସନ୍ଧାନ ସର୍ବଦା ତଥ୍ୟର ସଂଗ୍ରହ, ଉପସ୍ଥାପନ, ବିଶ୍ଳେଷଣ ତଥା ସ୍ୱରୂପ ନିର୍ଦ୍ଧାରଣ ଆଦି ସ୍ତର ଦେଇ ଆସିଥାଏ ।

(ଚ) ପରିସଂଖ୍ୟାନ ତଥ୍ୟ ହେଉଛି ପ୍ରତ୍ୟକ୍ଷ ବା ପରୋକ୍ଷ ।

(ଛ) ପରିସଂଖ୍ୟାନ ତଥ୍ୟାବଳୀ, ସାରଣୀ, ଲେଖଚିତ୍ର, ରେଖାଚିତ୍ର ଏବଂ ଚିତ୍ର ମାଧ୍ୟମରେ ଉପସ୍ଥାପିତ କରାଯାଏ ।

## (Glossary)

- ପରିସଂଖ୍ୟାନ ବହୁବିଧ ଦୃଷ୍ଟିରୁ : ପରିସଂଖ୍ୟାନ ବହୁବିଧ ଦୃଷ୍ଟିରୁ ଅର୍ଥାତ୍, ପରିମାଣାତ୍ମକ ତଥ୍ୟର ବ୍ୟାପ୍ତି ଚିହ୍ନିତ ବହୁବିଧ କାରଣ ଯୋଗୁଁ ପ୍ରଭାବିତ ହୋଇଥାଏ ।
- ପରିସଂଖ୍ୟାନ ଅନନ୍ୟ ଦୃଷ୍ଟିରୁ : ଅନନ୍ୟ ଦୃଷ୍ଟିରୁ ପରିସଂଖ୍ୟାନ୍ ହେଉଛି ପରିସଂଖ୍ୟାନ ପଦ୍ଧତି ।
- ପ୍ରାଥମିକ ତଥ୍ୟ- ଅନୁସନ୍ଧାନକାରୀ ଦ୍ୱାରା ପ୍ରଥମରୁ ସଂଗ୍ରହ କରାଯାଇଥିବା ପରିମାଣାତ୍ମକ ତଥ୍ୟ ।
- ପରୋକ୍ଷ ତଥ୍ୟ- ଯେଉଁ ପରିମାଣାତ୍ମକ ତଥ୍ୟ ପୂର୍ବରୁ ସଂଗ୍ରହ କରାଯାଇଥାଏ ଏବଂ ଅନୁସନ୍ଧାନକାରୀ ତାକୁ ନିଜ କାର୍ଯ୍ୟରେ ବ୍ୟବହାର କରେ । ସମସ୍ତ ପ୍ରକାଶିତ ତଥ୍ୟ ପରୋକ୍ଷ ତଥ୍ୟ ହିସାବରେ ଗଣନ କରାଯାଏ ।

## ପ୍ରଶ୍ନ

୧. ଅର୍ଥନୀତିରେ ପରିସଂଖ୍ୟାନର ଆବଶ୍ୟକତାକୁ ବୁଝାଅ ।

୨. ପରିସଂଖ୍ୟାନର ତାତ୍ପର୍ଯ୍ୟ ସମ୍ପର୍କରେ ବିଶଦ ଆଲୋଚନା କର ।

୩. ପରିସଂଖ୍ୟାନର ବହୁବିଧ ଓ ଅନନ୍ୟ ଦୃଷ୍ଟିକୁ ବୁଝାଅ ।

୪. ପରିସଂଖ୍ୟାନ ଅନୁସନ୍ଧାନର ବିଭିନ୍ନ ପର୍ଯ୍ୟାୟଗୁଡିକ ଆଲୋଚନା କର ।

୫. ତଥ୍ୟର ମୁଖ୍ୟ ଉତ୍ସଗୁଡିକ କ'ଣ ?

## ଉତ୍ତର :

**୫.୧**

୧   ୧. ରାଷ୍ଟ୍ରର ବିଜ୍ଞାନ

୨. ଅର୍ଥନୈତିକ ଯୋଜନା



୩. ତଥ୍ୟାବଳୀ

୪. ପଦ୍ଧତି

୨ (କ) ପରିମାଣାତ୍ମକ ତଥ୍ୟ

(ଖ) ଗୁଣାତ୍ମକ ତଥ୍ୟ

(ଗ) ପରିମାଣାତ୍ମକ ତଥ୍ୟ

(ଘ) ଗୁଣାତ୍ମକ ତଥ୍ୟ

**୫.୨**

୧. (କ) ଓ (ଙ)

୨. (କ) ଠିକ୍

(ଖ) ଠିକ୍

(ଗ) ଭୁଲ

(ଘ) ଠିକ୍

**୫.୩**

୧. (କ) ପରିସଂଖ୍ୟାନ ତଥ୍ୟାବଳୀ

(ଖ) ପରିସଂଖ୍ୟାନ ପଦ୍ଧତି

(ଗ) ବ୍ୟବସ୍ଥାପିତ ପଦ୍ଧତିରେ ସଂଗୃହୀତ

(ଘ) ତଥ୍ୟ ସଂଗ୍ରହ

(ଙ) ସ୍ୱରୂପର ନିର୍ଦ୍ଧାରଣ

(ଚ) ପରିସଂଖ୍ୟାନର ସାଧନ

(ଛ) ପରୋକ୍ଷ

୨. (କ)-୨

(ଖ)-୪

(ଗ)-୧

(ଘ)-୩

୧ ୫.୧ (କ)

୨ ୫.୧ (ଖ)

୩ ୫.୨ ଏବଂ ୫.୩

୪ ୫.୬ (ଖ)

୫ ୫.୩ (ଖ)

୬ ୫.୩ର ଖ (କ) ୫.୩ (ଖ) ୧



# 6

# ତଥ୍ୟ ସଂଗ୍ରହ ଓ ବିଭାଗୀକରଣ

# (Collection and Classification of Data)

ପୂର୍ବବର୍ତ୍ତୀ ଅଧ୍ୟାୟରେ ଆମେ ପରିସଂଖ୍ୟାନର ଅର୍ଥ, ପରିସର ତଥା ଅର୍ଥନୀତିରେ ଏହାର ଆବଶ୍ୟକତା ସମ୍ପର୍କରେ ଆଲୋଚନା କରିସାରିଛେ । ଏହି ଅଧ୍ୟାୟଟିରେ ତଥ୍ୟର ସଂଗ୍ରହ, ସଂଗଠନ ଏବଂ ସଂକ୍ଷିପ୍ତ କରିବାର କୌଶଳ ହାସଲ କରିବା । ପରିସଂଖ୍ୟାନ ତଥ୍ୟକୁ ଅର୍ଥପୂର୍ଣ୍ଣ କରିବା ପାଇଁ ଏହି କୌଶଳଗୁଡ଼ିକ ଆବଶ୍ୟକ ।

## ଉଦ୍ଦେଶ୍ୟ

ଆମେ ଏହି ଅଧ୍ୟାୟଟିକୁ ପଢ଼ିସାରିଲା ପରେ ନିମ୍ନ ବିଷୟଗୁଡ଼ିକ ଜାଣିପାରିବା

- ପ୍ରାଥମିକ ଏବଂ ପରୋକ୍ଷ ତଥ୍ୟ ମଧ୍ୟରେ ଥିବା ପାର୍ଥକ୍ୟ
- ପ୍ରାଥମିକ ତଥ୍ୟ ସଂଗ୍ରହ କରିବାର ପଦ୍ଧତି
- ପରୋକ୍ଷ ତଥ୍ୟ ସମ୍ପର୍କରେ କେତେଗୁଡ଼ିଏ ଉଦାହରଣ ଦେଇପାରିବା ।
- ଧାଡ଼ି/ଆରେ (Array) ବାରମ୍ବାରତା ଆରି (Frequency array) ବାରମ୍ବାରତା ବିତରଣ (Frequency Distribution) ଧାରଣାଗୁଡ଼ିକୁ ବୁଝାଇପାରିବା ।
- ବାରମ୍ବାରତା ବିତରଣର ଗଠନ ପଦ୍ଧତି
- ଦିଆଯାଇଥିବା ତଥ୍ୟାବଳୀରୁ ସହଜ ଏବଂ ରାଶିକୃତ ବାରମ୍ବାରତା ତିଆରି କରିପାରିବ ।

## ୬.୧ ତଥ୍ୟ ସଂଗ୍ରହ (Collection of Data)

ତଥ୍ୟ ଦୁଇ ପ୍ରକାରରେ ସଂଗ୍ରହ କରାଯାଇପାରେ । ଏକ ପ୍ରକାରରେ ପ୍ରତ୍ୟକ୍ଷ ଭାବେ ଅନୁକାରକ (respondent) ପାଖରୁ ତଥ୍ୟ ସଂଗ୍ରହ । ଅନୁକାରକ ହେଉଛନ୍ତି ଯେ ଅନୁସନ୍ଧାନକାରୀ (investigator)ଙ୍କ ପ୍ରଶ୍ନର ଉତ୍ତର ଦିଅନ୍ତି । ଏ ପ୍ରକାର ପରିସଂଖ୍ୟାନର ତଥ୍ୟ ସଂଗ୍ରହକୁ ପ୍ରାଥମିକ ତଥ୍ୟ (primary data) କୁହାଯାଏ ଏବଂ ଯେଉଁ ଉତ୍ସ ଏହି ତଥ୍ୟ ସଂଗ୍ରହ କରାଯାଏ ତାକୁ ପ୍ରାଥମିକ ଉତ୍ସ (primary source) କୁହାଯାଏ । ଏଗୁଡ଼ିକ ପ୍ରକୃତ (original) କାରଣ ଏହି ତଥ୍ୟଗୁଡ଼ିକ ପ୍ରଥମଥର ପାଇଁ ଅନୁସନ୍ଧାନକାରୀଙ୍କ ଦ୍ୱାରା ସଂଗ୍ରହ





କରାଯାଇଥାଏ । ଉଦାହରଣ : ଯଦି ଜଣେ ଅନୁସନ୍ଧାନକାରୀ ଜାତୀୟ ମୁକ୍ତ ବିଦ୍ୟାଳୟ (NIOS) ନିୟୋଜିତ ହୋଇଥିବା କର୍ମଚାରୀମାନଙ୍କର ଦରମା ସମ୍ପର୍କରେ ତଥ୍ୟ ସଂଗ୍ରହ କରିବା ପାଇଁ ସେମାନଙ୍କ ନିକଟରେ ପହଞ୍ଚି ସେମାନଙ୍କଠାରୁ ତଥ୍ୟ ସଂଗ୍ରହ କରନ୍ତି । ତେବେ ଏହାକୁ ତାଙ୍କ ପାଇଁ ପ୍ରାଥମିକ ତଥ୍ୟ ବୋଲି କୁହାଯିବ ।

ଆଉ ଗୋଟିଏ ପ୍ରକାର ତଥ୍ୟ ସଂଗ୍ରହ କରିବାର ପଦ୍ଧତି ହେଲା ପୂର୍ବରୁ ଅନ୍ୟଜଣଙ୍କ ଦ୍ୱାରା ସଂଗୃହୀତ ହୋଇଥିବା ତଥ୍ୟର ବ୍ୟବହାର । ଅନୁସନ୍ଧାନକାରୀ କେବଳ ଏହି ତଥ୍ୟକୁ ଅନୁସରଣ କରନ୍ତି । ଏ ପ୍ରକାରର ପରିସଂଖ୍ୟାନ ତଥ୍ୟକୁ ପରୋକ୍ଷ ତଥ୍ୟ (Secondary data) କୁହାଯାଏ । ଏହାର ଉତ୍ସକୁ ପରୋକ୍ଷ ଉତ୍ସ (Secondary source) କୁହାଯାଏ । ଉଦାହରଣ : ଅନୁସନ୍ଧାନକାରୀ ଜାତୀୟ ଅନୁଷ୍ଠାନ ମୁକ୍ତ ବିଦ୍ୟାଳୟର କର୍ମଚାରୀମାନଙ୍କ ଦରମା ସମ୍ପର୍କରେ ତଥ୍ୟ ସେମାନଙ୍କ ଆୟବ୍ୟୟର ହିସାବ ରଖୁଥିବା ଶାଖା ଦ୍ୱାରା ଚାଲୁ ରହିଥିବା ଦରମା ରେଜିଷ୍ଟରରୁ ସଂଗ୍ରହ କରନ୍ତି । ତେବେ ଏହା ତାଙ୍କ ପାଇଁ ପରୋକ୍ଷ ତଥା (secondary data) ହେବ ।

### (ଖ) ପ୍ରାଥମିକ ତଥ୍ୟ ସଂଗ୍ରହର ପଦ୍ଧତି (Methods for collecting Primary Data)

ପ୍ରାଥମିକ ତଥ୍ୟ ସଂଗ୍ରହର ଅନେକଗୁଡିଏ ପଦ୍ଧତି ରହିଛି । ସେମାନଙ୍କ ମଧ୍ୟରୁ କେତେଗୁଡିଏ ନିମ୍ନରେ ଆଲୋଚନା କରାଗଲା :

### ୧. ପ୍ରତ୍ୟକ୍ଷ ବ୍ୟକ୍ତିଗତ ଅନୁସନ୍ଧାନ (Direct Personal Interview)

ଏହି ପଦ୍ଧତିରେ ଅନୁସନ୍ଧାନକାରୀ/ସାକ୍ଷାତକାରୀ (interviewer) ଯାହା ପାଖରୁ ତଥ୍ୟ ସଂଗ୍ରହ କରିବେ, ତାଙ୍କ ସହ ସାମ୍ନାସାମ୍ନି ଆଲୋଚନା କରିବାକୁ ପଡିବ । ଏହି ପ୍ରକ୍ରିୟା ଯାହା ପାଖରୁ ତଥ୍ୟ ସଂଗ୍ରହ କରାଯିବ, ତାଙ୍କ ଅନୁକାରକ (respondent) କୁହାଯାଏ ।

### ୨. ପରୋକ୍ଷ ମୌଖିକ ଅନୁସନ୍ଧାନ (Indirect Oral Investigation)

ଏହି ପଦ୍ଧତିରେ ତଥ୍ୟଗୁଡିକ ପରୋକ୍ଷ ଉତ୍ସରୁ (Indirect source) ସଂଗ୍ରହ କରାଯାଏ । ଏହି ପଦ୍ଧତିରେ ଅନୁସନ୍ଧାନ ସମ୍ପର୍କିତ ପ୍ରଶ୍ନଗୁଡିକ ଅନ୍ୟମାନଙ୍କୁ ପଚରାଯାଇ ଉତ୍ତରଗୁଡିକୁ ରେକର୍ଡ କରାଯିବ । ଯେତେବେଳେ ଲୋକ ଜଣକ, ଯାହାଠାରୁ ତଥ୍ୟ ସଂଗ୍ରହ କରାଯିବା କଥା, ସେ ଉତ୍ତର ଦେବାକୁ ଇଚ୍ଛା କରିବେ ନାହିଁ ବା ଅନୁପସ୍ଥିତ ଥିବେ ସେତେବେଳେ ଏହି ପଦ୍ଧତିଟି ଉପଯୋଗ କରାଯିବ ।

### ୩. ପ୍ରଶ୍ନାବଳୀ ପଦ୍ଧତି (Questionnaire Method)

ଏହି ପଦ୍ଧତି ପାଇଁ ପ୍ରଶ୍ନର ଏକ ତାଲିକା ପ୍ରସ୍ତୁତ କରାଯାଏ ଏବଂ ଏହାକୁ ଅନୁକାରକଙ୍କ ପାଖକୁ ଡାକଯୋଗେ ବା ବ୍ୟକ୍ତିଗତ ଭାବେ ତାଙ୍କୁ ଦିଆଯାଏ । ଯେତେବେଳେ ଅନୁସନ୍ଧାନର



ପରିସର ବ୍ୟାପକ ଥାଏ, ତେବେ ଏହି ପଦ୍ଧତି ଉପଯୁକ୍ତ ହୋଇଥାଏ ।

ପ୍ରାଥମିକ ତଥ୍ୟ ସଂଗ୍ରହର କେତେଗୁଡ଼ିଏ ସୁବିଧା ରହିଛି । ଅନୁସନ୍ଧାନକାରୀ ନିଜ ଆବଶ୍ୟକତା ମୁତାବକ ତଥ୍ୟ ସଂଗ୍ରହ କରିପାରନ୍ତି । ଅନୁସନ୍ଧାନ ନିମନ୍ତେ ଏହି ତଥ୍ୟ ନିର୍ଭରଯୋଗ୍ୟ ଏବଂ ଯଥେଷ୍ଟ ହୋଇଥାଏ । ଯଦିଓ ଏହା କେତେଗୁଡ଼ିଏ ଅସୁବିଧା ଭୋଗିଥାଏ । ଏଥିରେ ଅଧିକ ଖର୍ଚ୍ଚ ହୋଇଥାଏ ଯେପରି ଅର୍ଥ, ସମୟ ଏବଂ ଶକ୍ତି । ବହୁତ ସମୟରେ ଅଳ୍ପ କିଛି ପରିବର୍ତ୍ତନ କଲେ ଅନ୍ୟମାନଙ୍କ ଦ୍ୱାରା ପୂର୍ବରୁ ସଂଗ୍ରହ କରାଯାଇଥିବା ତଥ୍ୟ ମଧ୍ୟ ସେହି ଉଦ୍ଦେଶ୍ୟକୁ ପୂର୍ଣ୍ଣ କରିଥାଏ ।

### (ଗ) ପରୋକ୍ଷ ତଥ୍ୟର ଉତ୍ସ (Sources of Secondary data)

ଆମେ ପୂର୍ବରୁ ଆଲୋଚନା କରିସାରିଛେ ଯେ ଏହି ପରୋକ୍ଷ ତଥ୍ୟ ଅନୁସନ୍ଧାନକାରୀଙ୍କ ଦ୍ୱାରା ସଂଗ୍ରହ କରାଯାଇନଥାଏ, ଅନ୍ୟାନ୍ୟ ଉତ୍ସ ଏହା ସଂଗ୍ରହ କରାଯାଇଥାଏ । ମୋଟାମୋଟି ଦୁଇ ପ୍ରକାର ଉତ୍ସ ଅଛି, ଯଥା : (କ) ପ୍ରକାଶିତ ତଥ୍ୟ (ଖ) ଅପ୍ରକାଶିତ ତଥ୍ୟ

### ୧. ପ୍ରକାଶିତ ଉତ୍ସ (Published sources)

କେତେଗୁଡ଼ିଏ ସଂସ୍ଥା ତଥ୍ୟକୁ ସଂଗ୍ରହ କରି ନିୟମିତ ପତ୍ରିକା (Regular Journal) ବା ବିବୃତ୍ତି (report) ପ୍ରକାଶିତ କରିଥାନ୍ତି । ଏ ପ୍ରକାର ସଂସ୍ଥା/ଉତ୍ସଗୁଡ଼ିକୁ ତଥ୍ୟର ପ୍ରକାଶିତ ଉତ୍ସ (published sources) କୁହାଯାଏ ।

ଭାରତରେ ଥିବା କେତେଗୁଡ଼ିଏ ପ୍ରକାଶିତ ଉତ୍ସ ହେଲା ;

**୧. କେନ୍ଦ୍ରୀୟ ପରିସଂଖ୍ୟାନ ସଂସ୍ଥା** (Central Statistical Organisation) ଏହି ସଂସ୍ଥା ଜାତୀୟ ଆୟ, ସଞ୍ଚୟ, ପୁଞ୍ଜିଗଠନ ଇତ୍ୟାଦି ସମ୍ପର୍କରେ ତଥ୍ୟ ପ୍ରକାଶିତ କରିଥାନ୍ତି (ଜାତୀୟ ଆୟବ୍ୟୟର ପରିସଂଖ୍ୟାନ ମାଧ୍ୟମରେ) ।

**୨. ଜାତୀୟ ନମୂନା ସର୍ବେକ୍ଷଣ ସଂସ୍ଥା** (National Sample Survey Organisation) ଏହି ସଂସ୍ଥାଟି ଅର୍ଥମନ୍ତ୍ରୀଙ୍କ ଅଧୀନରେ ଥାଏ । ତେଣୁ ଏହା ଜାତୀୟ ଆୟ ସମ୍ପର୍କିତ ସମସ୍ତ ତଥ୍ୟ ଯଥା- କୃଷି, ଶିଳ୍ପ, ଶ୍ରମିକ ଇତ୍ୟାଦି ସମ୍ପର୍କରେ ପ୍ରକାଶ କରନ୍ତି ।

**୩. ଭାରତୀୟ ରିଜର୍ଭ ବ୍ୟାଙ୍କ** (Reserve Bank of India)

ଏହା ଅର୍ଥନୈତିକ ପରିସଂଖ୍ୟାନ ସମ୍ପର୍କରେ ତଥ୍ୟ ପ୍ରକାଶିତ କରିଥାନ୍ତି । ମୁଦ୍ରା, ଅର୍ଥ, ଭାରତୀୟ ରିଜର୍ଭ ବ୍ୟାଙ୍କର ଇସ୍ତାହାର, ଭାରତୀୟ ବ୍ୟାଙ୍କଗୁଡିକର ସାରଣୀ ଆଦିର ତଥ୍ୟର ରିପୋର୍ଟ ପ୍ରକାଶ କରନ୍ତି ।

**୪. ଶ୍ରମିକ ସଂସ୍ଥା** (Labour Bureau)

ଏହା ଭାରତୀୟ ଶ୍ରମିକ ପରିସଂଖ୍ୟାନ (Indian Labour Statistics), ଭାରତୀୟ





ଶ୍ରମିକ ବର୍ଷ ପୁସ୍ତକ (Indian Labour year Book) ଏବଂ ଭାରତୀୟ ଶ୍ରମିକ ଇସ୍ତାହାର (Indian Labour Journal)

**୫. ଜନସଂଖ୍ୟାର ଗଣନା** (Population Census)

ଏହା ରେଜିଷ୍ଟ୍ରାର ଜେନେରାଲ (Registrar General), ଭାରତୀୟ ଜନଗଣନା (Census of India), ଗୃହ ମନ୍ତ୍ରଣାଳୟ (Ministry of Home Affairs)ଙ୍କ ପର୍ଯ୍ୟାୟଭୁକ୍ତ । ଏମାନେ ଜନଗଣନାର ପରିସଂଖ୍ୟାନ ସମ୍ପର୍କରେ ତଥ୍ୟ ପ୍ରଦାନ କରିଥାନ୍ତି ।

**୬. ସମ୍ବାଦପତ୍ର ଏବଂ ପତ୍ରପତ୍ରିକା** (Papers & Magazines)

'କ୍ୟାପିଟାଲ' (capital), କମର୍ସ (commerce), ଇକୋନମିକ୍ ଆଣ୍ଡ ପଲିଟିକା ୱିକ୍‌ଲି (Economic and political weekly), ଇକୋନମିକ ଟାଇମ୍ସ (Economic Times) ଆଦି ଇସ୍ତାହାର ଗୁଡିକ ବିଭିନ୍ନ ପରିସଂଖ୍ୟାନ ତଥ୍ୟ ପ୍ରକାଶ କରିଥାନ୍ତି ।

**(ଖ). ଅପ୍ରକାଶିତ ଉତ୍ସ** (Unpublished sources)

ପରୋକ୍ଷ ତଥ୍ୟଗୁଡିକ ମଧ୍ୟ ଅପ୍ରକାଶିତ ଉତ୍ସରୁ ମିଳିଥାଏ । କାରଣ ସମସ୍ତ ପରିସଂଖ୍ୟାନ୍ ସାମଗ୍ରୀଗୁଡିକ ସବୁବେଳେ ପ୍ରକାଶିତ ହୁଏ ନାହିଁ । ଉଦାହରଣ : ବିଭିନ୍ନ ସରକାରୀ ଏବଂ ଘରୋଇ କର୍ମଚାରୀଙ୍କ ଦ୍ୱାରା ବିଭିନ୍ନ ତଥ୍ୟଗୁଡିକ ରେକର୍ଡ କରାଯାଇଥାଏ । ବିଭିନ୍ନ ଗବେଷଣା ବିଦ୍ୱାନୀମାନଙ୍କର ଅଧ୍ୟୟନ ମଧ୍ୟ ପରୋକ୍ଷ ତଥ୍ୟ ନିମନ୍ତେ ମୁଖ୍ୟ ଉତ୍ସ ହୋଇଥାଏ ।

**ଆସ ମନେ ରଖିବା**

- ଅନୁସନ୍ଧାନକାରୀ ଦ୍ୱାରା ଦୁଇ ପ୍ରକାରରେ ତଥ୍ୟ ସଂଗ୍ରହ କରାଯାଏ । ପ୍ରଥମତଃ ପ୍ରତ୍ୟକ୍ଷ ଭାବେ ଅନୁକାରକଙ୍କ ଠାରୁ ସଂଗୃହୀତ ତଥ୍ୟ । ଏ ପ୍ରକାର ତଥ୍ୟକୁ ପ୍ରାଥମିକ ତଥ୍ୟ କୁହାଯାଏ ଏବଂ ସଂସ୍ଥାକୁ ପ୍ରତ୍ୟକ୍ଷ ଉତ୍ସ କୁହାଯାଏ । ଦ୍ୱିତୀୟତଃ, ଅନୁସନ୍ଧାନକାରୀ ବିଭିନ୍ନ ସୂତ୍ରରୁ ତଥ୍ୟ ସଂଗ୍ରହ କରିଥାଆନ୍ତି । ଅର୍ଥାତ୍ ଯେଉଁ ଉତ୍ସ ବା ସଂସ୍ଥା ତଥ୍ୟକୁ ସଂଗ୍ରହ କରିସାରିଛନ୍ତି, ତାଙ୍କ ଠାରୁ ତଥ୍ୟ ସଂଗ୍ରହ କରନ୍ତି । ଏ ପ୍ରକାର ତଥ୍ୟକୁ ପରୋକ୍ଷ ତଥ୍ୟ ଏବଂ ସଂସ୍ଥାକୁ ପରୋକ୍ଷ ଉତ୍ସ କୁହାଯାଏ ।
- ପ୍ରାଥମିକ ତଥ୍ୟ ବ୍ୟକ୍ତିଗତ ସାକ୍ଷାତକାର ଦ୍ୱାରା ବା ପ୍ରଶ୍ନାବଳୀ ପଦ୍ଧତି ଦ୍ୱାରା ସଂଗ୍ରହ କରାଯାଇପାରେ ।
- ପରୋକ୍ଷ ତଥ୍ୟ ପ୍ରକାଶିତ ତଥା ଅପ୍ରକାଶିତ ଉତ୍ସରୁ ସଂଗ୍ରହ କରାଯାଏ ।



## ପ୍ରଶ୍ନ ୬.୧

୧. ବନ୍ଧନୀ ମଧ୍ୟରୁ ଶବ୍ଦ ବାଛି ଶୂନ୍ୟସ୍ଥାନ ପୂରଣ କର

(କ) .................. ତଥ୍ୟଗୁଡିକ ପ୍ରକୃତ । (ପ୍ରାଥମିକ, ପରୋକ୍ଷ)

(ଖ) ପ୍ରାଥମିକ ତଥ୍ୟଗୁଡିକ .................. ଠାରୁ ସଂଗ୍ରହ କରାଯାଏ । (ଅନୁକାରକଙ୍କ, ଅନୁସନ୍ଧାନକାରୀଙ୍କ)

(ଗ) କେନ୍ଦ୍ରୀୟ ପରିସଂଖ୍ୟାନ ସଂସ୍ଥା .................... ତଥ୍ୟ ପ୍ରକାଶ କରନ୍ତି । (ଜାତୀୟ ଆୟ, ଜନଗଣନା)

୨. ନିମ୍ନ ଉକ୍ତିଗୁଡିକ ମଧ୍ୟରୁ ଠିକ୍/ଭୁଲ ବାଛ

(କ) ପରୋକ୍ଷ ତଥ୍ୟ ଅନୁସନ୍ଧାନକାରୀ ନିଜେ ସଂଗ୍ରହ କରିଥାନ୍ତି । ( )

(ଖ) ଭାରତୀୟ ରିଜର୍ଭ ବ୍ୟାଙ୍କର ଇସ୍ତାହାର ତଥ୍ୟର ଅପ୍ରକାଶିତ ଉତ୍ସକୁ ବୁଝାଏ । ( )

(ଗ) ଯେଉଁ ବ୍ୟକ୍ତିଙ୍କ ଠାରୁ ଅନୁସନ୍ଧାନକାରୀ ତଥ୍ୟ ସଂଗ୍ରହ କରନ୍ତି, ତାଙ୍କୁ ଅନୁକାରକ (Respondent) କୁହାଯାଏ ।

### ୬.୨ ସଂଗଠିତ ଏବଂ ସଂକ୍ଷିପ୍ତ ତଥ୍ୟ (organising and condensing data)

ମନେକର ଜଣେ ପରିସଂଖ୍ୟାନ ଅନୁସନ୍ଧାନକାରୀ ଗୋଟିଏ ଶ୍ରେଣୀର ୪୦ ଜଣ ପିଲାଙ୍କର ପାଇଥିବା ନମ୍ବରକୁ ବିଶ୍ଳେଷଣ କରିବାକୁ ଚାହିଁଲେ । ସେ ତଥ୍ୟ ସଂଗ୍ରହ କଲେ, ୪୦ ଜଣ ଯାକ ପିଲାଙ୍କ ନମ୍ବର ସଂଗ୍ରହ କଲେ ଯଥା :

| | | | | | | | | | |
|---|---|---|---|---|---|---|---|---|---|
| ୨୦ | ୨୫ | ୨୮ | ୨୭ | ୩୪ | ୩୧ | ୩୦ | ୩୧ | ୩୩ | ୪୦ |
| ୪୩ | ୪୩ | ୪୦ | ୪୩ | ୪୭ | ୪୩ | ୪୨ | ୪୫ | ୪୩ | ୪୭ |
| ୪୮ | ୪୬ | ୪୭ | ୪୮ | ୪୭ | ୪୯ | ୫୮ | ୫୪ | ୫୬ | ୫୦ |
| ୫୩ | ୫୧ | ୩୯ | ୩୮ | ୩୬ | ୩୮ | ୩୫ | ୩୫ | ୩୭ | |

ନିଜକୁ ନିଜେ ଅନୁସନ୍ଧାନକାରୀ ଭାବେ ଚିନ୍ତାକର । ତୁମେ ତଥ୍ୟର ସଂଗ୍ରହ କେଉଁ ଦିଗ ସମ୍ପର୍କରେ ଆଗ୍ରହୀ ? ବୋଧେ ତୁମେ ସବୁଠାରୁ ଅଧିକ ନମ୍ବର ପାଇଥିବା ଛାତ୍ର ସମ୍ପର୍କରେ ଜାଣିବାକୁ ଆଗ୍ରହୀ । ତୁମେ ମଧ୍ୟ ସବୁଠାରୁ କମ୍ ନମ୍ବର ପାଇଥିବା ଛାତ୍ର ବିଷୟରେ ଜାଣିବାକୁ ଇଚ୍ଛୁକ । ତୁମେ ବୋଧେ ଅଧିକାଂଶ ପିଲାମାନେ ପାଇଥିବା ନମ୍ବରର ବିସ୍ତାର ଜାଣିବାକୁ ଆଗ୍ରହୀ ।





ଉପରେ ଦିଆଯାଇଥିବା ତଥ୍ୟଗୁଡିକ ଅସଂଗଠିତ । ଆବଶ୍ୟକ ଥିବା ତୁଳନା ଓ ବିଶ୍ଳେଷଣ କରିବା ପାଇଁ ପ୍ରଥମେ ଏହାକୁ ସଜାଇବାକୁ ପଡିବ । ଏହି ସଜ୍ଜିକରଣକୁ କ୍ରମବଦ୍ଧ ଅନୁକ୍ରମ (orderly sequence) ବା କିଛି ସମାନତା ଥାଇ ବର୍ଗ ତିଆରି କରିବା । ଏହି ସମ୍ପୂର୍ଣ୍ଣ ତଥ୍ୟର ଅର୍ଥପୂର୍ଣ୍ଣ ସଜ୍ଜୀକରଣ ତଥା ବର୍ଗୀକରଣ ହେଉଛି ଏହି ବିଶ୍ଳେଷଣ ପ୍ରକ୍ରିୟାର ପ୍ରଥମ ପର୍ଯ୍ୟାୟ । ତଥ୍ୟକୁ ଦୁଇ ପ୍ରକାରରେ ସଜ୍ଜୀକରଣ କରାଯାଇପାରେ ଯଥା : ଧାଡି (Arrays) ବାରମ୍ବାରତା ବଣ୍ଟନ (Frequency Distribution)

(କ) ଧାଡି (Array) ଏକ ପଦ୍ଧତି ଯେଉଁଥିରେ ବ୍ୟକ୍ତିଗତ ଅନୁକ୍ରମକୁ ସହଜ ଭାବରେ ଉପସ୍ଥାପନା କରାଯାଏ । ଏହାକୁ ସହଜ ତଥ୍ୟ ବୋଲି କୁହାଯାଏ ।

ଏହା ଦୁଇ ପ୍ରକାରର ଯଥା : (୧) ସହଜ ଧାଡି ଏବଂ ବରମ୍ବାରତା

ସହଜ ଧାଡି/ଆରେ (Simple Array)

ତଥ୍ୟର ଆରୋହୀ ଏବଂ ଅବରୋହୀ କ୍ରମର ସଜ୍ଜୀକରଣକୁ ସହଜ ଧାଡି (Simple Array) କୁହାଯାଏ । ଆସ ସେହି ୪୦ଟି ପିଲାଙ୍କର ତଥ୍ୟକୁ ନେଇ ସହଜ ଧାଡି ତିଆରି କରିବା । ଏହି ତଥ୍ୟକୁ ୬.୧ ସାରଣୀରେ ଆରୋହୀ କ୍ରମରେ ଏବଂ ୬.୨ ସାରଣୀ ଅବରୋହୀ କ୍ରମରେ ସଜାଯାଇଛି ।

**ସାରଣୀ ୬.୧ ଆରୋହୀକ୍ରମରେ ୪୦ ଜଣ ପିଲାଙ୍କ ନମ୍ବର**

| | | | |
|---|---|---|---|
| ୨୦ | ୩୫ | ୪୨ | ୪୭ |
| ୨୫ | ୩୬ | ୪୩ | ୪୮ |
| ୨୭ | ୩୭ | ୪୩ | ୪୮ |
| ୨୮ | ୩୮ | ୪୩ | ୪୯ |
| ୩୦ | ୩୮ | ୪୩ | ୫୦ |
| ୩୧ | ୩୯ | ୪୩ | ୫୧ |
| ୩୨ | ୪୦ | ୪୫ | ୫୩ |
| ୩୩ | ୪୦ | ୪୬ | ୫୪ |
| ୩୪ | ୪୦ | ୪୬ | ୫୬ |
| ୩୫ | ୪୨ | ୪୭ | ୫୮ |



**ସାରଣୀ ୬.୨ ଅବରୋହୀ କ୍ରମରେ ୪୦ ଜଣ ପିଲା ପାଇଥିବା ନମ୍ବର**

| | | | |
|---|---|---|---|
| ୫୮ | ୪୭ | ୪୨ | ୩୫ |
| ୫୬ | ୪୬ | ୪୦ | ୩୪ |
| ୫୪ | ୪୬ | ୪୦ | ୩୩ |
| ୫୩ | ୪୫ | ୪୦ | ୩୨ |
| ୫୧ | ୪୩ | ୩୯ | ୩୧ |
| ୫୦ | ୪୩ | ୩୮ | ୩୦ |
| ୪୯ | ୪୩ | ୩୮ | ୨୮ |
| ୪୮ | ୪୩ | ୩୭ | ୨୭ |
| ୪୮ | ୪୩ | ୩୬ | ୨୬ |
| ୪୭ | ୪୨ | ୩୫ | ୨୦ |

ଦୁଇଟିଯାକ ସାରଣୀରେ ଦୁଇଟି କଥା ପରିଷ୍କାର ହୋଇଛି । ଯଥା : ପ୍ରଥମତଃ ସବୁଠାରୁ ଅଧିକ ଥିବା ପ୍ରାପ୍ତାଙ୍କ ୫୮ ଏବଂ ଦ୍ୱିତୀୟତଃ ସବୁଠାରୁ କମ୍ ପ୍ରାପ୍ତାଙ୍କ ୨୦ ଯେତେବେଳେ ଚଳ ବା ଲବ୍ଧାଙ୍କ (item) ଗୁଡିକ କମ୍ ସେତେବେଳେ ତଥ୍ୟକୁ ସହଜ ଧାଡି ପ୍ରକାଶ କରିବା ସହଜ । ଯେତେବେଳେ ଚଳର ସଂଖ୍ୟା ବଢିବଢି ଚାଲିବ, ପର୍ଯ୍ୟାୟ ବଢିଯିବ ଏବଂ ଏହାକୁ ପରିଚାଳନା କରିବା କଷ୍ଟ ହେବ । ତେଣୁ ତଥ୍ୟକୁ ସଂକ୍ଷିପ୍ତ କରିବା ଆବଶ୍ୟକ । ତଥ୍ୟକୁ ସଂକ୍ଷିପ୍ତ କରିବା ପାଇଁ ବାରମ୍ବାରତା ଧାଡ଼ି ଏକ ମାଧ୍ୟମ ।

### (ଖ) ବାରମ୍ବାରତା ଆରେ/ଧାଡି (Frequency Array)

ବାରମ୍ବାରତା ମାଧ୍ୟମରେ ବାରମ୍ବାରତା ଧାଡି/ଆରେର ପର୍ଯ୍ୟାୟ ପ୍ରସ୍ତୁତ କରାଯାଏ, ଯେଉଁଥିରେ ପ୍ରତ୍ୟେକ ଚଳଗୁଡିକ ପର୍ଯ୍ୟାୟରେ ବାରମ୍ବାର ପ୍ରକାଶ ପାଏ । ବାରମ୍ବାରତା ତିଆରି ମୁଖ୍ୟ ପଦକ୍ଷେପଗୁଡିକ ନିମ୍ନରେ ଆଲୋଚନା କରାଯାଇଛି;

୧. ତିନୋଟି ସ୍ତମ୍ଭ ଥାଇ ସାରଣୀ ତିଆରି କରାଯିବ- ପ୍ରଥମ ସ୍ତମ୍ଭରେ ଚଳ ମୂଲ୍ୟ (ଲବ୍ଧାଙ୍କ), ଦ୍ୱିତୀୟ ସ୍ତମ୍ଭରେ ମେଳକ ପର୍ଦ୍ଦ ଏବଂ ତୃତୀୟ ସ୍ତମ୍ଭରେ ତତ୍ ସମ୍ବନ୍ଧୀୟ ବାରମ୍ବାରତାର ସ୍ଥାନ ରଖାଯିବ । ବାରମ୍ବାରତା ଅର୍ଥ ଗୋଟିଏ କେତେଥର ଗୋଟିଏ ସଂଖ୍ୟାର ମୂଲ୍ୟ ଗୋଟିଏ ପର୍ଯ୍ୟାୟରେ କେତେଥର ଆସୁଛି ? ଉଦାହରଣ : ୬.୧ ସାରଣୀରେ ୪୩





ପ୍ରାପ୍ତାଙ୍କଟି ୫ଥର ଆସିଛି । ତେଣୁ ୪୩ର ବାରମ୍ବାରତା ୫ଥର ।

୨. ପ୍ରଥମ ସ୍ତମ୍ଭରେ ସମସ୍ତ ବିଷୟକୁ ଆରୋହୀ ବା ଉର୍ଦ୍ଧ୍ୱ କ୍ରମରେ ଏପରି ରଖାଯିବ, ଯେପରି ପ୍ରତ୍ୟେକ ସାରଣୀରେ ସ୍ଥାନ ପାଇବ ।

୩. ବର୍ତ୍ତମାନ ଦ୍ୱିତୀୟ ସ୍ତମ୍ଭରେ ଗୋଟିଏ ଚଳ ପାଇଁ ଗୋଟିଏ ରେଖା ବା ଖାଡ଼ି (bar) ଦେଇ ମେଳକ ଫର୍ଦ୍ଦଟି ପ୍ରସ୍ତୁତ କରିବା । ଗଣନରେ ଅସୁବିଧା ନହେବା ପାଇଁ ପାଞ୍ଚୋଟି ମେଳକ ଖାଡ଼ିର ଛାଞ୍ଚ (block) ତିଆରି କରିବା । ନଜର କରିବା ଯେପରି ପ୍ରତ୍ୟେକ ପଞ୍ଚମ ଖାଡ଼ିଟି ପ୍ରଥମ ଚାରୋଟି ଖାଡ଼ି ଉପରେ ଆଡ଼ିବଣ୍ଡା (crossing the bar) ପରି ଲାଗିବ । ଯେପରି କୌଣସି ଚଳ ପଞ୍ଚମଥର ଆବିର୍ଭାବ ହେଲେ ମେଳକ ରେଖା ଉପରେ ଗୋଟିଏ ଛେଦ ରେଖା (crossing bar) ଦିଆଯିବ । ଏହିପରି ପାଞ୍ଚଟିକିଆ ମେଳକ ରେଖାପୁଞ୍ଜ ପ୍ରସ୍ତୁତ କରାଯିବ । ଉଦାହରଣ- ଦୁଇଟି ମେଳକ ରେଖାପୁଞ୍ଜି ମଧ୍ୟରେ ବ୍ୟବଧାନ ରଖାଯିବ ।

୪. ମେଳକ ରେଖାଗୁଡ଼ିକୁ ଗଣି ତୃତୀୟ ସ୍ତମ୍ଭରେ ମୋଟ ଖାଡ଼ି ସଂଖ୍ୟା ଲେଖିବା । ଏହି ସ୍ତମ୍ଭଟି ତତ୍‌ସମ୍ପର୍କିତ ବାରମ୍ବାରତା ଦେଖାଉଛି ।

୪୦ ଜଣ ପିଲାଙ୍କର ପ୍ରାପ୍ତାଙ୍କ ଦ୍ୱାରା ପ୍ରସ୍ତୁତ କରାଯାଇଥିବା ବାରମ୍ବାରତା ଧାଡ଼ି/ଆରେ ଆସ ବୁଝିବା । ସାରଣୀ ୬.୩ର ପ୍ରଥମ ସ୍ତମ୍ଭରେ ପ୍ରାପ୍ତାଙ୍କଗୁଡ଼ିକ ଆରୋହୀକ୍ରମରେ ସଜ୍ଜୀକରଣ ହୋଇଛି । ଏ ଦ୍ୱାରା କେବଳ ଅଧିକତମ ଏବଂ ନ୍ୟୂନତମ ମୂଲ୍ୟ ଜାଣିପାରିବା ନାହିଁ ଖାଡ଼ି ତିଆରି କରିବାକୁ ମଧ୍ୟ ସହଜ ହେବ । ବର୍ତ୍ତମାନ ପ୍ରତ୍ୟେକ ପ୍ରାପ୍ତାଙ୍କ ପାଇଁ ଗୋଟିଏ ଖାଡ଼ି (/) ଦ୍ୱିତୀୟ ସ୍ତମ୍ଭରେ ପ୍ରତ୍ୟେକ ବିଷୟ ଉପରେ ଆଡ଼ିଦଣ୍ଡା ଦିଆଯାଇ ତଥ୍ୟକୁ ନିର୍ଦ୍ଦେଶିତ କରାଯିବ ।

**ସାରଣୀ ୬.୩ ବାରମ୍ବାରତାରେ ୪୦ ଜଣ ପିଲାଙ୍କ ଦ୍ୱାରା ପ୍ରାପ୍ତାଙ୍କ**

| ପ୍ରାପ୍ତାଙ୍କ (Item) | ମେଳକ ଫର୍ଦ୍ଦ (Tally Sheet) | ବାରମ୍ବାରତା (Frequency) |
|---|---|---|
| ୩୦ | / | ୧ |
| ୨୫ | / | ୧ |
| ୨୭ | / | ୧ |
| ୨୮ | / | ୧ |
| ୩୦ | / | ୧ |
| ୩୧ | / | ୧ |
| ୩୨ | / | ୧ |



| ପ୍ରାପ୍ତାଙ୍କ (Item) | ମେଳକ ଫର୍ଦ୍ଦ (Tally Sheet) | ବାରମ୍ବାରତା (Frequency) |
|---|---|---|
| ୩୩ | / | ୧ |
| ୩୪ | / | ୧ |
| ୩୫ | // | ୨ |
| ୩୬ | / | ୧ |
| ୩୭ | / | ୧ |
| ୩୮ | // | ୨ |
| ୩୯ | / | ୧ |
| ୪୦ | /// | ୩ |
| ୪୨ | / | ୨ |
| ୪୩ | ///// | ୫ |
| ୪୫ | / | ୧ |
| ୪୬ | // | ୨ |
| ୪୭ | // | ୨ |
| ୪୮ | // | ୨ |
| ୪୯ | / | ୧ |
| ୫୦ | / | ୧ |
| ୫୧ | / | ୧ |
| ୫୩ | / | ୧ |
| ୫୪ | / | ୧ |
| ୫୬ | / | ୧ |
| ୫୮ | / | ୧ |

ବାରମ୍ବାରତା ଧାଡି/ଆରେର ମୁଖ୍ୟ ସୀମା ହେଉଛି ବର୍ଗର (group) ଲକ୍ଷଣ । ଯଥା- ଏହି ଉପାୟ ଆମକୁ ୪୦ରୁ ୪୫ ପ୍ରାପ୍ତାଙ୍କ ମଧ୍ୟରେ ପାଇଥିବା କେତେ ପିଲା ରହିଲେ, ତାହା ଜଣାଏ ନାହିଁ। ବିଭିନ୍ନ ବର୍ଗର ପିଲାମାନଙ୍କର ଲକ୍ଷଣର ତୁଳନା କରିବା ସମ୍ଭବ ହୁଏ ନାହିଁ । ବାରମ୍ବାରତା ବଣ୍ଟନ ଦ୍ୱାରା ଏହି ଅସୁବିଧା ଦୂର କରାଯାଇପାରିବ ।





**ଆସ ମନେ ରଖିବା :**

- ପାଇଥିବା ତଥ୍ୟକୁ ଅର୍ଥପୂର୍ଣ୍ଣ କରିବା ପାଇଁ ଏହାକୁ କ୍ରମରେ ସଜ୍ଜୀକରଣ କରାଯିବା ଉଚିତ ।
- ତଥ୍ୟକ୍ରମରେ ସଜ୍ଜୀକରଣ ଏବଂ ବର୍ଗୀକରଣ କରିବାର ପ୍ରକ୍ରିୟାକୁ ତଥ୍ୟର ସଂଗଠନ କୁହାଯାଏ । ତଥ୍ୟକୁ ବିଶ୍ଳେଷଣ କରିବାର ଏହା ପ୍ରଥମ ପର୍ଯ୍ୟାୟ ।
- ଆମେ ତଥ୍ୟକୁ ସହଜ ଧାଡ଼ି/ ଆରେ ବାରମ୍ବାରତା ଧାଡ଼ି/ଆରେ ସଜାଇବା ।
- ତଥ୍ୟର ଆରୋହୀ ଓ ଅବରୋହୀ କ୍ରମରେ ସଜାଇବାକୁ ସହଜ ଆରେ କୁହାଯାଏ । ବାରମ୍ବାରତା ଆରେ ହେଉଛି ବାରମ୍ବାରତା (ଗୋଟିଏ ପର୍ଯ୍ୟାୟରେ ଥିବା ବିଷୟର ବାରମ୍ବାରତା)କୁ ନେଇ ତିଆରି ହୋଇଥିବା ପର୍ଯ୍ୟାୟ ।

**ପ୍ରଶ୍ନ ୬.୨**

ଶୂନ୍ୟସ୍ଥାନ ପୂରଣ କର

(କ) ଗୋଟିଏ ସହଜ ଧାଡ଼ି/ଆରେରେ ତଥ୍ୟଗୁଡ଼ିକ ................... ପରି ସଜା ହୋଇଥାନ୍ତି । (କେବଳ ଆରୋହୀ କ୍ରମରେ, କେବଳ ଅବରୋହୀ କ୍ରମ, ଆରୋହୀ ଏବଂ ଅବରୋହୀ କ୍ରମରେ)

(ଖ) ଯଦି ବିଷୟର ସଂଖ୍ୟା ................... ହୋଇଥାଏ ତେବେ ସହଜ ଆରେର ତଥ୍ୟକୁ ସଂଗଠନ କରିବା ସହଜ ହୋଇଥାଏ । (ବଡ଼, ସାନ)

(ଗ) ତଥ୍ୟକୁ ............. ପ୍ରକାରରେ ସଜାଇବା, ଯଦି ବିଷୟର ସଂଖ୍ୟା (Item) ବେଶୀ ହୋଇଥାଏ (ସହଜ ଓ ବାରମ୍ବାରତା)

(ଘ) ବାରମ୍ବାରତା ଆରେ ଗୋଟିଏ ବର୍ଗର ତଥ୍ୟର........... ଲକ୍ଷଣ । (ଯୋଗାଏ, ଯୋଗାଏ ନାହିଁ) ।

୬.୩- ବାରମ୍ବାରତା ଆରେ ରେ ତଥ୍ୟଗୁଡ଼ିକ ବର୍ଗୀକରଣ ହୋଇନଥାଏ । ଏହାକୁ ବର୍ଗୀକରଣରେ ପ୍ରକାଶ କରିବା ପାଇଁ 'ବାରମ୍ବାରତା ବଣ୍ଟନ' ତିଆରି କରିବା ପାଇଁ ପଡ଼ିବ । ବାରମ୍ବାରତା ବଣ୍ଟନ ତଥ୍ୟକୁ ବର୍ଗୀକରଣ କରିଥାନ୍ତି । ଉଦାହରଣ : ୪୦ରୁ ୪୫ ପ୍ରାପ୍ତାଙ୍କ ରଖିଥିବା ଛାତ୍ରଛାତ୍ରୀଙ୍କ ସଂଖ୍ୟା ବାରମ୍ବାରତା ବଣ୍ଟନ ଦ୍ୱାରା ଜାଣିହେବ ।

**୧. ଶ୍ରେଣୀ : (Class)**

ଶ୍ରେଣୀ ହେଉଛି ବର୍ଗର ବିସ୍ତାର । ଦୁଇଟି ଶେଷ ସଂଖ୍ୟା ମଧ୍ୟରେ ଥିବା ବ୍ୟବଧାନକୁ



ଶ୍ରେଣୀର ସୀମା ଯଥା- ୨୦-୨୫, ୨୫-୩୦ ଇତ୍ୟାଦି, ୨୦-୨୪, ୨୫-୨୯ ଇତ୍ୟାଦି ଶ୍ରେଣୀ କୁହାଯାଏ ।

**୨. ଶ୍ରେଣୀର ସୀମା** (class limits)

ପ୍ରତ୍ୟେକ ଶ୍ରେଣୀର ଦୁଇଟି ସୀମା ଥାଏ। ନିମ୍ନସୀମା ($L_1$) ଏବଂ ଉର୍ଦ୍ଧ୍ୱସୀମା ($L_2$) କୁହାଯାଏ । ଉଦାହରଣ (୨୦ରୁ ୩୦) ଶ୍ରେଣୀରେ $L_1=20$, $L_2=30$

**୩. ଶ୍ରେଣୀ ବିସ୍ତାର** (class interval)

ଶ୍ରେଣୀର ଦୁଇଟି ସୀମା ମଧ୍ୟର ବ୍ୟବଧାନକୁ ଶ୍ରେଣୀ ବିସ୍ତାର କୁହାଯାଏ । ଏହ ଉର୍ଦ୍ଧ୍ୱସୀମାରୁ ନିମ୍ନସୀମାର ସଂଖ୍ୟାର ଫେଡାଣ ଫଳ ସହ ସମାନ । ଏହାକୁ ଶ୍ରେଣୀ ବିସ୍ତାର କୁହାଯାଏ । ଶ୍ରେଣୀ ମଧ୍ୟରେ = $L_1$-$L_2$, ଉଦାହରଣ- ୨୦ରୁ ୩୦ ଶ୍ରେଣୀରେ $L_1$-$L_2$ = ୩୦-୨୦=୧୦

**୪. ଶ୍ରେଣୀ ବାରମ୍ବାରତା** (class frequency)

ଶ୍ରେଣୀ ମଧ୍ୟରେ ଆସୁଥିବା ବିଷୟର ସମସ୍ତ ସଂଖ୍ୟା ଯାହାକି ମୂଲ୍ୟ L1 ଓ L2 ମଧ୍ୟରେ ରହିଥାଏ। ତାହାକୁ ଶ୍ରେଣୀ ବାରମ୍ବାରତା କୁହାଯାଏ। ଅର୍ଥାତ୍-ସାରଣୀ ୬.୪ରେ ଶ୍ରେଣୀ ବିଭାଗର (୪୦-୪୫ ମଧ୍ୟରେ) ଶ୍ରେଣୀ ବାରମ୍ବାରତା ୮ ସେହିପରି (୫୦-୫୫ ଶ୍ରେଣୀର) ବାରମ୍ବାରତା-୪ ।

**୫. ଶ୍ରେଣୀର ମଧ୍ୟବର୍ତ୍ତୀ ମୂଲ୍ୟ** (M.V.) Midpoint/Mid value)

ଶ୍ରେଣୀ ବିଭାଗରେ ଶ୍ରେଣୀ ବ୍ୟବଧାନର ମଧ୍ୟବର୍ତ୍ତୀ ମୂଲ୍ୟକୁ ମଧ୍ୟବର୍ତ୍ତୀ ବିନ୍ଦୁ କୁହାଯାଏ । ଶ୍ରେଣୀର ନିମ୍ନସ୍ତର ଓ ଉର୍ଦ୍ଧ୍ୱସ୍ତରର ମିଶାଣ ଫଳକୁ ୨ ଦ୍ୱାରା ଭାଗ କରି ମଧ୍ୟବର୍ତ୍ତୀ ବିନ୍ଦୁ ପାଇଥାଉ । ଏହା ଶ୍ରେଣୀର ଦୁଇସୀମାର ହାରାହାରୀ ମୂଲ୍ୟ। ଏହା ଶ୍ରେଣୀର ମଝିରେ ପଡିଥାଏ:

ମଧ୍ୟବର୍ତ୍ତୀ ମୂଲ୍ୟ (M.V.) $= \frac{L_1+L_2}{୨}$ କିମ୍ବା

ଉଦାହରଣ : ଶ୍ରେଣୀର ମଧ୍ୟବର୍ତ୍ତୀ ମୂଲ୍ୟ (୨୦-୩୦)ର $= \frac{୨୦+୩୦}{୨} = ୨୫$

ବାରମ୍ବାରତା ବଣ୍ଟନ ତିଆରି (Construction of Frequency Distribution)

ବାରମ୍ବାରତା ବଣ୍ଟନ ବିଭିନ୍ନ ପ୍ରକାରରେ ତିଆରି ହୋଇପାରିବ । ନିମ୍ନରେ ସେ ମଧ୍ୟରୁ କେତେଗୁଡିଏ ଆଲୋଚନା କରାଗଲା ।

(କ) ନିରବଚ୍ଛିନ୍ନ ଶ୍ରେଣୀ (Exclusive series)





(ଖ) ବିଚ୍ଛିନ୍ନ ଶ୍ରେଣୀ (Inclusive series)

(ଗ) ମୁକ୍ତ ଶ୍ରେଣୀ ବା ମୁକ୍ତ ସଂଭାଗ (Open end class)

(ଘ) ଅସମାନ ଶ୍ରେଣୀ (Unequal class)

(ଙ) ରାଶିକୃତ ବାରମ୍ବାରତା (Cumulative frequency)

(କ) ନିରବଚ୍ଛିନ୍ନ ଶ୍ରେଣୀ (Exclusive Series)

ଏ ପ୍ରକାର ଶ୍ରେଣୀ ବିଭାଗରେ ସାଧାରଣତଃ ଊର୍ଦ୍ଧ୍ୱସୀମା ($L_2$)କୁ ମେଳକ ରେଖା ପ୍ରସ୍ତୁତ କଲାବେଳେ ବାଦ ଦିଆଯାଇଥାଏ । ଊର୍ଦ୍ଧ୍ୱସୀମାକୁ ପରବର୍ତ୍ତୀ ପର୍ଯ୍ୟାୟ/ଶ୍ରେଣୀରେ ଗଣନା କରାଯାଏ ।

ଉଦାହରଣ- ୨୦-୨୫ ମଧ୍ୟରେ ଥିବା ଶ୍ରେଣୀରେ ୨୦ରୁ ୨୫ରୁ କମ୍ ଅର୍ଥାତ୍ ୨୦ରୁ ଆରମ୍ଭ କରି ୨୫ ପର୍ଯ୍ୟନ୍ତ କିନ୍ତୁ ୨୫ ସଂଖ୍ୟାଟି ପରବର୍ତ୍ତୀ ଶ୍ରେଣୀ ଗଣନ କରାଯାଏ ଅର୍ଥାତ୍ (୨୫-୩୦) ଶ୍ରେଣୀରେ ।

ନିମ୍ନ ସାରଣୀଟିକୁ ଦେଖ :

**ସାରଣୀ ୬.୪ ବାରମ୍ବାରତା ବଣ୍ଟନ ପ୍ରସ୍ତୁତ (ନିରବଚ୍ଛିନ୍ନ ପ୍ରକାର)**

| ଶ୍ରେଣୀ ଅନ୍ତରାଳ | ମେଳକ ରେଖା | ବାରମ୍ବାରତା (s) |
|---|---|---|
| ୨୦-୨୫ | I | ୧ |
| ୨୫-୩୦ | III | ୩ |
| ୩୦-୩୫ | ~~IIII~~ | ୫ |
| ୩୫-୪୦ | II | ୨ |
| ୪୦-୪୫ | ~~IIII~~ ~~IIII~~ | ୮ |
| ୫୦-୫୫ | ~~IIII~~ | ୪ |
| ୫୫-୬୦ | II | ୨ |

ମୋଟ ବାରମ୍ବାରତା -୨୫

(ଖ) ବିଚ୍ଛିନ୍ନ ଶ୍ରେଣୀ (Inclusive series)

ଏ ପ୍ରକାର ଶ୍ରେଣୀରେ ପରବର୍ତ୍ତୀ ଶ୍ରେଣୀର ନିମ୍ନସୀମା ଗୋଟିଏ ବଢ଼ି ପୂର୍ବବର୍ତ୍ତୀ ଶ୍ରେଣୀ



ଅନ୍ତରାଳର ଊର୍ଦ୍ଧ୍ୱସୀମା ହେବ । ଅର୍ଥାତ୍ ଶ୍ରେଣୀ ଅନ୍ତରାଳର ଦୁଇଟିଯାକ ସୀମା ଊର୍ଦ୍ଧ୍ୱ ନିମ୍ନ ସେହି ଶେଣୀ ଅନ୍ତରାଳରେ ଅନ୍ତର୍ଭୁକ୍ତ ହେବ । ସେଥିପାଇଁ ଏହାକୁ ବିଚ୍ଛିନ୍ନ ଶ୍ରେଣୀ ବିଭାଗ କୁହାଯାଏ ।

ଉଦାହରଣ : (୨୦-୨୪) ଶ୍ରେଣୀ ଅନ୍ତରାଳରେ ୨୦ ଏବଂ ୨୪ ଦୁଇଟି ସଂଖ୍ୟା ସୀମା ସେହି ଶ୍ରେଣୀ ଅନ୍ତରାଳରେ ରହିବେ । ସେହିପରି (୪୦-୪୪) ଶ୍ରେଣୀ ଅନ୍ତରାଳରେ ୪୦ ଏବଂ ୪୪ ଉଭୟ ସଂଖ୍ୟା ସୀମା ସେହି ଶ୍ରେଣୀ ଅନ୍ତରାଳରେ ରହିବେ ।

**୬.୫ ବିଚ୍ଛିନ୍ନ ଶ୍ରେଣୀର ବାରମ୍ବାରତା ବଣ୍ଟନର ପ୍ରସ୍ତୁତ ସାରଣୀ**

| ଶ୍ରେଣୀ ଅନ୍ତରାଳ(Class) | ମେଳକ ରେଖା (Tally Bar) | ବାରମ୍ବାରତା (F) |
|---|---|---|
| ୨୦-୨୪ | \| | ୧ |
| ୨୫-୨୯ | \|\|\| | ୩ |
| ୩୦-୩୪ | 卌 | ୫ |
| ୩୫-୩୯ | 卌 \|\| | ୭ |
| ୪୦-୪୪ | 卌 \|\|\|\| | ୧୦ |
| ୪୫-୪୯ | 卌 \|\|\| | ୮ |
| ୫୦-୫୪ | \|\|\|\| | ୪ |
| ୫୫-୫୯ | \|\| | ୨ |
| | | ମୋଟ ବାରମ୍ବାରତା-୪୦ |

(ଗ) ମୁକ୍ତ ଶ୍ରେଣୀ ବା ମୁକ୍ତ ସଂଭାଗ : (Open end classes)

କୌଣସି ଶ୍ରେଣୀର ଊର୍ଦ୍ଧ୍ୱସୀମା ବା ନିମ୍ନସୀମା (ଯେକୌଣସି ଗୋଟିଏ ସୀମା ନଥିଲେ) ତାହାକୁ ମୁକ୍ତ ଶ୍ରେଣୀ ବା ମୁକ୍ତ ସଂଭାଗ କୁହାଯାଏ । ବେଳେ ବାରମ୍ବାରତା ବିତରଣରେ ପ୍ରଥମ ଶ୍ରେଣୀର ନିମ୍ନ ସୀମା ବା ଶେଷ ଶ୍ରେଣୀର ଊର୍ଦ୍ଧ୍ୱସୀମା ବା ଉଭୟ ଦିଆଯାଇନଥାଏ । *୬.୬* ସାରଣୀରେ ପ୍ରଥମ ଶ୍ରେଣୀ ଓ ଶେଷ ଶ୍ରେଣୀର ଅର୍ଥାତ୍ ୨୫ରୁ ତଳକୁ ଏବଂ ୫୫ ଉପରକୁ ହେଲା ମୁକ୍ତ ଶ୍ରେଣୀ ।





**୬.୬ ସାରଣୀ : ମୁକ୍ତି ଶ୍ରେଣୀର ବାରମ୍ବାରତା ବିତରଣ**

| ଶ୍ରେଣୀ ଅନ୍ତରାଳ | ମେଳକ ରେଖା | ବାରମ୍ବାରତା (F) |
|---|---|---|
| ୨୫ରୁ ତଳକୁ | \| | ୧ |
| ୨୫-୩୦ | \|\|\| | ୩ |
| ୩୦-୩୫ | 卌 | ୫ |
| ୩୫-୪୦ | 卌 \|\| | ୭ |
| ୪୦-୪୫ | 卌 卌 | ୧୦ |
| ୪୫-୫୦ | 卌 \|\|\| | ୮ |
| ୫୦-୫୫ | 卌 | ୪ |
| ୫୫ ଓ ତା ଉପରକୁ | \|\| | ୨ |
| | | ମୋଟ ବାରମ୍ବାରତା-୪୦ |

## (ଗ) ଅସମାନ ଶ୍ରେଣୀ (Unequal classes)

ଅସମାନ ଶ୍ରେଣୀର ବାରମ୍ବାରତା ବଣ୍ଟନରେ ବିଭିନ୍ନ ଶ୍ରେଣୀର ବିସ୍ତାର ($L_1$, $L_2$) ସମାନ ହେବା ଆବଶ୍ୟକ ନୁହେଁ । ସାରଣୀ ୬.୭ରେ (୩୦-୪୦) ଶ୍ରେଣୀ ଅନ୍ତରାଳ ବିସ୍ତାର ହେଉଛି ୧୦ ଏବଂ (୪୦-୫୫) ଶ୍ରେଣୀ ଅନ୍ତରାର ବିସ୍ତାର ୧୫ ।

ସାରଣୀ ୬.୭ :

ଅସମାନ ଶ୍ରେଣୀ ବାରମ୍ବାରତା ବଣ୍ଟନ

| ଶ୍ରେଣୀ ଅନ୍ତରାଳ | ମେଳକ ରେଖା | ବାରମ୍ବାରତା (F) |
|---|---|---|
| ୨୦-୨୫ | \| | ୧ |
| ୨୫-୩୦ | \|\|\| | ୩ |
| ୩୦-୪୦ | 卌 卌 \|\| | ୧୨ |
| ୪୦-୪୫ | 卌 卌 卌 卌 \|\| | ୨୨ |
| ୫୫-୬୦ | \|\| | ୨ |
| | | ମୋଟ ବାରମ୍ବାରତା ୪୦ |



(ଘ) ରାଶିକୃତ ବାରମ୍ବାରତା (Cumulative Frequency)

ଏକ ରାଶିକୃତ ବାରମ୍ବାରତା ପାଇଁ ଆମକୁ ଆନୁକ୍ରମିକ (successive) ମୋଟକୁ ନେବାକୁ ପଡିବ । ଏହି ମୋଟ ଦୁଇ ପ୍ରକାରରେ ପ୍ରସ୍ତୁତ କରାଯାଏ ।

ଘ-୧- ଊର୍ଦ୍ଧ୍ୱରୁ (From above) ଯେପରି, ୧,୪ (ଅର୍ଥାତ୍ ୧+୩), ୯ (ଅର୍ଥାତ୍ ୪+୫), ୧୬ (ଅର୍ଥାତ୍ ୯+୭), ଇତ୍ୟାଦି । ଏପରି ବାରମ୍ବାରତା ବଣ୍ଟନକୁ ପୂର୍ବାପେକ୍ଷା କମ୍ ରାଶିକୃତ ବାରମ୍ବାରତାର ବଣ୍ଟନ କରିଥାଉ, ଏହା ମୋଟ ବାରମ୍ବାରତାର ସଂଖ୍ୟା ଗୋଟିଏ ନିର୍ଦ୍ଦିଷ୍ଟ ମୂଲ୍ୟରୁ କମ୍ । ଉଦାହରଣ ୪ (ଅର୍ଥାତ୍ ୧+୩) ଛାତ୍ରମାନେ ଯେଉଁମାନେ ୩୦ରୁ ପ୍ରାପ୍ତାଙ୍କ ପାଇଛନ୍ତି । ସେହିପରି ୯ (ଅର୍ଥାତ୍ ୪+୫) ଛାତ୍ରମାନେ ୩୫ରୁ କମ୍ ପ୍ରାପ୍ତାଙ୍କ ପାଇଛନ୍ତି ।

**୬.୮ ସାରଣୀ : 'ପୂର୍ବାପେକ୍ଷା କମ୍' ରାଶିକୃତ ବାରମ୍ବାରତାର ବଣ୍ଟନ**

| ଶ୍ରେଣୀ | ରାଶିକୃତ ବାରମ୍ବାରତା |
|---|---|
| ୨୫ରୁ କମ୍ | ୧ |
| ୩୦ରୁ କମ୍ | ୪(୧+୩) |
| ୩୫ରୁ କମ୍ | ୯ (୪+୫) |
| ୪୦ରୁ କମ୍ | ୧୬ (୯+୭) |
| ୪୫ରୁ କମ୍ | ୨୬ (୧୬+୧୦) |
| ୫୦ରୁ କମ୍ | ୩୪ (୨୬+୮) |
| ୫୫ରୁ କମ୍ | ୩୮ (୩୪ +୪) |
| ୬୦ରୁ କମ୍ | ୪୦ (୩୮+୨) |

ଘ-୨ ନିମ୍ନରୁ (From below)

ଯଥା, ୨, ୬ (ଅର୍ଥାତ୍ ୨+୪), ୧୪ (ଅର୍ଥାତ୍ ୬+୮), (୨୪ (ଅର୍ଥାତ୍ ୧୪+୧୦) ଇତ୍ୟାଦି । ଏପରି ବିତରଣକୁ ପୂର୍ବାପେକ୍ଷା ଅଧିକ ରାଶିକୃତ ବାରମ୍ବାରତା ବଣ୍ଟନ କୁହାଯାଏ । ଏହା ମୋଟ ବାରମ୍ବାରତା ଠାରୁ ନିର୍ଦ୍ଦିଷ୍ଟ ମୂଲ୍ୟ ଅଧିକ ଥିବା ପ୍ରାପ୍ତାଙ୍କ । ଉଦାହରଣ : ଏଠାରେ ୬ (ଅର୍ଥାତ୍ ୨+୪) ଛାତ୍ରଛାତ୍ରୀ ଯେଉଁମାନେ ୫୦ ବା ତା ଠାରୁ ଅଧିକ ପ୍ରାପ୍ତାଙ୍କ ହାସଲ କରିଛନ୍ତି । ୧୪ (ଅର୍ଥାତ ୨+୪+୮) ଛାତ୍ରଛାତ୍ରୀ ଯେଉଁମାନେ ୪୫ ବା ତା'ଠାରୁ ଅଧିକ ନମ୍ବର ରଖିଛନ୍ତି ।



**୬.୯ ସାରଣୀ : ପୂର୍ବାପେକ୍ଷା ଅଧିକ ରାଶିକୃତ ବାରମ୍ବାରତା ବଣ୍ଟନ**

| ଶ୍ରେଣୀ | ରାଶିକୃତ ବାରମ୍ବାରତା (cf) |
|---|---|
| ୨୦ରୁ ବେଶୀ | ୪୦ |
| ୨୫ରୁ ବେଶୀ | ୩୯ (୪୦-୧) |
| ୩୦ରୁ ବେଶୀ | ୩୬ (୩୯-୩) |
| ୩୫ରୁ ବେଶୀ | ୩୧ (୩୬-୫) |
| ୪୦ରୁ ବେଶୀ | ୨୪ (୩୧-୭) |
| ୪୫ରୁ ବେଶୀ | ୧୪ (୨୪-୧୦) |
| ୫୦ରୁ ବେଶୀ | ୬ (୧୪-୮) |
| ୫୫ରୁ ବେଶୀ | ୨ (୬-୪) |

**ଆସ ମନେ ରଖିବା :**

- ବାରମ୍ବାରତା ବଣ୍ଟନ ତିଆରି କଲାବେଳେ ଶ୍ରେଣୀ, ଶ୍ରେଣୀର ସୀମା, ଶ୍ରେଣୀ ଅନ୍ତରାଳ, ଶ୍ରେଣୀ ବାରମ୍ବାରତା ଏବଂ ମଧ୍ୟ ମୂଲ୍ୟର ଆଦି ଧାରଣାର ବ୍ୟବହାର ଜାଣିବା ଦରକାର ।
- ଶ୍ରେଣୀ ହେଉଛି ଦୁଇଟି ସୀମା ଥାଇ ଗୋଟିଏ ବର୍ଗର ବିସ୍ତାର ($L_1$ & $L_2$) *
- ଦୁଇଟି ଶ୍ରେଣୀର (ଉର୍ଦ୍ଧ୍ୱ ଓ ନିମ୍ନ ସୀମା) ସୀମାକୁ ବ୍ୟବଧାନ ଶ୍ରେଣୀ ଅନ୍ତରାଳ ବା ଶ୍ରେଣୀର ବିସ୍ତାର କହିଥାଉ ।
- ଗୋଟିଏ ନିର୍ଦ୍ଦିଷ୍ଟ ଶ୍ରେଣୀରେ ରହୁଥିବା ମୋଟ ବିଷୟକୁ ଶ୍ରେଣୀ ବାରମ୍ବାରତା କୁହାଯାଏ ।
- ହାରାହାରି ଶ୍ରେଣୀସୀମାକୁ ମଧ୍ୟବର୍ତ୍ତୀ ମୂଲ୍ୟ ବା ମଧ୍ୟବର୍ତ୍ତୀ ବିନ୍ଦୁ କହିଥାଉ ।
- ବାରମ୍ବାରତା ବିତରଣ ବିଭିନ୍ନ ପ୍ରକାରର ଅଛି : (କ) ନିରବଚ୍ଛିନ୍ନ (ଖ) ବିଚ୍ଛିନ୍ନ (ଗ) ମୁକ୍ତ (ଘ) ଅସମାନ ଶ୍ରେଣୀ ଏବଂ (ଙ) ରାଶିକୃତ

### ୬.୩ ପ୍ରଶ୍ନ

ବନ୍ଧନୀ ମଧ୍ୟରୁ ଉପଯୁକ୍ତ ଶବ୍ଦ ବାଛି ଶୂନ୍ୟସ୍ଥାନ ପୂରଣ କର

(କ) ବାରମ୍ବାରତା ବିତରଣ ................ ତଥ୍ୟକୁ ବର୍ଗରେ ପ୍ରକାଶ କରେ । (ବିଭାଗୀକରଣ,



ବିଭାଗୀକରଣ ହୋଇନଥିବା)

(ଖ) ଶ୍ରେଣୀର ଦୁଇଟି ସୀମା ମଧ୍ୟରେ ଥିବା ବ୍ୟବଧାନକୁ ................... । (ଶ୍ରେଣୀ ଅନ୍ତରାଳ, ଶ୍ରେଣୀ ସୀମା)

(ଗ) ଏକ ନିରବଚ୍ଛିନ୍ନ ବାରମ୍ବାରତା ବିତରଣରେ ଗୋଟିଏ ବିଷୟର ମୂଲ୍ୟ ଯଦି ଉର୍ଦ୍ଧ୍ୱସୀମା ସହ ସମାନ ହୁଏ । ତେବେ ଏହା ....................ରେ ଗଣନା କରାଯିବ। (ସେହି ଶ୍ରେଣୀ, ପରବର୍ତ୍ତୀ ଶ୍ରେଣୀ)

ଘ. ବିଚ୍ଛିନ୍ନ ବାରମ୍ବାରତା ବିତରଣରେ ଉର୍ଦ୍ଧ୍ୱସୀମାର ମୂଲ୍ୟ ସହ ସମାନ ଥିବା ମୂଲ୍ୟର ବିଷୟଟି ............... ଶ୍ରେଣୀରେ ଗଣାଯାଏ । (ସେହି, ପରବର୍ତ୍ତୀ)

ଙ. ବାରମ୍ବାରତାର ଆନୁକ୍ରମିକ ମୋଟକୁ ନେଇ ଯେଉଁ ବାରମ୍ବାରତା ବିତରଣ ଶ୍ରେଣୀ ତିଆରି କରାଯାଏ, ତାହାକୁ ................... ବାରମ୍ବାରତା ବିତରଣ କୁହାଯାଏ। (ମୁକ୍ତ ଶ୍ରେଣୀ, ରାଶିକୃତ ବାରମ୍ବାରତା)

**ଶିକ୍ଷଣ କାର୍ଯ୍ୟ :**

୧. ଘର ପାଖ ଅଞ୍ଚଳର ୩୦ ଜଣ ଲୋକ ବୟସକୁ ନେଇ ଗୋଟିଏ ଲେଖାଏଁ ନିରବଚ୍ଛିନ୍ନ ଏବଂ ବିଚ୍ଛିନ୍ନ ବାରମ୍ବାରତା ବିତରଣ ଚାର୍ଟ ତିଆରି କର ।

୨. ଦୈନିକ ଖବରକାଗଜରୁ ପ୍ରତିଦିନ ତୁମ ସହରର ସର୍ବାଧିକ ତାପମାତ୍ରା (୩୦ ଦିନର) ସଂଗ୍ରହ କରି ନିରବଚ୍ଛିନ୍ନ ଏବଂ ବିଚ୍ଛିନ୍ନ ବାରମ୍ବାରତା ବିତରଣ ଚାର୍ଟ ତିଆରି କର । ଶ୍ରେଣୀ ଅନ୍ତରାଳ ୧-୫ ଡିଗ୍ରୀ ସେଲସିୟସ ଏବଂ ଅନ୍ୟୂନ ୫ଟି ଶ୍ରେଣୀ ବିଭାଗ ରଖାଯିବ ।

## ଏ ପର୍ଯ୍ୟନ୍ତ ଆମେ ଶିଖିଲେ

- ଯେକୌଣସି ପ୍ରକାର ପରିସଂଖ୍ୟାନ ଅନୁସନ୍ଧାନ ନିମନ୍ତେ ତଥ୍ୟ ଦୁଇ ପ୍ରକାରରେ ସଂଗ୍ରହ କରାଯାଏ ଯଥା :
- ଅନୁସନ୍ଧାନକାରୀ ନିଜେ ସଂଗ୍ରହ କରନ୍ତି ଏହାକୁ ପ୍ରାଥମିକ ତଥ୍ୟ କୁହାଯାଏ। କିମ୍ବା ସେ ଅନ୍ୟାନ୍ୟ ଉତ୍ସରୁ ତଥ୍ୟ ସଂଗ୍ରହ କରନ୍ତି ଯଥା : ପୂର୍ବରୁ ଅନ୍ୟ କାହା ଦ୍ୱାରା ସଂଗୃହୀତ ତଥ୍ୟ ଏହାକୁ ପରୋକ୍ଷ ତଥ୍ୟ କୁହାଯାଏ।
- ଭାରତରେ ବିଭିନ୍ନ ପ୍ରକାର ସଂସ୍ଥା ଏହି ପରୋକ୍ଷ ତଥ୍ୟ ଯୋଗାଇଥାଆନ୍ତି (CSO), ନ୍ୟାସନାଲ ସାମ୍ପଲ ସର୍ଭେ ଅରଗାନାଇଜେସନ (NSSO), ଭାରତୀୟ ରିଜର୍ଭ ବ୍ୟାଙ୍କ (RBI), ଇତ୍ୟାଦି ।





- ସାଧାରଣତଃ ସଂଗୃହୀତ ତଥ୍ୟଗୁଡ଼ିକ ଅସଜଡା ଭାବେ ରହିଥାଏ । ସେଥିପାଇଁ ସେଗୁଡିକ କାର୍ଯ୍ୟରେ ଲଗାଇବା ପୂର୍ବରୁ ତାକୁ ସଜାଡି ଅର୍ଥାତ୍ କ୍ରମରେ ସଜଡାଯାଏ । ଏହାକୁ ତଥ୍ୟର ସଜ୍ଜୀକରଣ କୁହାଯାଏ ।
- ତଥ୍ୟକୁ ସଜ୍ଜୀକରଣ କରିବା ଉପାୟଗୁଡିକ ହେଲା, ସହଜ ଆରେ/ଧାଡି, ବାରମ୍ବାରତା ଆରେ ଏବଂ ବାରମ୍ବାରତା ବଣ୍ଟନ ଆରେ ମଧ୍ୟ ଦୁଇ ପ୍ରକାର ଯଥା : (୧) ସହଜ ଆରେ, ବା (୨) ବାରମ୍ବାରତା ଆରେ ।
- ଯେତେବେଳେ ସହଜ ବାରମ୍ବାରତା ପର୍ଯ୍ୟାୟକ୍ରମର ମୋଟ ବାହାର କରାଯାଏ, ତାହାକୁ ରାଶିକୃତ ବାରମ୍ବାରତା ବଣ୍ଟନ କୁହାଯାଏ ।
- ବାରମ୍ବାରତା ବଣ୍ଟନର କାର୍ଯ୍ୟ ପାଇଁ ମେଳକ ଫର୍ଦ୍ଦ ବା ମେଳକ ରେଖା ତିଆରି କରିବାକୁ ପଡିବ ।
- ବାରମ୍ବାରତା ବଣ୍ଟନ, ତିଆରି କଲାବେଳେ, ଶ୍ରେଣୀର ସଂଖ୍ୟା, ଶ୍ରେଣୀ ସୀମା, ଶ୍ରେଣୀ ବ୍ୟବଧାନ ଆଦି ଉପରେ ଗୁରୁତ୍ୱ ଦେବାକୁ ପଡେ ।
- ଶ୍ରେଣୀ ବର୍ଗର ବିସ୍ତାର, ଯେଉଁଥିରେ ଦୁଇଟି ସୀମା ଥାଏ ଯାହାକୁ ଊର୍ଦ୍ଧ୍ୱକ୍ରମର ସୀମା (Upper Limit, $L_1$), ଏବଂ ନିମ୍ନକ୍ରମର ସୀମା (Lower Limit ବା L2), କହିଥାଉ ।
- ଗୋଟିଏ ନିର୍ଦ୍ଦିଷ୍ଟ ଶ୍ରେଣୀ ମଧ୍ୟରେ ପଡୁଥିବା ସମସ୍ତ ବିଷୟର ସଂଖ୍ୟାକୁ ଶ୍ରେଣୀ ବାରମ୍ବାରତା କହିଥାଉ ।
- ବିଭିନ୍ନ ପ୍ରକାରର ବାରମ୍ବାରତା ବଣ୍ଟନ ନିମ୍ନରେ ଆଲୋଚନା କରାଗଲା :

  (କ) ଶ୍ରେଣୀ ବ୍ୟବଧାନ ପ୍ରସ୍ତୁତ କଲାବେଳେ ଶ୍ରେଣୀର ଊର୍ଦ୍ଧ୍ୱସୀମାକୁ ବାଦ ଦିଆଯାଇଥାଏ । ଏହାକୁ ପରବର୍ତ୍ତୀ ଶ୍ରେଣୀ ବ୍ୟବଧାନରେ ନିଆଯାଇଥାଏ । ଏହାକୁ ନିରବଚ୍ଛିନ୍ନ ପ୍ରକାରର କୁହାଯାଏ ।

  (ଖ) ବିଚ୍ଛିନ୍ନ ପ୍ରକାରରେ ଶ୍ରେଣୀର ଊର୍ଦ୍ଧ୍ୱସୀମାର ସଂଖ୍ୟାକୁ ସେହି ଶ୍ରେଣୀ ବ୍ୟବଧାନରେ ନିଆଯାଏ ।

  (ଗ) ମୁକ୍ତି ଶ୍ରେଣୀ ଯେପରି (୨୫ରୁ କମ୍) ଏବଂ (୫୫ରୁ ବେଶୀ)

  (ଘ) ଶ୍ରେଣୀ ଅସମାନତାରେ ଶ୍ରେଣୀର ବିସ୍ତାର ଓ ଶ୍ରେଣୀ ବ୍ୟବଧାନ ଭିନ୍ନ ଭିନ୍ନ ଶ୍ରେଣୀର ଭିନ୍ନ ଭିନ୍ନ ହୋଇଥାଏ । ଯେପରି (୨୦-୨୫), ୨୫-୩୦), (୩୦-୪୦) ଇତ୍ୟାଦି ।



(ଙ) ଯେତେବେଳେ ସହଜ ବାରମ୍ବାରତାରେ ନିମ୍ନରୁ କ୍ରମରୁ ମୋଟ ଓ ଊର୍ଦ୍ଧ୍ୱରୁ କ୍ରମର ମୋଟ ବାହାର କରାଯାଏ, ତାହାକୁ ରାଶିକୃତ "ପୂର୍ବାପେକ୍ଷା ଅଧିକ" ବା "ପୂର୍ବାପେକ୍ଷା କମ୍" କୁହାଯାଏ ।

**ରାଶିକୃତ** : କ୍ରମର ମୋଟ । ଯାହା ଆସ୍ତେ ଆସ୍ତେ ଗୋଟିଏ ପରେ ଗୋଟିଏ ପରିମାଣରେ ବଢିଥାଏ ।

**ସଂକ୍ଷିପ୍ତ** : ଏକ ବିଶାଳ ପରିମାଣର ତଥ୍ୟକୁ କାର୍ଯ୍ୟକାରୀ କରିବା ପାଇଁ ତା'ର ଉପଯୋଗିତା ନଷ୍ଟ ନକରି ଛୋଟ ଓ ସଂକ୍ଷିପ୍ତ (condinsation) କରିବା ।

**ଅନୁକାରକ (Respondent)** : ଅନୁକାରକ ହେଉଛନ୍ତି ଜଣେ ବ୍ୟକ୍ତି ଯେ ଉଠିଥିବା ପ୍ରଶ୍ନର ଉତ୍ତର ଦିଅନ୍ତି । ଯେତେବେଳେ ଅନୁସନ୍ଧାନକାରୀ ପ୍ରଶ୍ନାବଳୀ ଉତ୍ତର ପାଇବା ନିମନ୍ତେ ଯାହା ନିକଟରେ ପହଞ୍ଚିଥାଆନ୍ତି ଏବଂ ଉତ୍ତର ପାଆନ୍ତି ।

**ଅନୁକ୍ରମ (Sequence)** : ସାଧାରଣତଃ ଅନୁକ୍ରମ ଅର୍ଥ ଘଟଣା ବା ଧାରଣାକୁ କ୍ରମ ଓ ଭାଷା ବ୍ୟବହାର କରି ସଜାଡିବା । ପରିସଂଖ୍ୟାନରେ କେତେକ ନୀତି ଉପରେ ପରିବେଷିତ ଶ୍ରେଣୀ ସଂଖ୍ୟା ଅନୁକ୍ରମରେ ସଜାଡିବା ଯଥା : ସଂଖ୍ୟାର ୨ ୫ ଅନୁକ୍ରମରେ ବଢିବା ଅର୍ଥାତ୍ ୨, ୭, ୧୨, ୧୭, ୨୨ ଇତ୍ୟାଦି । ଏହି ପ୍ରକାର ସଂଖ୍ୟାକୁ ଆରୋହୀ ପଦ୍ଧତିରେ ଅନୁକ୍ରମ କୁହାଯାଏ । ଯଦି ଏହିଗୁଡିକ ଅନ୍ୟ ପ୍ରକାରରେ ସଜାଡିବା ଅର୍ଥାତ୍ ୨୨, ୧୭, ୧୨, ୭, ୨ ତେବେ ଏହାକୁ ଅବରୋହୀ ପଦ୍ଧତିର ଅନୁକ୍ରମ କୁହାଯାଏ ।

**ମେଳକ (Tally sheet)** : ଗୋଟିଏ ଶ୍ରେଣୀ ସଂଖ୍ୟାର ପ୍ରତ୍ୟେକ ମୂଲ୍ୟକୁ ଏକ ଖାଡି (ଏକ) ଭାବେ (/) ଲେଖାଯାଏ ।

**ତଥ୍ୟ (Data)** : କାର୍ଯ୍ୟାଳୟ ଅର୍ଥାତ୍ ପରିସଂଖ୍ୟାନ ସୂଚନା- ଜନଗଣନା, କର୍ମଯୋଗାଣ, ଦରଦାମ, ଆମଦାନୀ, ରପ୍ତାନି ଆଦିର । ଏହାକୁ ସଂଗ୍ରହ କରିବା, ବିଶ୍ଳେଷଣ କରିବା ସହ ସରକାରୀ ସ୍ତରରେ ବାଣିଜ୍ୟିକ କ୍ଷେତ୍ର ତଥା ଶିଳ୍ପ ସଂସ୍ଥା ଏବଂ ଅନ୍ୟାନ୍ୟ ଗବେଷଣା ସଂସ୍ଥାମାନଙ୍କ ଦ୍ୱାରା ପ୍ରକାଶ କରାଯାଇଥାଏ ।





## প্রশ্নাবলী :

১. প্রাথমিক এবং পরোক্ষ তথ্য মধ্যরে পার্থক্যকু বুঝাঅ । প্রাথমিক তথ্য সংগ্রহর পদ্ধতি লেখ ।

২. পরোক্ষ তথ্য ক'ণ ? এহার উত্স (ভারতীয)গুডিক সম্পর্করে আলোচনা কর ।

৩. সহজ আরে এবং বারম্বারতা আরে মধ্যরে পার্থক্যকু উদাহরণ মাধ্যমরে বুঝাঅ ।

৪. নিম্ন তথ্যগুডিকু ব্যবহার করি এক সহজ আরে প্রস্তুত কর : গোটিএ কারখানার ২০ জণ শ্রমিকঙ্ক মজুরী : ৪৫০, ৫৮০, ৫৪০, ৬২০, ৪০০, ৪৭৫, ৫০০, ৪৮০, ৬২০, ৫৭০, ৬০০, ৬৫০, ৪১০, ৫৫০ ৬০০, ৬৫০, ৪৫০ ।

৫. 'বারম্বারতা বণ্টন'র ধারণাকু বুঝাঅ । এহা কিপরি বারম্বারতা আরে ঠারু ভিন্ন ?

৬. ৪ নম্বর তথ্যকু নেই এক বারম্বারতা বণ্টন নিরবচ্ছিন্ন পদ্ধতি মাধ্যমরে প্রকাশ কর ।

৭. বারম্বারতা বণ্টনর 'নিরবচ্ছিন্ন' তথা 'বিচ্ছিন্ন পদ্ধতি' মধ্যরে পার্থক্য উদাহরণ মাধ্যমরে বুঝাঅ ।

৮. সংক্ষিপ্ত টিপ্পণী লেখ :

(ক) মুক্ত বারম্বারতা বণ্টন

(খ) অসমানতা শ্রেণীকু নেই বারম্বারতা বণ্টন

(গ) রাশিকৃত বারম্বারতা বণ্টন

## উত্তর

### ৬.১

১ (ক) প্রাথমিক (খ) অনুসন্ধানকারী (গ) জাতীয অর্থনীতি,

২ (ক) ভুল (খ) ভুল (গ) ঠিক্

### ৬.২

(ক) আরোহী বা অবরোহী ক্রমরে, (খ) ছোট, (গ) বারম্বারতা, (ঘ) দিআযাউনাহিঁ ।

### ৬.৩

(ক) বিভাগীকরণ, (খ) শ্রেণী অন্তরাল, (গ) পরবর্ত্তী, (ঘ) রাশিকৃত

(১) ৬.১ (ক) ও (খ) পঢ



(୨) ୬.୧ (କ) ଏବଂ (ଗ) ପଢ

(୩) ୬.୨ (କ) ପଢ

୪ (କ)

| | | | |
|---|---|---|---|
| ୪୦୦ | ୪୮୦ | ୫୫୦ | ୬୦୦ |
| ୪୧୦ | ୪୮୦ | ୫୭୦ | ୬୨୦ |
| ୪୫୦ | ୪୮୦ | ୫୮୦ | ୬୨୦ |
| ୪୫୦ | ୫୦୦ | ୬୦୦ | ୬୫୦ |
| ୪୭୫ | ୫୪୦ | ୬୦୦ | ୬୫୦ |

(ଖ) ମେଳକ ଫର୍ଦ୍ଦ ପ୍ରସ୍ତୁତ

| ଆୟ (ଟଙ୍କା) | ମେଳକ | ବାରମ୍ବାରତା(f) |
|---|---|---|
| ୪୦୦ | I | ୧ |
| ୪୧୦ | I | ୧ |
| ୪୫୦ | II | ୨ |
| ୪୭୫ | I | ୧ |
| ୪୮୦ | III | ୩ |
| ୫୦୦ | I | ୧ |
| ୫୪୦ | I | ୧ |
| ୫୫୦ | I | ୧ |
| ୫୭୦ | I | ୧ |
| ୫୮୦ | I | ୧ |
| ୬୦୦ | III | ୩ |
| ୬୨୦ | II | ୨ |
| ୬୫୦ | II | ୨ |
| | | ମୋଟ ବାରମ୍ବାରତା = ୨୦ |

୫. ୬.୨ ଏବଂ ୬.୩ ପଢ





୬ - ପ୍ରଶ୍ନ ନମ୍ବର ୪ର ଆଲୋଚନାରେ ପ୍ରଥମ ଦୁଇଟି ପର୍ଯ୍ୟାୟ ସମ୍ପର୍କରେ କୁହାଯାଇଛି । ତୃତୀୟ ପର୍ଯ୍ୟାୟ ଏହିପରି ହେବ ।

| ଆୟର ବର୍ଗ (ଟଙ୍କା) | ବାରମ୍ବାରତା (f) |
|---|---|
| ୪୦୦-୪୫୦ | ୨ |
| ୪୫୦-୫୦୦ | ୬ |
| ୫୦୦-୫୫୦ | ୨ |
| ୫୫୦-୬୦୦ | ୩ |
| ୬୦୦-୬୫୦ | ୫ |
| ୬୫୦-୭୦୦ | ୨ |
| | ମୋଟ ବାରମ୍ବାରତା ୨୦ |

୭. ୬.୩ (କ) ଏବଂ (ଖ) ପଢ

୮. (କ) ୬.୩ର (ଗ)

(ଖ) ୬.୩ (ଘ)

(ଗ) ୬.୩ (ଙ) ପଢ ।